ବର୍ଷ-୨୫, ସଂଖ୍ୟା-୧୨୯
ଭୁବନେଶ୍ୱର
୧୨, ମଇ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 129
Bhubaneswar
12,May, 2025, Monday
Page-08, Rs.: 2.00


# ମହାଭାରତ


RNI Regd. No.: ODIODI2000/03863
Website : www.mahabharataepaper.com

Mahabharat


# ୧୦୦ ଆତଙ୍କବାଦୀଙ୍କ ସହ ୪୦ ପାକିସ୍ତାନୀ ସୈନ୍ୟ ମୃତ

**ନୂଆଦିଲ୍ଲୀ,୧୧।୫(ଏଜେନ୍ସି):** ଆତଙ୍କବାଦ ବିରୋଧରେ ଥିଲା ଅପରେସନ ସିନ୍ଦୂର ଓ ତାହା ୧୦୦ ପ୍ରତିଶତ ସଫଳ ହୋଇଛି। ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ମୃତ୍ୟୁବରଣ କରିଛନ୍ତି ବୋଲି ଭାରତୀୟ ସେନା କହିଛି।




ରବିବାର ଭାରତର ତିନି ସେନା ଦ୍ୱାରା ଅପରେସନ ସିନ୍ଦୂର ଉପରେ ଏକ ପ୍ରେସ ବ୍ରିଫିଂ କରାଯାଇଥିଲା। ଭାରତୀୟ ସେନାର ଡିଜିଏମଓ ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ ଅପରେସନ ସିନ୍ଦୂର ବିଷୟରେ ସୂଚନା ଦେଇ କହିଛନ୍ତି, ୨୨ ଏପ୍ରିଲରେ ପହଲଗାମରେ ୨୬ ଜଣ ନିର୍ଦ୍ଦୋଷ ଲୋକଙ୍କୁ ଅଯଥାରେ ନିର୍ମମଭାବେ ହତ୍ୟା କରାଯାଇଥିଲା। ଅପରେସନ ସିନ୍ଦୂର ଆତଙ୍କବାଦର ଅପରାଧୀ ଏବଂ ଯୋଜନାକାରୀମାନଙ୍କୁ ଦଣ୍ଡ ଦେବା ଏବଂ ସେମାନଙ୍କର ଆତଙ୍କ ଭିତ୍ତିଭୂମିକୁ ନଷ୍ଟ କରିବାର ସ୍ପଷ୍ଟ ସାମରିକ ଉଦ୍ଦେଶ୍ୟ ସହିତ ସଂକଳ୍ପିତ ହୋଇଥିଲା। ସେନା ଆତଙ୍କବାଦୀ ଆକ୍ରମଣର ଜବାବ ଦେଇଛି। ଅପରେସନ ସିନ୍ଦୂର ୧୦୦ ପ୍ରତିଶତ ସଫଳ ହୋଇଛି। ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ସଠିକତାର ସହିତ ଟାର୍ଗେଟ କରାଯାଇଛି। ୭ ତାରିଖ ସକାଳେ, ସେନା ୯ଟି ଆତଙ୍କବାଦୀ ଆଡ୍ଡା ଉପରେ ଏକ ଅପରେସନ ଆରମ୍ଭ କରିଥିଲା ଏବଂ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲା। ମୃତକଙ୍କ ମଧ୍ୟରେ ୟୁସୁଫ ଆଝାର, ଅବଦୁଲ ମଲ୍ଲିକ ରୌଫ, ମୁଦାସିର ଅହମ୍ମଦ ପରି କୁଖ୍ୟାତ ଆତଙ୍କବାଦୀ ଥିଲେ। ସେହିପର ୬-୭ ତାରିଖର ଅପରେସନରେ ପାକିସ୍ତାନୀ ସେନାର ୩୦ରୁ ୪୦ ଶୀର୍ଷ ଅଧିକାରୀମାନେ ମଧ ନିହତ ହୋଇଥିଲେ।

୧୦ ତାରିଖରେ ପାକିସ୍ତାନ ସେନାର ଡିଜିଏମଓ ଯୁଦ୍ଧ ବିରତି ପାଇଁ ଅନୁରୋଧ କରିଥିଲେ ଓ ଭାରତୀୟ ସେନା ତାହାକୁ ଗ୍ରହଣ କରିଥିଲା। ତେବେ ଆଶଙ୍କା ଅନୁସାରେ ପାକିସ୍ତାନ ଏହାର କିଛି ସମୟ ପରେ ଏହି ବୁଝାମଣାର ଉଲ୍ଲଘଂନ କରିଥିଲା। ଏହାର ଦୃଢ଼ ଜବାବ ଦିଆଯାଇଥିଲା। ତେବେ ପରେ ହଟଲାଇନରେ ପାକିସ୍ତାନ ଡିଜିଏମଓଙ୍କ ସହ କଥା ହୋଇ ଏହି ପ୍ରସଙ୍ଗ ଉଠାଯାଇଥିଲା। ସେପଟେ ପାକିସ୍ତାନ ପଟୁ ଯେକୌଣସି ଦୁଃସାହାସର ଜବାବ ପାଇଁ ସେନା କମାଣ୍ଡରମାନଙ୍କୁ ସ୍ୱାଧୀନତା ଦିଆଯାଇଛି ବୋଲି ଲେଫ୍ଟନାଣ୍ଟ ଜେନେରାଲ ରାଜୀବ ଘାଇ କହିଛନ୍ତି। ଗତକାଲି ଉଭୟ ଦେଶର ଡିଜିଏମଓ ସ୍ତରରେ ଆଲୋଚନା ହେବ।

ରବିବାର ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପଶ୍ଚିମ ସୀମାର ସେନା କମାଣ୍ଡରମାନଙ୍କ ସହିତ ସୁରକ୍ଷା ପରିସ୍ଥିତି ସମୀକ୍ଷା କରିଛନ୍ତି। ଡିଜିଏମଓ ଆଲୋଚନା ମାଧ୍ୟମରେ ରାଜି ହୋଇଥିବା ଯୁଦ୍ଧବିରତିର ଯେକୌଣସି ଉଲ୍ଲଂଘନର ପ୍ରତିଶୋଧ ନେବା ପାଇଁ ସେନା ମୁଖ୍ୟ (ସିଓଏଏସ) ସେନା କମାଣ୍ଡରମାନଙ୍କୁ ପୂର୍ଣ୍ଣ ଅଧିକାର ପ୍ରଦାନ କରିଛନ୍ତି।

ଶନିବାର ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା ହେବାର ପ୍ରାୟ ୩ ଘଣ୍ଟା ପରେ ପାକିସ୍ତାନ ଏହାକୁ ଉଲ୍ଲଂଘନ କରିଥିଲା। ପାକିସ୍ତାନ ସୀମାରେ ଗୁଳିମାଡ଼ ଆରମ୍ଭ କରିଦେଇଥିଲା। ପାକିସ୍ତାନ ଦୀର୍ଘ ସମୟ ଧରି ସୀମାରେ ଅସ୍ତ୍ରବିରତି ଉଲ୍ଲଂଘନ କରିଥିଲା। ଏହା ପରେ, ରାତି ୧୦:୪୫ରେ, ବୈଦେଶିକ ମନ୍ତ୍ରଣାଳୟ ସଚିବ ବିକ୍ରମ ମିଶ୍ରି ପରିସ୍ଥିତି ବିଷୟରେ ସୂଚନା ଦେଇଥିଲେ। ଏହି ସମୟରେ, ପାକିସ୍ତାନ ସହିତ ଯୁଦ୍ଧବିରତି ପରେ, ଭାରତୀୟ ବାୟୁସେନା (ଆଇଏଏଫ) ରବିବାର କହିଛି ଯେ, ଅପରେସନ ସିନ୍ଦୂର ଏବେ ବି ଜାରି ରହିଛି। ଆଇଏଏଫ୍ କହିଛି ଯେ ଆମେ ଏହି ଅପରେସନର ଉଦ୍ଦେଶ୍ୟ ପୂରଣ କରିଛୁ। ବାୟୁସେନା ବିବୃତିରେ କୁହାଯାଇଛି, 'ଭାରତୀୟ ବାୟୁସେନା ଅପରେସନ୍ ସିନ୍ଦୂର ଅଧୀନରେ ଦିଆଯାଇଥିବା ସମସ୍ତ କାର୍ଯ୍ୟକୁ ସଠିକତା ଏବଂ ଦାୟିତ୍ୱର ସହିତ ସଫଳତାର ସହିତ ସମାପ୍ତ କରିଛି।'

## ଜାତିସଂଘରେ ଆତଙ୍କବାଦୀ ଲିଙ୍କ୍ ପ୍ରମାଣ ଦେବ ଭାରତ

**ନୂଆଦିଲ୍ଲୀ,୧୧।୫:** ଆସନ୍ତା ସପ୍ତାହରେ ଜାତିସଂଘ ସୁରକ୍ଷା ପରିଷଦ ବୈଠକ ବସିବ। ଜାତି ସଂଘ ସୁରକ୍ଷା ପରିଷଦକୁ ଭାରତ ଟିମ୍ ପଠାଇବ। ଆତଙ୍କବାଦୀଙ୍କ ସହ ପାକିସ୍ତାନର ଲିଙ୍କ ନେଇ ପ୍ରମାଣ ସହ ଟିମ ପଠାଇବ ବୋଲି ସୂଚନା ମିଳିଛି। ଆତଙ୍କବାଦୀ କାର୍ଯ୍ୟକଳାପରେ ପାକିସ୍ତାନର ସମ୍ପୃକ୍ତିର ନୂତନ ପ୍ରମାଣ ଉପସ୍ଥାପନ କରିବା ପାଇଁ ଭାରତ ଖୁବ୍ ଶୀଘ୍ର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନଏସସି)କୁ ଏକ ଦଳ ପଠାଇବ ବୋଲି ସୂଚନା ମିଳିଛି। ଆସନ୍ତା ସପ୍ତାହରେ ୟୁଏନଏସସି ୧୨୬୭ ପ୍ରତିବନ୍ଧକ କମିଟିର ଏକ ନିର୍ଦ୍ଧାରିତ ବୈଠକ ପୂର୍ବରୁ ଏହି ପଦକ୍ଷେପ ନିଆଯାଇଛି। ଭାରତ ପାକିସ୍ତାନର ଆତଙ୍କବାଦୀ ଗୋଷ୍ଠୀ ବିଶେଷକରି ଜୈଶ-ଏ-ମହମ୍ମଦ (ଜେଇଏମ) ସହିତ ସମ୍ପର୍କକୁ ଉପସ୍ଥାପନ କରିବ ବୋଲ ଆଶା କରାଯାଉଛି। ରିପୋର୍ଟ ଅନୁଯାୟୀ, ମେ ୭ ତାରିଖ ପ୍ରତ୍ୟୁଷରେ ଆରମ୍ଭ ହୋଇଥିବା ଅପରେସନ୍ ସିନ୍ଦୁର ଅନ୍ତର୍ଗତ ଭାରତର ସାମ୍ପ୍ରତିକ ସଠିକ୍ ଆକ୍ରମଣରେ ପାକିସ୍ତାନର ବାହାୱାଲପୁରରେ ଥିବା ଜେଇଏମ୍ ମୁଖ୍ୟାଳୟ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। "ବାହୱାଲପୁରରେ ଥିବା ଜୈଶ-ଏ-ମହମ୍ମଦ ମୁଖ୍ୟାଳୟରେ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ବ୍ୟବହାର କରାଯାଇଥିଲା। ଏହା ଭାରତ ଦ୍ୱାରା ଏକ ଦୃଢ଼ ବାର୍ତ୍ତା ଥିଲା। ଜେଇଏମକୁ ଆଇଏସଆଇ ଦ୍ୱାରା ସୃଷ୍ଟି କରାଯାଇଥିଲା ବୋଲି କୁହାଯାଇଛି। ଜାମ୍ମୁ ଏବଂ କାଶ୍ମୀରର ପହଲଗାମରେ ଏପ୍ରିଲ ୨୨ ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଏହି ଅଭିଯାନ ପାକିସ୍ତାନ ଏବଂ ପାକ୍ ଅଧିକୃତ ଜମ୍ମୁ ଏବଂ କାଶ୍ମୀର (ପିଓକେ) ରେ ଟି ଆତଙ୍କବାଦୀ ଭିତ୍ତିଭୂମି ସ୍ଥାନକୁ ଟାର୍ଗେଟ କରିଥିଲା, ଯେଉଁଥିରେ ଜଣେ ନେପାଳୀ ନାଗରିକଙ୍କ ସମେତ ୨୬ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ଆକ୍ରମଣ ପରେ ଉତ୍ତେଜନା ଏବଂ ସୀମାପାର ପ୍ରବଳ ଗୁଳିବର୍ଷା ସତ୍ତ୍ୱେ ଉଭୟ ଦେଶ ମେ ୧୦ ତାରିଖରେ ଶତ୍ରୁତା ବନ୍ଦ କରିବାକୁ ରାଜି ହୋଇଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ସତ୍ୟ ସାମାଜିକ ମଞ୍ଚରେ ଏହି ଯୁଦ୍ଧବିରତି ଘୋଷଣା କରିଥିଲେ।

## ରାମକୃଷ୍ଣ ଦାସ ମହାପାତ୍ର ନିଲମ୍ବିତ

**ପୁରୀ,୧୧।୫(ମହାଭାରତ):** ବରିଷ୍ଠ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ର (ଟିକିପୁଅ)ଙ୍କୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସେବା କାର୍ଯ୍ୟରୁ ତିରିଶ ଦିନ ପାଇଁ ନିଲମ୍ବିତ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. ଅରବିନ୍ଦ ପାଢ଼ୀ। ଏହି ନିଲମ୍ବନ ସମୟ ଭିତରେ ଶ୍ରୀ ଦାସ ମହାପାତ୍ର କୌଣସି ସେବାପୂଜାରେ ସାମିଲ ହୋଇପାରିବେ ନାହିଁ କିମ୍ବା ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ ବୋଲି ନିଲମ୍ବନ ଆଦେଶରେ ଉଲ୍ଲେଖ ରହିଅଛି। ଏଥି ସହିତ ଶ୍ରୀ ଦାସମହାପାତ୍ରଙ୍କୁ ନିଲମ୍ବନ ଆଦେଶ ଜରିଆରେ ସ୍ପଷ୍ଟ କରାଯାଇଅଛି ଯେ, ନିଲମ୍ବନ ଅବଧି ସମୟରେ ଦଇତାପତି କିମ୍ବା ଅନ୍ୟ ନିଯୋଗର କୌଣସି ସେବକଙ୍କୁ ତଥା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ସେ ପ୍ରଲୋଭିତ କିମ୍ବା ଧମକଚମକ କରି ଶ୍ରୀମନ୍ଦିରର କୌଣସି ସେବାପୂଜା ବା ନୀତିକାନ୍ତିରେ ବାଧକ ସାଜିବେ ନାହିଁ। ଏପରି କଲେ ନିଲମ୍ବନ ଅବଧିକୁ ବର୍ଦ୍ଧିତ କରାଯାଇ ଆହୁରି କଠୋର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ସମୟ ମଧ୍ୟରେ ଶ୍ରୀମନ୍ଦିର କମାଣ୍ଡର ତଥା ବରିଷ୍ଠ ସୁପରଭାଇଜର ନିୟମିତ ଭାବେ ଶ୍ରୀ ଦାସମହାପାତ୍ରଙ୍କ ଆଚାର ବ୍ୟବହାର ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ପ୍ରଦାନ କରିବେ। ନିଲମ୍ବନ ତଥା ପରବର୍ତ୍ତୀ ସମୟରେ ଶ୍ରୀ ଦାସମହାପାତ୍ରଙ୍କ ବିଶୃଙ୍ଖଳ ଆଚରଣ ପରିଲକ୍ଷିତ ହେଲେ, ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରାପ୍ୟ, ପାଉଣା, ପୁରସ୍କାର ରଦ୍ଦ କରାଯିବ ବା ସ୍ଥଗିତ ରଖାଯିବ ବୋଲି ମଧ ଆଦେଶରେ କୁହାଯାଇଛି।



## ବ୍ରହ୍ମୋସ ଉତ୍ପାଦନ ୟୁନିଟ୍ ଉଦ୍‌ଘାଟନ କଲେ ରାଜନାଥ

**ଲକ୍ଷ୍ନୌ,୧୧।୫(ଏଜେନସି):** ପାକିସ୍ତାନ ସହିତ ବଢୁଥିବା ସାମରିକ ଉତ୍ତେଜନା ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରବିବାର ଉତ୍ତରପ୍ରଦେଶର ଲକ୍ଷ୍ନୌର ପ୍ରତିରକ୍ଷା ଶିଳ୍ପ କରିଡରରେ ବ୍ରହ୍ମୋସ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ଉତ୍ପାଦନ ୟୁନିଟ୍‌କୁ ଭର୍ଚୁଆଲ୍ ଭାବରେ ଉଦ୍ଘାଟନ କରିଛନ୍ତି। ଉତ୍ପାଦନ ୟୁନିଟ୍‌କୁ ବାର୍ଷିକ ୮୦ ରୁ ୧୦୦କ୍ଷେପଣାସ୍ତ୍ର ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଛି। ଲକ୍ଷ୍ନୌରେ ବ୍ରହ୍ମୋସ୍ ଏରୋସ୍ପେସ୍ ଇଣ୍ଟିଗ୍ରେସନ୍ ଏବଂ ପରୀକ୍ଷଣ ସୁବିଧାର ଉଦ୍ଘାଟନ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଆଜି ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ। ୧୯୯୮ ମସିହାରେ ଏହି ଦିନ, ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ, ଆମର ବୈଜ୍ଞାନିକମାନେ ପୋଖରାନରେ ପରମାଣୁ ପରୀକ୍ଷଣ କରିଥିଲେ ଏବଂ ବିଶ୍ୱକୁ ଭାରତର ଶକ୍ତି ଦେଖାଇଥିଲେ। ସେହି ପରୀକ୍ଷଣ ଆମର ବୈଜ୍ଞାନିକ, ଇଞ୍ଜିନିୟର, ପ୍ରତିରକ୍ଷା କର୍ମଚାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ଅପାର ପ୍ରୟାସର ଫଳାଫଳ ଥିଲା। ସେ କହିଛନ୍ତି, ଏହି ଉତ୍ପାଦନ ୟୁନିଟ୍ ଭାରତର ପ୍ରତିରକ୍ଷା ଉତ୍ପାଦନ କ୍ଷମତାକୁ ଆହୁରି ମଜବୁତ କରିବ ଏବଂ ଆତ୍ମନିର୍ଭରଶୀଳ ଭାରତ ଦିଗରେ ଆଉ ଏକ ଦୃଢ଼ ପଦକ୍ଷେପ। ସେ କହିଛନ୍ତି, ପାକିସ୍ତାନରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିବା ଲକ୍ଷ୍ୟରେ ଭାରତୀୟ ସେନା ଅପରେସନ ସିନ୍ଦୂର ଆରମ୍ଭ କରିଥିଲେ। ଆମେ କେବେ ବି ସେମାନଙ୍କର ସାଧାରଣ ଲୋକଙ୍କୁ ଟାର୍ଗେଟ କରିନାହୁଁ। କିନ୍ତୁ ପାକିସ୍ତାନ କେବଳ ଭାରତର ସାଧାରଣ ଅଞ୍ଚଳକୁ ଟାର୍ଗେଟ କରିନଥିଲା ବରଂ ମନ୍ଦିର, ଗୁରୁଦ୍ୱାର ଏବଂ ଚର୍ଚ୍ଚ ଉପରେ ମଧ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଏହା ସହିତ, ସେ କହିଛନ୍ତି ଯେ ଭାରତୀୟ ସେନା ସାହସ ଏବଂ ବୀରତ୍ୱ ପ୍ରଦର୍ଶନ କରିବା ସହିତ ସଂଯମତା ପ୍ରଦର୍ଶନ କରିଛି ଏବଂ ପାକିସ୍ତାନର ଅନେକ ସାମରିକ ଘାଟି ଉପରେ ଆକ୍ରମଣ କରି ଉପଯୁକ୍ତ ଜବାବ ଦେଇଛି। ଆମେ କେବଳ ସୀମା ନିକଟରେ ଅବସ୍ଥିତ ସାମରିକ ଘାଟିଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହୁଁ, ବରଂ ପାକିସ୍ତାନ ସେନାର ମୁଖ୍ୟାଳୟ ରାୱଲପିଣ୍ଡି ପର୍ଯ୍ୟନ୍ତ ଭାରତୀୟ ସେନାର ବିପଦ ଅନୁଭୂତ ହୋଇଥିଲା। ରାଜନାଥ ସିଂହ କହିଛନ୍ତି, ଉରି ଘଟଣା ପରେ, ସାରା ବିଶ୍ୱ ଦେଖିଲା ଯେ, ଭାରତରେ ଆତଙ୍କବାଦୀ ଘଟଣା ଘଟାଇବା ଏବଂ କରାଇବାର ପରିଣାମ କ'ଣ ହୁଏ। ଯେତେବେଳେ ଆମର ସେନା ପାକିସ୍ତାନରେ ପ୍ରବେଶ କରି ସର୍ଜିକାଲ୍ ଷ୍ଟ୍ରାଇକ୍ କରିଥିଲା, ପୁଲୱାମା ପରେ, ଆମେ ଦେଖିଲୁ ଯେତେବେଳେ ବାଲାକୋଟରେ ବାୟୁସେନା ଆକ୍ରମଣ କରାଯାଇଥିଲା ଏବଂ ଏବେ ପହଲଗାମ୍ ଘଟଣା ପରେ, ବିଶ୍ୱ ଦେଖୁଛି ଯେ, ଭାରତ ପାକିସ୍ତାନରେ ପ୍ରବେଶ କରି ଅନେକ ଆକ୍ରମଣ କରିଛି। ଆତଙ୍କବାଦ ବିରୁଦ୍ଧରେ ଶୂନ ସହନଶୀଳତାର ନୀତି ଅନୁସରଣ କରି, ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ପଷ୍ଟ କରିଛନ୍ତି ଯେ, ଏହା ଏକ ନୂତନ ଭାରତ, ଯାହା ସୀମାର ଉଭୟ ପାର୍ଶ୍ୱରେ ଆତଙ୍କବାଦ ବିରୁଦ୍ଧରେ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।




## ୨ ଦୁର୍ଦ୍ଦାନ୍ତ ଲୁଟେରା ଗିରଫ

**ଭୁବନେଶ୍ୱର,୧୧।୫ (ମହାଭାରତ):** କିଛି ଦିନ ହେଲା ରାଜଧାନୀରେ ଛିନ୍ତାଇ କରି ପୁଲିସର ମୁଣ୍ଡବିନ୍ଧା ବାଇଥିବା ଦୁର୍ଦ୍ଦାନ୍ତ ଚିଙ୍ଗୁଡ଼ା ପୁଣି ବନ୍ଧା ହୋଇଛି। ଏପ୍ରିଲ୍ ମାସରେ ଲଗାତାର ୩ଟି ଛିନତାଇ କରି ଚିଙ୍ଗୁଡ଼ା ଓ ତା' ସହଯୋଗୀ ରାକେଶ ପଣ୍ଡା ରାଜଧାନୀରେ ଆତଙ୍କ ଖେଳାଇଥିଲେ। ଏପ୍ରିଲ୍ ୩ ତାରିଖ ରାତିରେ ବଡ଼ଗଡ଼ ଥାନା କୁଆଖାଇ ନଈପଠାରେ ବିହାରର ୨ ଲୁଟେରା ସୋନୁ ଯାଦବ ଓ ମାନସ ଯାଦବକୁ ପୁଲିସ ଏନକାଉଣ୍ଟର୍ କରିଥିଲା। ତେଣୁ ରାଜଧାନୀରୁ ଛିନତାଇ କମିବ ବୋଲି ଆଶା କରାଯାଉଥିଲା। ମାତ୍ର ପରେପରେ ଚିଙ୍ଗୁଡ଼ା ମାତି ଉଠିଥିଲା। ଆଜି ଏୟାରପୋର୍ଟ ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ୫ଟି ଚେନ୍ ଓ ହଳେ କଙ୍କଣ (ମୋଟ୍ ୪୭ ଗ୍ରାମ୍) ଓ ଲୁଟରେ ବ୍ୟବହୃତ ପଲ୍ସର୍ ୨୨୦ ଜବତ କରାଯାଇଛି। ଡୁମୁଡୁମା ସୁବାସନଗରବସ୍ତିରେ ରହୁଥିବା ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠିଆ ଥାନା ଆମ୍ବପୁଅ ଗାଁର ଲିଙ୍ଗା ଦଳେଇ ଓରଫ ଚିଙ୍ଗୁଡ଼ା (୩୦) ଜଣେ ପେସାଦାର ଅପରାଧୀ।

## ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପାଇଁ ଖର୍ଚ୍ଚ ହେବ ୧୭୪ କୋଟି

**ଭୁବନେଶ୍ୱର,୧୧।୫(ମହାଭାରତ):** ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ପାଇଁ ଓଡ଼ିଶା ପର୍ଯ୍ୟଟନ ବିଭାଗର ମାଷ୍ଟର୍ପ୍ଲାନ୍ । ଖର୍ଚ୍ଚ ହେବ ୧୭୪ କୋଟି । ଏହାର କୋର୍ ଏବଂ ବଫର୍ ଅଞ୍ଚଳରେ ସିରିଜ୍ ପର୍ଯ୍ୟଟନ ଭିତ୍ତିଭୂମିର ଉନ୍ନତୀକରଣ କରାଯିବ। ଓଡ଼ିଶା ଜଙ୍ଗଲ ବିଭାଗର ଆଗ୍ରହ ଓ ଅନୁମତି କ୍ରମେ ଏକ ବିସ୍ତୃତ ଡିପିଆର୍ ପ୍ରସ୍ତୁତ ଚାଲିଛି। ମୁଖ୍ୟ ଅଞ୍ଚଳର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପ୍ରକଳ୍ପ ନିର୍ମାଣ ହେବ ଯେଉଁଥିରେ ପରିବେଶର କୌଣସି କ୍ଷତି ପହଞ୍ଚିବ ନାହିଁ । ପ୍ରାୟତଃ ଅସ୍ଥାୟୀ ନିର୍ମାଣ କରାଯିବ।



'ସ୍ପେଶାଲ୍ ଆସିଷ୍ଟାନ୍ସ ଟୁ ଷ୍ଟେଟ୍ସ ଫର୍ କ୍ୟାପିଟାଲ୍ ଇନ୍ଭେଷ୍ଟମେଣ୍ଟ (ଏସ୍ଏଏସ୍ସିଆଇ) ଯୋଜନା ଅଧୀନରେ ୧୧୩୬.୭୦ ବର୍ଗ କିଲୋମିଟରର ବିସ୍ତାରିତ ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବ୍ୟାଘ୍ର ଭୂମି ସାତକୋଶିଆ। ପାଇଁ ସମନ୍ୱିତ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିଥିଲା ଓଡ଼ିଶା ପର୍ଯ୍ୟଟନ ବିଭାଗ। ମୂଳ ଯୋଜନାରେ, ବିଭାଗ ୩ଟି ଜୋନ୍ ଯଥାକ ପମ୍ପାସରଟିକରପଡ଼ା ହବ୍, ବାଲିପୁଟ-ବଡ଼ମୁଳ ହବ୍ ଏବଂ କୁସଙ୍ଗା-ଶୀତଳପାଣି ହବ୍ ବ୍ୟାଘ୍ର ସଂରକ୍ଷଣର ପ୍ରସ୍ତାବ ଦେଇଥିଲା। ଏହିସବୁଠାରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବିଭିନ୍ନ ପ୍ରକଳ୍ପ ରହିଥିଲା। ମୁଖ୍ୟତଃ ପମ୍ପାସର-ଟିକରପଡ଼ା ହବ୍ରେ ପର୍ଯ୍ୟଟକ ଆଗମନ ପ୍ଲାଜା, ରହଣି ସ୍ଥଳ, ପକ୍ଷୀ ଦେଖିବା ସ୍ଥଳ, ଘଡ଼ିଆଳ ଗବେଷଣା ଏବଂ ସଂରକ୍ଷଣ ୟୁନିଟ୍ (ଜିଆର୍ଏସିୟୁ), ପ୍ରକୃତି ବ୍ୟାଖ୍ୟାନ କେନ୍ଦ୍ର, ଆମ୍ଫି ଥିଏଟର୍, ଜେଟି ଉନ୍ନତୀକରଣ ଏବଂ ଦୁଃସାହସିକ କ୍ରୀଡ଼ା ଆଦି ରହିଛି। ସେହିପରି ବାଲିପୁଟ-ବଡ଼ମୁଳ ହବ୍ରେ ଆଗମନ ପ୍ଲାଜା ସହ ନଦୀ କୂଳରେ ମଜା, ପକ୍ଷୀ ଦେଖିବା ସ୍ଥଳ, କ୍ରୁଜ୍ ହବ୍, କାରାଭାନ୍ ପାର୍କ ଏବଂ ଦୁଃସାହସିକ କ୍ରୀଡ଼ା ପ୍ରସ୍ତାବ ରହିଥିଲା। ସେହିପରି କୁସଙ୍ଗାଶୀତଳପାଣି ହବ୍ରେ ଆଗମନ ପ୍ଲାଜା, ଜେଟି ଉନ୍ନତୀକରଣ, ପ୍ରକୃତି ବ୍ୟାଖ୍ୟାନ କେନ୍ଦ୍ର, ଦୁଃସାହସିକ କ୍ରୀଡ଼ା ସହ ମନ୍ଦିର ପର୍ଯ୍ୟଟନ ପ୍ରସ୍ତାବିତ ହୋଇଥିଲା।

ମାଷ୍ଟର୍ପ୍ଲାନ୍ ଅନୁଯାୟୀ, ଟିକରପଡ଼ାରେ ପ୍ରାୟ ୬.୮୬ ଏକର ଜମି, ବାଲିପୁଟରେ ୧୫.୬୪ ଏକର, ପୁରୁଣାକୋଟରେ ୧୬.୦୭ ଏକର, ଛାମୁଣ୍ଡିଆରେ ୩.୭୭ ଏକର, ବଡ଼ମାଳରେ ୮.୩୭ ଏକର ଏବଂ ଶୀତଳପାଣି ଅଞ୍ଚଳରେ ୧୯.୫୫ ଏକର ଜମି, ମୁଖ୍ୟତଃ ବ୍ୟାଘ୍ର ସଂରକ୍ଷଣର ବଫର୍ ଜୋନ୍ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସ୍ଥିର କରାଯାଇଥିଲା। ମାଷ୍ଟର୍ପ୍ଲାନର ସମୀକ୍ଷା ପରେ ଜଙ୍ଗଲ ବିଭାଗ, ପର୍ଯ୍ୟଟନ ବିଭାଗକୁ ଏଥିରେ ଆବଶ୍ୟକ ପରିବର୍ତ୍ତନ କରି ଏକ ନୂତନ ଡିପିଆର୍ ପ୍ରସ୍ତୁତ କରିବାକୁ ଅନୁରୋଧ କରିଛି। ଏହାର କାରଣ ବର୍ତ୍ତମାନର ପ୍ରସ୍ତାବରେ ବଫର୍ ଜୋନ୍ରେ ଯେଉଁ ପ୍ରକଳ୍ପ ଅନ୍ତର୍ଭୁକ୍ତ ଅଛି, ତାହା ସହଜରେ କାର୍ଯ୍ୟକାରୀ ହୋଇପାରିବ ନାହିଁ। ସେଥିଲାଗି ଏହି କ୍ଷେତ୍ରଗୁଡ଼ିକ ମଧ୍ୟରୁ ଯେକୌଣସି ସ୍ଥାନରେ ପର୍ଯ୍ୟଟକ ବାସସ୍ଥାନ ନିର୍ମାଣର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଏପରିକି ପମ୍ପାସର-ଟିକରପଡ଼ା ହବ୍ରେ କୁଟୀର ଉନ୍ନତୀକରଣ, ଆମ୍ଫି ଥିଏଟର୍, ଜେଟି ଉନ୍ନତୀକରଣ ଏବଂ ଦୁଃସାହସିକ କ୍ରୀଡ଼ା ଯୋଜନାକୁ ମଧ ବାତିଲ କରାଯାଇଛି। ପ୍ରକୃତରେ ଏହିସବୁ ପର୍ଯ୍ୟଟନ ପ୍ରକଳ୍ପ ଗୁଡ଼ିକ ପାଇଁ ଜାତୀୟ ବନ୍ୟପ୍ରାଣୀ ବୋର୍ଡ (ଏନ୍ବିଡବ୍ଲୁଏଲ୍) ସହିତ ରାଜ୍ୟ ବନ୍ୟପ୍ରାଣୀ ବୋର୍ଡର ଅନୁମୋଦନ ମଧ ଜରୁରି।

ଏହାବ୍ୟତୀତ, ସାତକୋଶିଆର ଇକୋ-ସେନ୍ସିଟିଭ୍ ଜୋନ୍‌କୁ ନଜରରେ ରଖି ଅଭୟାରଣ୍ୟ ସୀମାର ୧୦ କିଲୋମିଟର ଅଞ୍ଚଳ ମଧ୍ୟରେ ଏହି ପ୍ରକଳ୍ପ ନିର୍ମାଣ ପୂର୍ବରୁ ବି ଅନୁମତି ନେବାକୁ ପଡ଼ିବ। ପରିବେଶ ପ୍ରଭାବ ମୂଲ୍ୟାଙ୍କନ ବିଜ୍ଞପ୍ତି ୨୦୦୬ର ସୂଚୀରେ ତାଲିକାଭୁକ୍ତ ପ୍ରକଳ୍ପଗୁଡ଼ିକ ପାଇଁ ଏନ୍ବିଡବ୍ଲୁଏଲ୍ ସ୍ଥାୟୀ କମିଟିର ଅନୁମତି ନେବା ମଧ ଜରୁରି ବୋଲି ନିର୍ଦ୍ଦେଶ ରହିଛି।

ଏହି ପ୍ରକଳ୍ପ ଡିପିଆର୍ ପ୍ରସ୍ତୁତ ପାଇଁ ପର୍ଯ୍ୟଟନ ବିଭାଗ, ଓଡ଼ିଶା ସେତୁ ଏବଂ ନିର୍ମାଣ ନିଗମ ଲିମିଟେଡ୍ (ଓବିସିସି)କୁ ନିୟୋଜିତ କରିଛି। ପ୍ରଧାନ ମୁଖ୍ୟ ବନ୍ୟ ସଂରକ୍ଷକ (ପିସିସିଏଫ୍) (ବନ୍ୟପ୍ରାଣୀ) ପ୍ରେମ କୁମାର ଝା କହିଛନ୍ତିକି ଜଙ୍ଗଲ ବିଭାଗ ସହ ପରାମର୍ଶ କରି ମାଷ୍ଟର୍ପ୍ଲାନ୍ ସଂଶୋଧନ ପୂର୍ବକ ପ୍ରସ୍ତୁତ କରିବାକୁ ପର୍ଯ୍ୟଟନ ବିଭାଗକୁ କୁହାଯାଇଛି।


DADLS-22



## ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଗୁରୁ ଗୁମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ସାନ୍ତାଳୀ ଭାଷାର ଲିପି 'ଅଲ୍ ଚିକି' ସୃଷ୍ଟି କରି ସେ ଦେଶ ଓ ବିଦେଶର ଏକ ବିଶାଳ ସମ୍ପ୍ରଦାୟର ଭାଷା, ସାହିତ୍ୟ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ନିଜର ଅମୂଲ୍ୟ ଅବଦାନ ରଖିଯାଇଛନ୍ତି। ଏହି ଅବସରରେ ମୁଁ ସମଗ୍ର ସାନ୍ତାଳୀ ସମାଜକୁ ମୋର ଶୁଭେଚ୍ଛା ଜଣାଉଛି ଓ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0652/2526

## କୋବି ପରଟା

ଆସନ୍ତୁ ଜାଣିବା କିପରି ଭିନ୍ନ ଅନ୍ଦାଜରେ ପ୍ରସ୍ତୁତ କରିବା କୋବି ପରଟା ।

ଆବଶ୍ୟକୀୟ ସାମଗ୍ରୀ: ଅଟା-୨୫୦ ଗ୍ରାମ, ତେଲ -୨ଚାମଚ, ଲୁଣ- ସ୍ୱାଦ ଅନୁସାରେ, କୋବି-୧ଟି ଛୋଟ ଛୋଟ କଟାଯାଇଥିବା, ୬- ହଳଦୀ, ୭- ଧନିଆ ପାଉଡର, ୮- ଜିରା ବା ଜୁଆଣୀ, ୯- ଧନିଆ ପତ୍ର, ୧୦- ଆମଚୁର ପାଉଡର

ପ୍ରସ୍ତୁତ ପ୍ରଣାଳୀ

ଏଗୁଡିକୁ ଭଲ ଭାବେ ମିଶାଇ ଏକ ଅଟା ଚକଟା ପ୍ରସ୍ତୁତ କରନ୍ତୁ । ଚକଟିବା ପରେ ୨୦ରୁ ୩୦ ମିନିଟ ପାଇଁ ଛାଡି ଦିଅନ୍ତୁ । ଏବେ ବନ୍ଧା କୋବିରୁ ଉପର ତ୍ୱଚାକୁ ବାହାର କରି ଦିଅନ୍ତୁ । ଏବେ ୫ରୁ୧୦ ମିନିଟ ଗରମ ପାରିରେ ପକାନ୍ତୁ । ଏବେ ଏକ ପ୍ୟାନ ଗରମ କରି ସେଥିରେ ଏକ ଚାମଚ ତେଲ ଦିଅନ୍ତୁ । ଏବେ ସେଥିରେ ଛୋଟ ଚାମଚ କରି ସେଥିରେ ଛୋଟ ଚାମଚ ଜୁଆଣୀ ବା ଜିରା ଫୁଟାନ୍ତୁ ।



..... ପରଦା ଖବର .....

## ୧୦ ନବାଗତଙ୍କ ସହ ଫେରୁଛନ୍ତି ଅମୀର

ଅଧିକାଂଶ ସମୟରେ କାହାଣୀ ଓ ଚରିତ୍ରକୁ ନେଇ ପରୀକ୍ଷାନିରୀକ୍ଷା କରିଥାଆନ୍ତି ଅମୀର୍ ଖାନ୍। ସଂପ୍ରତି ନିଜର ନୂଆ ଚଳଚ୍ଚିତ୍ରରେ ୧୦ଜଣ ନବାଗତଙ୍କୁ ପରଦାକୁ ଆଣିବା ନେଇ ଚର୍ଚ୍ଚାରେ ଅଛନ୍ତି ପରଫେକ୍ସନିଷ୍ଟ୍ ଅମୀର୍। ବ୍ୟବସାୟ ଦୃଷ୍ଟିରୁ ନିର୍ଦ୍ଦେଶକମାନେ ନିଜ ଫିଲ୍ମରେ ଷ୍ଟାର୍କିଡ୍ସଙ୍କୁ ସୁଯୋଗ ଦେଉଥିବା ବେଳେ ଅମୀର୍ କିନ୍ତୁ ସିନେଶିଳ୍ପ ସହ ସଂପର୍କ ନ ଥିବା ୧୦ ଜଣ ପ୍ରତିଭାବାନ୍ ଯୁବ କଳାକାରଙ୍କୁ ଲଞ୍ଚ୍ କରୁଛନ୍ତି। ଅମୀର୍ଙ୍କ ନୂଆ ଛବି 'ସିତାରେ ଜମିନ୍



ପର୍'ର ନିକଟରେ ଫାଷ୍ଟ୍ ଲୁକ୍ ରିଲିଜ୍ ହେବାପରେ ଏକଥା ସାମ୍ନାକୁ ଆସିଛି। ଏହି ଫିଲ୍ମ ଘୋଷଣା ହେବା ପର ଠାରୁ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ରହିଛି। 'ସିତାରେ ଜମିନ୍ ପର୍' ଅମୀର୍ଙ୍କ ୨୦୦୭ର ସୁପର୍ହିଟ୍ ଫିଲ୍ମ 'ତାରେ ଜମିନ୍ ପର୍'ର ସ୍ପିରିଚୁଆଲ୍ ସିକ୍ୱେଲ୍ ବୋଲି ଜଣାପଡ଼ିଛି। ଫିଲ୍ମଟି ଜୁନ୍ ୨୦ରେ ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରକାଶ। ପ୍ରଥମ ପୋଷ୍ଟରେ ଅମୀର ଏକ ଚେୟାରରେବସିଥିବା ବେଳେ ବାକି ୧୦ଜଣ ନବାଗତ ତାଙ୍କ ପଛରେ ଠିଆ ହୋଇଥିବା ଦେଖାଯାଇଛି। ଅମୀର୍ଙ୍କ ପ୍ରଯୋଜନା ସଂସ୍ଥା ଆରୁଷ ଦ□, ଗୋପୀକୃଷ୍ଣ ବର୍ମା, ସମିତ ଦେଶାଇ, ବେଦାନ୍ତ ଶର୍ମା, ଆୟୁଷ ଭଂସାଲୀ, ଆଶିଷ ପେଣ୍ଡସେ, ଋଷି ସାହାନି, ଋଷଭ ଜୈନ, ନମନ ମିଶ୍ର ଏବଂ ସିମ୍ରନ୍ ମଙ୍ଗେଷ୍କର୍ଙ୍କୁ ଲ□ କରିବାକୁ ଯାଉଛି। ଫିଲ୍ମର ପ୍ରଥମ ଝଲକ ବହୁତ ଆକର୍ଷଣୀୟ ହୋଇଥିବାରୁ 'ସିତାରେ ଜମିନ୍ ପର୍'କୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିଛି। ଏହି ଚଳଚ୍ଚିତ୍ର ସହ ଅମୀର୍ ଖାନ୍ ବହୁତ ଦିନ ପରେ ବଡ଼ ପରଦାକୁ ଫେରିବେ ଏବଂ ଏଥର ତାଙ୍କ ବିପକ୍ଷରେ ଅଭିନେତ୍ରୀ ଜେନେଲିଆ ଦେଶ୍ମୁଖ୍ ନଜର ଆସିବେ। ଫିଲ୍ମର ପୋଷ୍ଟରରୁ ସୂଚନା ମିଳୁଛି କି ଏଥର ସଂପୂର୍ଣ୍ଣ ଭିନ୍ନସ୍ୱାଦର କାହାଣୀ ନେଇ ଅମୀର ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଆର.ଏସ୍. ପ୍ରସନ୍ନା। ଏହା ପୂର୍ବରୁ ସେ 'ଶୁଭ ମଙ୍ଗଲ ସାବଧାନ୍' ଭଳି ହିଟ୍ ଫିଲ୍ମର ନିର୍ଦ୍ଦେଶନା ଦେଇସାରିଛନ୍ତ।

## ବୈକୁଣ୍ଠ ଚତୁର୍ଦ୍ଦଶୀ



ପୌରାଣିକ କଥାବସ୍ତୁ ଅନୁସାରେ ଥରେ ବିଷ୍ଣୁ କାଶିରେ ଶିବ ଭଗବାନଙ୍କ ଉପରେ ଏକ ହଜାର ସ୍ୱର୍ଣ୍ଣ କମଳ ପୁଷ୍ପ ଚଢ଼ାଇବାର ସଂକଳ୍ପ କରିଥିଲେ । ଯେବେ ଏହି ସଂକଳ୍ପ ପାଳନ କରିବାର ସମୟ ଆସିଲା, ସେହି ସମୟରେ ଭଗବାନ ଶିବ, ବିଷ୍ଣୁଙ୍କୁ ପରୀକ୍ଷା କରିବା ପାଇଁ ଗୋଟିଏ ସ୍ୱର୍ଣ୍ଣ କମଳ ପୁଷ୍ପ କମ୍ କରି ଦେଇଥିଲେ ।

ପୁଷ୍ପ କମ୍ ହୋଇଯିବାରୁ ବିଷ୍ଣୁ ନିଜ କମଳ ନୟନ ନାମକୁ ସ୍ମରଣ କରି ଭଗବାନ ଶିବଙ୍କ ନିକଟରେ ନିଜ ନେତ୍ର ସମର୍ପିତ କରି ଦେଇଥିଲେ । ବିଷ୍ଣୁଙ୍କ ଏଭଳି ଭକ୍ତିଭାବ ଦେଖି କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀକୁ 'ବୈକୁଣ୍ଠ ଚତୁର୍ଦ୍ଦଶୀ' ନାମରେ ପାଳନ କରାଯାଏ। ସେହି ଦିନଠାରୁ ବୈକୁଣ୍ଠ ଚତୁର୍ଦ୍ଦଶୀ ନାମରେ ପାଳନ କରାଯାଇ ଭଗବାନ ବିଷ୍ଣୁଙ୍କ ଆରାଧନା କରାଯାଉଛି। ଏହି ଦିନ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କଲେ ଭଗବାନ ପ୍ରସନ୍ନ ହୋଇଥାନ୍ତି ଓ ଭକ୍ତର ମନସ୍କାମନା ପୂର୍ଣ୍ଣ କରିଥାନ୍ତି ।

## ଇମ୍ୟୁନିଟି ବୃଦ୍ଧି କରେ କଖାରୁ !

ଲୋକଙ୍କୁ ସୁଷମ ଖାଦ୍ୟ ଖାଇବା ଲାଗି ଏବେ ଡାକ୍ତରମାନେ ପରାମର୍ଶ ଦେଉଛନ୍ତି। ଔଷଧ ଅପେକ୍ଷା ଖାଦ୍ୟରୁ ବିଭିନ୍ନ ଭିଟାମିନ ଆହରଣ କରାଯାଇପାରେ। ଏଥିରେ ଭାରତୀୟ ବ୍ୟଞ୍ଜନରେ ଉପଯୋଗ ହେଉଥିବା ପନିପରିବା ଲୋକଙ୍କୁ ବେଶ ପୋଷକତତ୍ତ୍ୱ ଯୋଗାଇଦେବ ବୋଲି ଡାୟଟିଶିଆନମାନେ କହିଛନ୍ତି। ଏଥିରେ ଦୈନନ୍ଦିନ ଉପଯୋଗରେ ଆସୁଥିବା ପରିବା କଖାରୁ ପୋଷଣ ବୃଦ୍ଧିରେ ସହାୟକ ହୋଇପାରେ ବୋଲି ଡାୟଟିଶିଆନ କହିଛନ୍ତି।

କଖାରୁ ଭିଟାମିନରେ ଭରପୁର ଏକ ସବୁଜ ପରିବା। ଏଥିରେ ଜାଂଥିନ ଓ ଜେକସେନ୍ଥିନ ସମେତ କେରୋଟିନ ଓ ଭିଟାମିନ୍ ଏ ପ୍ରଚୁର ପରିମାଣରେ ରହିଛି। ଯାହା କରୋନାରେ ଇମ୍ୟୁନିଟି ବୃଦ୍ଧିରେ ବେଶ ସହାୟକ ହୋଇପାରେ। କଖାରୁ ମଞ୍ଜିରେ ପ୍ରଚୁର ଭିଟାମିନ ସି ଭରି ରହିଛି। ଏହା ଛଡା ଏହାର ଅନ୍ତ ପ୍ରଚୁର ଭିଟା କାରୋଟିନ୍ ରହିଛି। ଏହି ପୋଷକ ତତ୍ତ୍ୱ ଆମ ଶରୀରରେ ଇମ୍ୟୁନିଟି ବୃଦ୍ଧିରେ ବେଶ ସହାୟକ ହୋଇପାରିବ। କଖାରୁ ଏକ ଏପରି ପରିବା ଯେଉଁଥିରେ ଆମର ଦୃଷ୍ଟି ଶକ୍ତି ଜନିତ ସମସ୍ୟାର ସମାଧାନ ମଧ୍ୟ ରହିଛି। ଏଥିରେ ପ୍ରଚୁର ଭିଟାମିନ-ଏ ରହୁଥିବାରୁ ଉଚିତ ମାତ୍ରାରେ କଖାରୁ ପ୍ରସ୍ତୁତ ବ୍ୟଞ୍ଜନ ଖାଇଲେ ଦୃଷ୍ଟି ଶକ୍ତି କମଜୋର ହୋଇନଥାଏ। ଏଥିରୁ ବୟସ ବୃଦ୍ଧିରେ ଖାଦ୍ୟରେ କଖାରୁ ସାମିଲ କରାଗଲେ ଦୃଷ୍ଟି ଶକ୍ତି ଜନିତ



ସମସ୍ୟା ନିରାକରଣରେ ସହାୟକ ହେବ ବୋଲି କୁହାଯାଏ। ଏହି ପରିବାରେ ଭିଟା କାରୋଟିନା ମିଳୁଥିବାରୁ ଯାହା ଶରୀରକୁ ଭିଟାମିନ୍ ଏ ଯୋଗାଇ ଦେଇଥାଏ। ଏହି ପରିବାରେ ପ୍ରଚୁରମାତ୍ରାରେ ଫାଇବର ଥାଏ। ଏହା ଛଡା ଏଥିରେ ଫ୍ୟାଟସ୍ ବି ନଥାଏ। ଫାଇବର ଯୋଗୁ କ୍ଷୁଧା ନିୟନ୍ତ୍ରିତ ହେଉଥିବା ବେଳେ ଶରୀରର ଓଜନ ହ୍ରାସ ହୋଇଥାଏ। ଏଥିରେ କ୍ୟାଲୋରୀ ମାତ୍ରା କମ ରହୁଥିବାରୁ ପୃଥୁଳତା ହ୍ରାସରେ ସହାୟକ ହୋଇଥାଏ। କଖାରୁରେ ପ୍ରଚୁର ଆଇରନ ମଧ୍ୟ ଶରୀର ପାଇଥାଏ। ଏଣୁ ଖାଦ୍ୟରେ କଖାରୁ ଖାଇଲେ ଏନର୍ଜୀମାତ୍ରା ବଢିଥାଏ। ଖାଦ୍ୟରେ କଖାରୁ ଖାଇଲେ ନଖ ହଳଦିଆ ପଡିବା ଅଥବା ମୁଣ୍ଡ ବୁଲେଇବା ଭଳି ସମସ୍ୟାରୁ ମଧ୍ୟ ମୁକ୍ତି ମିଳିଥାଏ ବୋଲି ଡାଏଟିସିଆନମାନେ କୁହନ୍ତି।

## ୮ ମାସ ପାଣିରେ ବୁଡି ରହେ ମନ୍ଦିର





ସମସ୍ତେ ମନ୍ଦିରକୁ ଯାଆନ୍ତି ଓ ପୂଜା କରନ୍ତି । କିନ୍ତୁ ଭାରତରେ ଏପରି ଏକ ରହସ୍ୟମୟୀ ମନ୍ଦିର ରହିଛି ଯିଏକି ବର୍ଷକରେ ୮ମାସ ପାଣିରେ ବୁଡି ରହିଥାଏ । ଏହି ମନ୍ଦିରଟି ହେଉଛି ବାଥୁ କି ଲଡି ।ଯାହା ହିମାଚଳର କାଙ୍ଗ୍ରା ଜିଲ୍ଲାରେ ରହିଛି ।ବିଶେଷ କଥା ହେଉଛି ମନ୍ଦିରଟି ପାଣିରେ ୮ ମାସ ରହୁଥିବା ବେଳେ ୪ ମାସ ବାହାରେ ରହିଥାଏ । ମନ୍ଦିରଟି ଭଗବାନ ବିଷ୍ଣୁଙ୍କୁ ସମର୍ପିତି । ଫେବୃୟାରୀରୁ ଜୁଲାଇ ପର୍ଯ୍ୟନ୍ତ ମନ୍ଦିରରେ ଦର୍ଶନ ଦେଇଥାନ୍ତି ଭଗବାନ ବିଷ୍ଣୁ । ଏହି ମନ୍ଦିର ପାଖରେ ରହିଛି ଅନେକ ଛୋଟଛୋଟ ମନ୍ଦିର । ବାସ୍ତବରେ ମନ୍ଦିରଟି ୮ ମାସ ପାଇଁ ମହାରଣା ପ୍ରତାପ ସାଗର ହ୍ରଦରେ ବୁଡ଼ି ଯାଇଥାଏ । ଯେତେବେଳେ ହ୍ରଦର ଜଳସ୍ତର ବଢିଯାଇଥାଏ ସେତେବେଳେ ମନ୍ଦିର ବୁଡିଯାଇଥାଏ । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଏହି ମନ୍ଦିର ଦୀର୍ଘ ସମୟ ଧରି ଜଳମଗ୍ନ ହେବା ପରେ ବି ଏହାର ଗଠନରେ କୌଣସି ପରିବର୍ତ୍ତନ ହୋଇନଥାଏ ।ଏହାର କାରଣ ହେଉଛି ମନ୍ଦିରଟି ଅନେକ ଶକ୍ତିଶାଳୀ ପଥରରେ ନିର୍ମିତ । ଏଠାରେ ଆପଣ ପଥରରେ ଖୋଦିତ ଭଗବାନ ଗଣେଶ ଏବଂ କାଳୀଙ୍କ ମୂର୍ତ୍ତି ଦେଖିବାକୁ ପାଇବେ ।ଏହାସହିତ ମନ୍ଦିର ମଧ୍ୟରେ ଭଗବାନ ବିଷ୍ଣୁ ଶେଷନାଗ ଉପରେ ବିଶ୍ରାମ କରୁଥିବାର ମୂର୍ତ୍ତି ସ୍ଥାପନା କରାଯାଇଛି ।ଏଠାରେ ରହୁଥିବା





ଲୋକମାନେ ବିଶ୍ୱାସ କରନ୍ତି ଯେ, ଏହି ମନ୍ଦିରଟି ସ୍ଥାନୀୟ ରାଜାଙ୍କ ଦ୍ୱାରା ନିର୍ମିତ ହୋଇଥିଲା ଯ ଆଉ କିଛି ଲୋକ ଏହି ମନ୍ଦିରକୁ ପାଣ୍ଡବଙ୍କ ସହିତ ସଂଯୋଗ କରିଥାନ୍ତି। ସେମାନଙ୍କ ବିଶ୍ୱାସ ଅନୁଅୟାୟୀ, ପାଣ୍ଡବମାନେ ନିର୍ବାସନ ସମୟରେ ଏଠାରେ ସ୍ୱର୍ଗକୁ ସିଢ଼ି ନିର୍ମାଣ କରିବାକୁ ଚେଷ୍ଟା କରିଥିଲେ । ତଥାପି ସେ ଏହାକୁ ତିଆରି କରିବାରେ ସଫଳ ହୋଇପାରିନଥିଲେ । କାରଣ ସେମାନଙ୍କୁ ଗୋଟିଏ ରାତିରେ ଏହି ସିଢ଼ି ନିର୍ମାଣ କରିବାକୁ ଥିଲା ।

## ବୀର ଗୋଗା ଦେବଙ୍କ କଥା

ଗୋଗାଜୀ ହେଉଛନ୍ତି ରାଜସ୍ଥାନର ଲୋକ ଦେବତା, ଯାହାଙ୍କୁ 'ଜାହାରବୀର ଗୋଗା ରାଣା' ମଧ୍ୟ କୁହାଯାଏ । ରାଜସ୍ଥାନର ହନୁମାନଗଡ ଜିଲ୍ଲାର ଏକ ସହର ହେଉଛି



ଗୋଗାମେଢ଼ି। ଏଠାରେ ଭାଦ୍ରବ ପଞ୍ଚମୀ ଏବଂ ନବମୀରେ ଗୋଗା ଦେବତାଙ୍କ ମେଳା ଆୟୋଜନ ହୋଇଥାଏ। ତାଙ୍କୁ ଉଭୟ ହିନ୍ଦୁ ଏବଂ ମୁସଲମାନ ଧର୍ମର ଲୋକ ପୂଜା କରନ୍ତି। ଗୁଜୁରାଟ ରବାରୀ ଲୋକମାନେ ଗୋଗାଙ୍କୁ 'ଗୋଗା ମହାରାଜ' ନାମରେ ମଧ୍ୟ କୁହନ୍ତି।

ଗୋଗା ଦେବ ଗୁରୁ ଗୋରଖନାଥଙ୍କର ପରମ ଶିଷ୍ୟ ଥିଲେ । ସେ ଚୁରୁ ଜିଲ୍ଲାର ଦାଦ୍‌ରେଭା ଗ୍ରାମରେ ଖ୍ରୀଷ୍ଟାବ୍ଦ ୧୦୦୩ରେ ଜନ୍ମଗ୍ରହଣ କରିଥିଲେ। ସିଦ୍ଧ ବୀର ଗୋଗାଦେବଙ୍କ ଜନ୍ମସ୍ଥାନ ରାଜସ୍ଥାନର ଚୁରୁ ଜିଲ୍ଲାର ଦତ୍ତଖେଡ଼। ଦାଦ୍ରେଭାରେ ଅବସ୍ଥିତ ଯେଉଁଠାରେ ସମସ୍ତ ଧର୍ମ ଓ ସମ୍ପ୍ରଦାୟର ଲୋକମାନେ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଆସିଥାନ୍ତି।

କାୟାମ ଖାନୀ ମୁସଲିମ ସମାଜ ତାଙ୍କୁ 'ଜୋହର ପୀର' ନାମରେ ଜାଣନ୍ତି ଏବଂ ସେହି ସ୍ଥାନକୁ ପ୍ରାର୍ଥନା ଓ ଆଶୀର୍ବାଦ ଭିକ୍ଷା କରିବାକୁ ଆସନ୍ତି । ଏହିପରି, ଏହି ସ୍ଥାନ ହିନ୍ଦୁ ଏବଂ ମୁସଲମାନ ଏକତାର ପ୍ରତୀକ। ମଧ୍ୟଯୁଗୀୟ ମହାନ ବ୍ୟକ୍ତି ଗୋଗାଜୀ ହିନ୍ଦୁ, ମୁସଲମାନ, ଶିଖ ଆଦି ସମସ୍ତ ସମ୍ପ୍ରଦାୟର ଶ୍ରଦ୍ଧା ଅର୍ଜନ କରିପାରିଥିଲେ ଏବଂ ଏକ ଧର୍ମନିରପେକ୍ଷ ଲୋକ ଦେବତାରୁ ପୀର ଭାବରେ ପ୍ରସିଦ୍ଧ ହୋଇଥିଲେ।

ଗୁରୁ ଗୋରଖନାଥଙ୍କ ବରଦାନରୁ ଗୋଗା ଦେବ ରାଜସ୍ଥାନର ଦାଦ୍‌ରେଭା (ଚୁରୁ) ଚୌହ୍ୱାନ ବଂଶର ରାଜପୁତ ଶାସକ ଜୈବର (ଜେବର ସିଂହ)ଙ୍କ ପତ୍ନୀ ବାଛଲଙ୍କ ଗର୍ଭରୁ ଭାଦ୍ରବ ନବମୀରେ ଜନ୍ମ ହୋଇଥିଲେ। ଚୌହ୍ୱାନ ରାଜବଂଶରେ ରାଜା ପୃଥ୍ୱୀରାଜ ଚୌହାନଙ୍କ ପରେ ଗୋଗା ଦେବ ଜଣେ ପ୍ରସିଦ୍ଧ ରାଜା ହୋଇଥିଲେ। ଗୋଗାଙ୍କ ରାଜ୍ୟ ସତଲୁଜ ଠାରୁ ହାନସୀ (ହରିୟାଣା) ପର୍ଯ୍ୟନ୍ତ ଥିଲା। ଲୋକମାନ୍ୟତା ଏବଂ ଲୋକକଥା ଅନୁଯାୟୀ ଗୋଗାଜୀଙ୍କୁ ସର୍ପମାନଙ୍କ ଦେବତା ମଧ୍ୟ ପୂଜା କରାଯାଏ। ଲୋକମାନେ ତାଙ୍କୁ ଗୋଗାଜୀ, ଗୁଗା ବୀର, ଜାହିର ବୀର, ରାଜା ମଣ୍ଡଳିକ୍ ଏବଂ ଜାହର ପୀର ନାମରେ ଡାକନ୍ତି । ସେ ଗୁରୁ ଗୋରଖନାଥଙ୍କର ଜଣେ ପ୍ରମୁଖ ଶିଷ୍ୟ ଥିଲେ।

# ଖୁବ ଶୀଘ୍ର ଆରମ୍ଭ ହେବ ମହିଳା ଫାଷ୍ଟଟ୍ରାକ୍ କୋର୍ଟ

**ଭୁବନେଶ୍ୱର,୧୧।୫ (ମହାଭାରତ):** ମହିଳାଙ୍କ ଉପରେ ନିର୍ଯାତନା, ଅପରାଧ ଏବଂ ଘରୋଇ ହିଂସା ଜନିତ ମାମଲାଗୁଡ଼ିକର ତଦନ୍ତ କରି ତ୍ୱରିତ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟରେ ଖୁବ୍ ଶୀଘ୍ର ୫ଟି ମହିଳା ଫାଷ୍ଟଟ୍ରାକ୍ କୋର୍ଟ ଆରମ୍ଭ କରାଯିବ ବୋଲି ରାଜ୍ୟ ଆଇନ୍, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏହି ଫାଷ୍ଟଟ୍ରାକ୍ କୋର୍ଟଗୁଡ଼ିକ ଏକ ମାସ ମଧ୍ୟରେ ମାମଲାର ଶୁଣାଣି କରି ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗ ଏବଂ ଇଣ୍ଡିଆନ୍ ଏକାଡେମି ଅଫ୍ ଫରେନ୍‌ସିକ୍ ମେଡିସିନ୍ (ଆଇଏଏଫଏମ୍)ର ରାଜ୍ୟ ଶାଖା ପକ୍ଷରୁ ମିଳିତ ଭାବେ ଆୟୋଜିତ ମେଡିକୋ-ଲିଗାଲ ସୋସାଇଟି ଅଫ୍ ଓଡ଼ିଶା (ଏମ୍ଏଲଏସ୍ଓ)ର ୪୩ତମ ବାର୍ଷିକ ସମ୍ମିଳନୀ "ଏମ୍ଇଏଲ୍ଇଏସ୍ଓସିଓଏନ୍ ୨୦୨୫" କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି।



ନିଜ ବକ୍ତବ୍ୟରେ ଶ୍ରୀ ହରିଚନ୍ଦନ କହିଥିଲେ ଯେ ଅପରାଧର ତଦନ୍ତ, ଅପରାଧୀଙ୍କୁ ଦଣ୍ଡ ଏବଂ ନ୍ୟାୟ ପ୍ରଦାନ କରିବାରେ ଫରେନ୍‌ସିକ୍ ସାଇନ୍ସର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ଥାନାଗୁଡ଼ିକରେ କର୍ତ୍ତବ୍ୟରତ ତଦନ୍ତକାରୀ ଅଫିସରମାନେ ମେଡିକୋ-ଲିଗାଲ ପାଠ୍ୟ ସମ୍ପର୍କିତ ଜ୍ଞାନ ଆହରଣ କରିବା ଉଚିତ୍। ସେମାନେ ତଦନ୍ତ ନିମନ୍ତେ ଫରେନ୍‌ସିକ୍ ସାଇନ୍ସ ସମ୍ପର୍କିତ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟର ଗବେଷଣା କ୍ଷେତ୍ରରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଅନେକ ଯୋଗଦାନ ରହିଛି ବୋଲି କହିଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଗବେଷଣା କାର୍ଯ୍ୟ ଆହୁରି ଦ୍ୱରାନ୍ୱିତ ହେବ ବୋଲି ସେ କହିଥିଲେ। ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ହସ୍ପିଟାଲ୍‌ରେ ଫରେନ୍‌ସିକ୍ ସାଇନ୍ସର ଗୁରୁତ୍ୱ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ।

କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଏହି ସମ୍ମିଳନୀର ଥିମ୍ 'ଫରେନ୍‌ସିକ୍ ଫ୍ରନ୍‌ଟିୟର୍ସ: ଏନସିୟୁଅରିଂ ମ୍ୟାଟରନାଲ, ଚାଇଲ୍ଡ ଆଣ୍ଡ ଟ୍ରାନ୍ସଜେଣ୍ଡର ହେଲ୍‌ଥ ଫର ସୋସିଆଲ୍ ଜଷ୍ଟିସ୍' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡାକ୍ତରଖାନାରୁ ତଥ୍ୟ ପ୍ରମାଣ ସଂଗ୍ରହ କରିବା ସମୟରେ ଯେଉଁ ସମ୍ବେଦନଶୀଳତା ଅବଲମ୍ବନ କରାଯାଏ ବା କରାଯିବା ଉଚିତ୍ ସେ ସମ୍ପର୍କରେ ଏହି ସମ୍ମିଳନୀରେ ଆଲୋଚନା କରାଯାଇଥିବା ପ୍ରଫେସର ସାମନ୍ତସିଂହାର ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶାର ଆଡିସ୍‌ନାଲ୍ ଡିଏମ୍ଇଟି ତଥା ଏମ୍ଏଲଏସ୍ଓର ସଭାପତି ପ୍ରଫେସର ବ୍ରଜ କିଶୋର ଦାସ ବକ୍ତବ୍ୟ ରଖିଥିବା ବେଳେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ ଭୁବନେଶ୍ୱରର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) କୁନାଲ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ, ଫୁଲନଖରାର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗର ମୁଖ୍ୟ ଡାକ୍ତର ଅଙ୍କିତା ମିତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜମ୍ମୁ ଓ ଉତ୍ତରାଖଣ୍ଡରୁ ଫେରିଲେ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୧୧।୫ (ମହାଭାରତ):** ଓଡ଼ିଆ ଛାତ୍ରଛାତ୍ରୀମାନେ ଜାମ୍ମୁରୁ ଆସି ଆଜି ଭୁବନେଶ୍ୱର ରେଲଷ୍ଟେସନ୍ ଠାରେ ପହଂଚିବାପରେ ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନସ୍ଥ ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଏବଂ ବାଣିଜ୍ୟ ଓ ପରିବହନ ବିଭାଗରେ କାର୍ଯ୍ୟରତ ଅଧିକାରୀମାନେ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ଖାଦ୍ୟ, ପାନୀୟଜଳ ଆଦି ଯୋଗାଇ ଦିଆଯିବା ସହିତ ସେମାନେ ଯେପରି ନିଜନିଜ ଘରେ ସୁରକ୍ଷିତ ଭାବରେ ପହଂଚିପାରିବେ ତାହାର ବନ୍ଦୋବସ୍ତ ମଧ୍ୟ କରାଯାଇଛି।



ସୂଚନାଯୋଗ୍ୟ ଯେ, ଜାମ୍ମୁରୁ ଫେରି ଆସୁଥିବା ଛାତ୍ରଛାତ୍ରୀମାନଙ୍କର ସୁରକ୍ଷିତ ପ୍ରତ୍ୟାବର୍ତ୍ତନକୁ ସୁନିଶ୍ଚିତ କରିବା ସହିତ ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ନିମନ୍ତେ, ଓଡ଼ିଶା ସରକାରଙ୍କ ଦିଲ୍ଲୀ ସ୍ଥିତ ମୁଖ୍ୟ ଆବାସିକ ଆୟୁକ୍ତଙ୍କ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର ସ୍ଥିତ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନ୍ତର୍ଗତ ଓଡ଼ିଶା ପରିବାର ନିର୍ଦ୍ଦେଶାଳ। ପକ୍ଷରୁ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ଏଥିସହିତ ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ମଧ୍ୟ ଜାରି କରାଯାଇଛି। ଛାତ୍ରଛାତ୍ରୀ ଏବଂ ତାଙ୍କ ପରିବାରବର୍ଗ ୭୪୨୮୧୩୫୦୪୪, ୦୧୧-୨୪୬୭୯୨୦୧ନମ୍ବର ମାଧ୍ୟମରେ କଣ୍ଟ୍ରୋଲ ରୁମ୍ ସହ ଯୋଗାଯୋଗ କରିପାରିବେ।

ସେହିପରି ଉତ୍ତରାଖଣ୍ଡରୁ ମଧ୍ୟ ଫେରିଛନ୍ତି ୧୫ରୁ ଅଧିକ ଛାତ୍ରଛାତ୍ରୀ। ସୀମାରେ ଯୁଦ୍ଧ ସ୍ଥିତି ଲାଗିରହିଥିବାରୁ ନିଜ ପିଲାଙ୍କୁ ନେଇଆସିଛନ୍ତି ଅଭିଭାବକ। ଡେରାଡୁନର ଡୁନ ସ୍କୁଲ, ୱେଲମ ସ୍କୁଲ ଓ ମସୁରୀ ଇଣ୍ଟରନ୍ୟାସନଲ ସ୍କୁଲରୁ ଫେରିଲେ ଓଡିଶାର ଛାତ୍ରଛାତ୍ରୀ। ଡେରାଡୁନରେ ସ୍ଥିତି ଖରାପ ହୋଇନଥିଲେ ବି ଅଭିଭାବକଙ୍କୁ ଯୁଦ୍ଧର ଭୟ ଘାରିଥିଲା। ସେଥିପାଇଁ ସମୟ ବିଳମ୍ବ ନକରି ନିଜ ପିଲାଙ୍କୁ ଓଡ଼ିଶା ନେଇଆସିଛନ୍ତି।

# ଖୋର୍ଦ୍ଧା ଜିଲ୍ଲାରେ ୪୬୫୪୯ ମାମଲାର ଫଇସଲା

**ଭୁବନେଶ୍ୱର,୧୧।୫ (ମହାଭାରତ):** ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଟାଙ୍ଗୀ, ଚିଲିକା ଓ ବେଗୁନିଆଠାରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଆଇନ୍ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜନ କରାଯାଇଛି। ଆଗତ ସର୍ବମୋଟ ୭୬୪୩୭ ଗୋଟି ମାମଲା ମଧ୍ୟରୁ ୪୬୫୪୯ ଗୋଟି ମାମଲାର ଫଇସଲା କରାଯାଇଥିବାବେଳେ ଜରିମାନା/ସେଟେଲ୍ ମେଂଟ/ ରାଜସ୍ୱ ଆକାରରେ ସର୍ବମୋଟ ୨୬,୨୭,୦୮,୩୯୫ ଟଙ୍କା ଆଦାୟ ହେବା ପାଇଁ ସ୍ଥିରିକୃତ ହୋଇଥିଲା । ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ ତଥା ଅଧ୍ୟକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭୁବନେଶ୍ୱର ବିରଂଚି ନାରାୟଣ ମହାନ୍ତି, ପରିବାର ଅଦାଲତ ଜଜ ମଦନଲାଲ କେଡ଼ିଆ, ନରେଶ ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ୍ ହିମାଂଶୁ ଶେଖର ମଲ୍ଲିକ, ଶୁଭଞ୍ଜନ ମହାନ୍ତି, ବନ୍ଦନା କରଙ୍କ ସମେତ ବହୁ ପଦସ୍ଥ ବିଚାର ବିଭାଗୀୟ ଅଧିକାରୀମାନେ ଲୋକ ଅଦାଲତରେ ଉପସ୍ଥିତ ରହି ରେକର୍ଡ ସଂଖ୍ୟକ ମାମଲା ଫଇସଲା କରିଥିଲେ। ଉକ୍ତ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ସାଲିସ୍ ଯୋଗ୍ୟ ଜମିଜମା, ଫୌଜଦାରୀ, ରାଜସ୍ୱ, ଗାଡ଼ିମୋଟର ଦୁର୍ଘଟଣା ଜନିତ ମାମଲା, ପାରିବାରିକ ଓ ବୈବାହିକ ମାମଲା, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ ଓ ଜଳ ଯୋଗାଣ, ବ୍ୟାଙ୍କ ଋଣ ଅନାଦେୟ ଏବଂ ଅନ୍ୟାନ୍ୟ ବହୁ ଜନ ଉପଯୋଗୀ ମାମଲାମାନ ଫଇସଲା କରାଯାଇଥିଲା।

ପ୍ରାଧିକରଣଙ୍କ ସଚିବ ସଲୋମୀ ସାହୁ ଉପସ୍ଥିତ ରହି ଜିଲ୍ଲା ଅଦାଲତମାନଙ୍କରୁ ହସ୍ତଗତ ହୋଇଥିବା ଲୋକ ଅଦାଲତର ଫଳାଫଳକୁ ଜିଲ୍ଲା ଜଜ୍‌ଙ୍କ ପାଖରେ ଉପସ୍ଥାପନା କରିବା ସହ ଏହାର ସାମଗ୍ରିକ ସଫଳତାକୁ ଦୃଷ୍ଟିରେ ରଖି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ରାଜସ୍ୱ ଅଧିକାରୀ, ଆଂଚଳିକ ଜାତୀୟକରଣ ବ୍ୟାଙ୍କ ଅଧିକାରୀ, ଶାଖା ପରିଚାଳକ, ଆଇନଜୀବୀ, ବୀମା ଅଧିକାରୀ ଏବଂ ଅଦାଲତ କର୍ମଚାରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ପରବର୍ତ୍ତୀ ଲୋକ ଅଦାଲତ ଆସନ୍ତା ସେପ୍ଟେମ୍ବର ୧୩ ତାରିଖ ପାଇଁ ଆଗୁଆ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ନ୍ୟାୟ ଅଧିକାର ମିତ୍ର ସିତେଶ ଆଶିଷ ଜେନା, ପ୍ରଣତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ହତ୍ୟାକାଣ୍ଡକୁ ନେଇ ଥାନା ସମ୍ମୁଖରେ ଉତ୍ତେଜନା

**କଟକ,୧୧।୫ (ମହାଭାରତ):** ବାରଙ୍ଗ କେନାଲ ରୋଡ଼ରେ ହୋଇଥିବା ବୀଭତ୍ସ ହତ୍ୟାକାଣ୍ଡକୁ ନେଇ ଖୁବ୍ ପ୍ରତିକ୍ରିୟାଶୀଳ ହୋଇଛନ୍ତି କଟକ ଦିୱାନ ବଜାର ବାସିନ୍ଦା। ଶନିବାର ଶତାଧିକ ସଂଖ୍ୟାର ସ୍ଥାନୀୟ ବାସିନ୍ଦା, କଟକ ଲାଲବାଗ ଥାନା ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଯେହେତୁ ଏହା ଏକ ପ୍ରକାରର ଭିଡ଼ ହିଂସା ତେଣୁ କୌଣସି ଅପରାଧୀ ଯେପରି ଖସି ନଯାଆନ୍ତି, ସେହିଭଳି ଦାବି ରଖିଛନ୍ତି ଦିୱାନ ବଜାର ବାସିନ୍ଦା । ପୋଲିସ ତରଫରୁ ମଧ୍ୟ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆଶ୍ୱାସନା ମିଳିଛି, ଏବେ ଅପେକ୍ଷା, କେବେ ପୋଲିସ ପଞ୍ଝାକୁ ଆସୁଛନ୍ତି ଅପରାଧୀ ମାନେ। ବାରଙ୍ଗ ଥାନା ନୂଆଗାଁ ଲଟା ବାସେଳୀ ଛକରେ ହୋଇଥିଲା ଏହି ଜଘନ୍ୟ କାଣ୍ଡ। ଗୋଟିଏ ଜିପ୍ ହୁତ ହୁତ ହୋଇ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଏକ ବୁଦା ମୂଳରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିଲେ ରାହିଲ। ପୋଲିସ ତାଙ୍କୁ ଆମ୍ବୁଲାନ୍ସ ଜରିଆରେ କଟକ ବଡ଼ ମେଡିକାଲ ପଠାଇଥିଲା। ଯେଉଁଠି ତାଙ୍କୁ ମୃତ ଘୋଷଣା କରାଗଲା ଯ ତେବେ ଘଟଣାସ୍ଥଳରୁ କିଛି ଆପତ୍ତିଜନକ ସାମଗ୍ରୀ ଉଦ୍ଧାର ହୋଇଥିଲା। ମୃତକଙ୍କ ପରିବାର ପକ୍ଷରୁ ଦିଆଯାଇଥିବା ଏତଲାକୁ ଆଧାର କରି ପୋଲିସ ୫ ଜଣଙ୍କୁ ଅଟକ ରଖିଛି। ହେଲେ ଦିୱାନ ବଜାର ବାସିନ୍ଦାଙ୍କ ଅଭିଯୋଗ ହେଲା, ଏହି ହତ୍ୟାକାଣ୍ଡରେ ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କ ସମ୍ପୃକ୍ତି ଅଛି, ସମସ୍ତ ଅପରାଧୀଙ୍କୁ ଗିରଫ କରିବା ଦାବିରେ ଶନିବାର ଅଞ୍ଚଳ ବାସିନ୍ଦା ମାନେ ଅତିରିକ୍ତ ଡିସିପିଙ୍କୁ ସ୍ମାରକ ପତ୍ର ଦେଇଛନ୍ତି। ମୃତ ରାହିଲ ଯଦିଓ ଜଗତସିଂହପୁରର ମୂଳ ବାସିନ୍ଦା, କିନ୍ତୁ ସେ କଟକ ଦିୱାନ ବଜାରରେ ରହି ବ୍ୟବସାୟ କରୁଥିଲେ। ହତ୍ୟାକାଣ୍ଡ ପଛରେ ଡକାୟତି ଉଦ୍ୟମ ଥିଲା ବୋଲି ଦିୱାନ ବଜାର ବାସିନ୍ଦା ମାନେ ଅଭିଯୋଗ କରିଛନ୍ତି। କିନ୍ତୁ ଗୋରୁଲାଣକୁ କେନ୍ଦ୍ରକରି ଏଭଳି ଅଘଟଣ ଘଟିଛି ବୋଲି ମଧ୍ୟ କେହି କେହି କହୁଛନ୍ତି। ତେଣୁ ଏବେ ପୋଲିସ ଉପରେ ହିଁ ସବୁ କିଛି ନିର୍ଭର କରେ ଯେ, ଏଭଳି ନାରକୀୟ ଘଟଣା ପଛର ପ୍ରକୃତ କାରଣ କଣ ବୋଲି ତାହା ପୋଲିସ ପକ୍ଷରୁ ସ୍ପଷ୍ଟ ହେବ।




# ଓଡିଶା ରକ୍ତଦାତା ମହାସଂଘ ପକ୍ଷରୁ ରକ୍ତଦାନ ଶିବିର

**ଭୁବନେଶ୍ୱର,୧୧।୫ (ମହାଭାରତ):** ରାଜ୍ୟରେ ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ରକ୍ତର ଘୋର ଅଭାବ ପରିଲକ୍ଷିତ ହୁଏ। ସାମ୍ପ୍ରତିକ ପରିସ୍ଥିତିରେ ସାରା ରାଜ୍ୟର ରକ୍ତ ଭଣ୍ଡାରରେ ଅଭାବର ପରିସ୍ଥିତି ସୃଷ୍ଟି ହୋଇଛି। ଏହି ରକ୍ତାଭାବକୁ କିଛି ମାତ୍ରାରେ ଦୂର କରିବା ଉଦ୍ଦେଶ୍ୟରେ ଓଡିଶା ରକ୍ତଦାତା ମହାସଂଘ ପକ୍ଷରୁ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ରାଜ୍ୟର ସମସ୍ତ ଜିଲ୍ଲାରେ ଗୋଟିଏ ଦିନରେ ମୋଟ ୪୫ଟି ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ଏହି ଅଭିନବ ପ୍ରୟାସ ମହାସଂଘର ସାଧାରଣ ସମ୍ପାଦକ ତ୍ରିଲୋଚନ ଦାସ, କୋଷାଧ୍ୟକ୍ଷ ରାଜେଶ ନାୟକଙ୍କ ପ୍ରଚେଷ୍ଟାରୁ ଆଜି ଏକ ସଫଳ ରୂପାୟନ ହୋଇପାରିଛି। ଏଥିସହିତ ମହାସଂଘର ବିଭିନ୍ନ ଜିଲ୍ଲାର ସଭ୍ୟ, ସଦସ୍ୟ ଶୁଭେଚ୍ଛୁ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଥିରେ ଜଡିତ ହୋଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକାରୀ ସଭାପତି ଡକ୍ଟର ନରେଶ ସାହୁଙ୍କ ମାର୍ଗଦର୍ଶନରେ ଅନେକ ନୂତନ ଅଗ୍ରଣୀ ଅନୁଷ୍ଠାନ ଏହି ଶିବିରକୁ ସାହାଯ୍ୟ ଓ ସହଯୋଗ କରିଥିଲେ। ବିଶେଷ କରି କୋଷାଧ୍ୟକ୍ଷ ଓ ସାଧାରଣ ସମ୍ପାଦକଙ୍କ ବଦ୍ଧ ପରିକର ଓ ଅନନ୍ୟ ପ୍ରଚେଷ୍ଟାରେ ସାରା ରାଜ୍ୟରେ ଏହିପରି ଏକ ରକ୍ତଦାନ ଶିବିର ହୋଇପାରିଛି। ଲୋକଙ୍କର ରକ୍ତ ଦାନ ପ୍ରତି ଥିବା ଚିନ୍ତାଧାରାକୁ ବଦଳେଇବାକୁ ମହାସଂଘ ସତ ଚେଷ୍ଟିତ। ଆଗାମୀ ଦିନରେ ଏହିଭଳି ଶିବିର ଆୟୋଜନ କରିବା ଉପରେ ନିଶ୍ଚିତ ଧ୍ୟାନ ଦିଆଯିବ ବୋଲି ମନ୍ତବ୍ୟ ଦେଇଛନ୍ତି। ସମ୍ପାଦକ ତ୍ରିଲୋଚନ ଦାଶ କହିଛନ୍ତି ସଂଘ ଆଗାମୀ ଦିନରେ କେବଳ ଶିବିର ଆୟୋଜନ ନୁହେଁ ରକ୍ତ ଦାନ କ୍ଷେତ୍ରରେ ହେଉଥିବା ସମସ୍ୟା ଉପରେ ଆଲୋଚନା ଓ ସମାଧାନ କରିବା ଦିଗରେ ଚେଷ୍ଟା କରିବେ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ରାଜେଶ ନାୟକ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି।

# ମୁମ୍ବାଇରେ ଓଡ଼ିଆ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶନୀ

**ଭୁବନେଶ୍ୱର,୧୧।୫ (ମହାଭାରତ):** ଓଡ଼ିଆ ଚିତ୍ରଶିଳ୍ପୀ ପ୍ରଫେସର ଡଃ ରଞ୍ଜନ କୁମାର ମଲ୍ଲିକଙ୍କ ଏକ ଏକକ ଚିତ୍ରକଳା ପ୍ରଦର୍ଶନୀ ମୁମ୍ବାଇ ଜାହାଙ୍ଗୀର ଆର୍ଟ ଗ୍ୟାଲେରୀ ପରିସରରେ ଆୟୋଜିତ ହୋଇଯାଇଛି । ମେ ମାସ ୬ ତାରିଖରେ ମୁମ୍ବାଇସ୍ଥିତ ଋଷିଆନ୍ ହାଉସ୍‌ର ନିର୍ଦ୍ଦେଶକ ଭିକ୍ଟର ଗୋରଲାଇଖ ଏବଂ ଜଣାଶୁଣା ଚିତ୍ରଶିଳ୍ପୀ ପ୍ରଫେସର ଅନିଲ ନାଏକ ଏହି ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଜେ ଜେ ସ୍କୁଲ ଅଫ୍ ଆର୍ଟର ଡିନ୍ ଡଃ ଗଣେଶ ତାରତେରେ, ଏନ୍‌ଜିଏମ୍ଏର ସଦସ୍ୟ ସୁରେନ୍ଦ୍ର ଜଗତାପ, ନୂଆଦିଲ୍ଲୀ ଲଳିତକଳା ଏକାଡେମୀର ସଦସ୍ୟ ମାରୁତି ଜୀ, ବିଶିଷ୍ଟ ଚିତ୍ରଶିଳ୍ପୀ ଡଃ ବିଜୟ ଧୋର୍, ଆର୍ଟ କ୍ୟୁରେଟର ଅକ୍ଷୟ ସିହ୍ନା, ମୁମ୍ବାଇ ଆର୍ଟ ସୋସାଇଟୀର ସଦସ୍ୟ ଶ୍ରୀକାନ୍ତ କଦମ୍, ଆଡ୍ ଡିଜାଇନର ସୁବୋଧ, ସାଇନି, ଗ୍ୟାଲେରିଷ୍ଟ ସୁଜିତ୍, କୁମୁଦ ଦାସ, ଆନିମେଟର ଦେବାଶିଷ, ଚଣ୍ଡିଘାଟ ଲଳିତକଳା ଏକାଡେମୀ ସମ୍ପାଦକ ପ୍ରିୟ ରଞ୍ଜନ ଏବଂ କନୱଲ ପାଲ, ସ୍ଥପତି ଗୋଲଗୀଙ୍କ ସମେତ ଅନେକ ଚିତ୍ରକଳାପ୍ରେମୀ ଏହି ପ୍ରଦର୍ଶନୀରେ ଯୋଗ ଦେଇଥିଲେ । ଏହି ପ୍ରଦର୍ଶନୀରେ ଭାବପ୍ରବଣ ସଂଯୋଗତାତ୍ମକ ବାର୍ତ୍ତାଳାପ, ପ୍ରକୃତି ସହ ପାରସ୍ପରିକ କ୍ରିୟା ସହ ପ୍ରାଣୀ ଜଗତ ଓ ମାନବ ରୂପର ପ୍ରତିଫଳନ ଏବଂ ସ୍ଥାନାନ୍ତରିତ ହେବା ଇଚ୍ଛାରେ ଫସି ରହିଥିବା ଏକାନ୍ତ ମାନବ ରୂପଗୁଡ଼ିକୁ ଚିତ୍ରଶିଳ୍ପୀ ନିଜ କାନ୍‌ଭାସ୍‌ରେ ନିଖୁଣ ଭାବେ ଚିତ୍ରଣ କରିଛନ୍ତି। ମେ ମାସ ୧୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଜାରି ରହିବ।

# ପଦ୍ମଶ୍ରୀ ରଜତ କୁମାର କରଙ୍କ ସ୍ମୃତି ସଭା

**ଭୁବନେଶ୍ୱର,୧୧।୫ (ମହାଭାରତ):** ଭୁବନେଶ୍ୱର ଗୀତଗୋବିନ୍ଦ ସଦନରେ ପଦ୍ମଶ୍ରୀ ରଜତ କୁମାର କର ସ୍ମୃତି ସଂସଦ ତରଫରୁ ଆୟୋଜିତ ତୃତୀୟ ରଜତ କୁମାର କର ସ୍ମୃତିସଭା ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ସ୍ୱର୍ଗତ ରଜତ କୁମାର କର ଙ୍କ ଅନୁଜ ତଥା କଟକ ଖ୍ରୀଷ୍ଟ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଓ ଅଲିଶା ବଜ଼ାର ଦୁର୍ଗା ପୂଜା ସମିତି ସଭାପତି ଶ୍ରୀ ପ୍ରଭାତ କୁମାର କରଙ୍କ ଅକାଳ ବିୟୋଗ ଖବର ଆସିବାରୁ ରଜତ କରଙ୍କ ସ୍ମୃତିଚାରଣ ସଭାର ପ୍ରଥମ ଭାଗରେ ଦିବଂଗତ ପ୍ରଭାତ କରଙ୍କ ପାଇଁ ଏକ ଶୋକ ସଭା ଆୟୋଜିତ କରାଯାଇଥିଲା। ଏହି ସଭାରେ କଳିଙ୍ଗ ହସ୍ପିଟାଲର ଅଧକ୍ଷ ଶୀତକଣ୍ଠ ଦାଶ ମୁଖ୍ୟ ଅତିଥି ଥିବା ବେଳେ ପ୍ରଭାତ କୁମାର ନନ୍ଦ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି କଳିଙ୍ଗ ଭାରତୀର ସଭାପତି ଡାକ୍ତର ଶୈଳେଶ୍ୱର ନନ୍ଦ ପଦ୍ମଶ୍ରୀ ରଜତ କର ଓ ପ୍ରଭାତ କରଙ୍କ ଅନନ୍ୟ ଭାତୃତ୍ୱ ଓ ସାହିତ୍ୟ ସେବା ପ୍ରତି ନିଷ୍ଠା ବିଷୟରେ ସ୍ମୃତିଚାରଣ କରିଥିଲେ। ଡାକ୍ତର ଅଂଶୁମାନ କର ସ୍ୱର୍ଗତ ରଜତ କର ପୂଣ୍ୟତିଥୀ ଦିନ ଅନୁଜ ପ୍ରଭାତ କରଙ୍କ ଦେହତ୍ୟାଗ ଏକ ଦିବ୍ୟ ଭାତୃ ବନ୍ଧନର ପ୍ରତୀକ ବୋଲି କହିଥିଲେ। ଦ୍ୱିତୀୟ ଭାଗରେ ପଦ୍ମଶ୍ରୀ ରଜତ କୁମାର କରଙ୍କ ରଚିତ କବି ସମ୍ରାଟ ନାଟକ ଓ ଭାରତୀୟ ଅଧ୍ୟାତ୍ମ ଦର୍ଶନ ସମ୍ବନ୍ଧୀୟ ପୁସ୍ତକ ଭାରତ ଦୀପ୍ତି ଉନ୍ମୋଚିତ ହୋଇଥିଲା. ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ଶ୍ରୀ ଦାଶ ବେନହୁର, ଶ୍ରୀ ପୀତବାସ ରାଉତରାୟ ଓ ଶ୍ରୀମତୀ ନଡ଼ିଆ। ମଘବେଲପୁର, ଅଖିଲେଶ ମିଶ୍ର ଦିବଂଗତ ରଜତ କୁମାର କରଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଡ଼ ଅନୁପ ମାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ।




# ସମ୍ ପକ୍ଷରୁ ଲୁପସ୍ ଦିବସରେ ସଚେତନତା

**ଭୁବନେଶ୍ୱର,୧୧।୫ (ମହାଭାରତ):** ଲୁପସ୍ ଏକ ସଂକ୍ରାମକ ରୋଗ ନୁହେଁ। ଏହା ଏକ ଅଟୋ ଇମ୍ୟୁନ୍ (ସ୍ୱ-ପ୍ରତିରକ୍ଷୀ) ରୋଗ। ତେବେ ଏହାର ଚିକିତ୍ସା ସମ୍ଭବ। ତେଣୁ ରୋଗକୁ ଡରିବା ପରିବର୍ତ୍ତେ ଉପଯୁକ୍ତ ଚିକିତ୍ସା କରାଗଲେ ମଣିଷ ସୁସ୍ଥ ହୋଇପାରିବ। ଏଭଳି ସଚେତନତାର ବାର୍ତ୍ତା ନେଇ ବିଶ୍ୱ ଲୁପସ୍ ଦିବସ ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ଶନିବାର ଏକ ସଚେତନତା ରାଲି ଆୟୋଜିତ ହୋଇଯାଇଛି।

ଶନିବାର ସକାଳେ ରାଜଧାନୀର ମାଷ୍ଟର କ୍ୟାଂଟିନ୍ ଛକ ଠାରୁ ରାମ ମନ୍ଦିର ପର୍ଯ୍ୟନ୍ତ ଏହି ସଚେତନତା ରାଲିର ଆୟୋଜନ କରାଯାଇଥିବା ବେଳେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ଯୋଗ ଦେଇ ରାଲିର ଶୁଭାରମ୍ଭ କରିଥିଲେ।

ଏହି ଅବସରରେ ସମ୍ ହସ୍ପିଟାଲ କ୍ଲିନିକାଲ ଇମୁନୋଲୋଜି ଆଣ୍ଡ ର୍ୟୁମାଟୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ପ୍ରଦୀପ୍ତ ଶେଖର ପାତ୍ରୋ ଲୁପସ୍ ରୋଗ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିବା ବେଳେ ୧୫ ରୁ ୫୦ ବର୍ଷ ମଧ୍ୟରେ ଥିବା ବାଳିକା ଓ ମହିଳାମାନଙ୍କ କ୍ଷେତ୍ରରେ ଏହି ରୋଗ ଦେଖାଯାଉଛି ବୋଲି କହିଥିଲେ। ରୋଗ ପ୍ରତିରୋଧକ ଶକ୍ତିରେ ସମସ୍ୟା ସୃଷ୍ଟି ହେଲେ ଲୁପସ୍ ଭଳି ମାରାତ୍ମକ ବ୍ୟାଧି ଶରୀରରେ ଦେଖା ଦେଇଥାଏ। ଶରୀରରେ ବିଭିନ୍ନ ପ୍ରକାର ଦାଗ, ଜ୍ୱର, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ହୃଦ ଯନ୍ତ୍ରଣା ଭଳି ସମସ୍ୟା ଦେଖାଦେଇଥାଏ। ତେଣୁ ଏଥି ନିମନ୍ତେ ଠିକ୍ ସମୟରେ ରୋଗର ଚିହ୍ନଟ, ଉପଯୁକ୍ତ ପରୀକ୍ଷା ଓ ଚିକିତ୍ସାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଏହି ର୍‌ୟାଲିରେ ସମ୍ ହସ୍ପିଟାଲର ନର୍ସିଂ ସୁପରିଟେଣ୍ଡେଣ୍ଟ ଶ୍ରୀମତୀ ମିନତୀ ମିଶ୍ର, ସୋଆର ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ହସ୍ପିଟାଲର ଡାକ୍ତର, ନର୍ସ ଏବଂ ଛାତ୍ରଛାତ୍ରୀମାନେ ସାମିଲ ହୋଇ ଏହି ମାରାତ୍ମକ ରୋଗ ବିଷୟରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ।

ବିଶ୍ୱ ଲୁପସ୍ ଦିବସ ପରିପ୍ରେକ୍ଷୀରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର କ୍ଲିନିକାଲ ଇମୁନୋଲୋଜି ଆଣ୍ଡ ର୍ୟୁମାଟୋଲୋଜି ବିଭାଗ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏକ ସିଏମ୍ଇର ମଧ୍ୟ ଆୟୋଜନ କରାଯାଇଥିଲା। ଏହି ସିଏମ୍ଇରେ ଆଡିସ୍‌ନାଲ୍ ଡିଜି-ଆଇସିଏମ୍ଆର ଏବଂ ଆଇସିଏମ୍ଆର୍-ଆରଏମ୍ଆରସି, ଭୁବନେଶ୍ୱରର ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଯଦିଓ ଲୁପସ୍ ଭଳି ବ୍ୟାଧିରୁ ରୋଗିଟି ସଂପୂର୍ଣ୍ଣ ଭାବେ ସୁସ୍ଥ ହୋଇପାରିବ ନାହିଁ ତେବେ ପ୍ରାଥମିକ ସ୍ତରରୁ ଚିହ୍ନଟ କରାଯାଇ ଚିକିତ୍ସା କରାଗଲେ ରୋଗିଟି କିଛି ମାତ୍ରାରେ ସୁସ୍ଥ ହୋଇପାରିବ। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ହସ୍ପିଟାଲ୍ ପକ୍ଷରୁ ଲୁପସ ବ୍ୟାଧିର ସଚେତନତା ନେଇ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି। ଚଳିତବର୍ଷର ଥିମ୍ 'ପୁଟ ଅନ୍ ପର୍ପଲ, ମେକ ଲୁପସ ଭିଜିବୁଲ୍' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହା ଖୁବ୍ ସ୍ୱାଗତଯୋଗ୍ୟ ବୋଲି ପ୍ରଫେସର ମିଶ୍ର କହିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ପାତ୍ରୋ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ଏବଂ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ବକ୍ତବ୍ୟ ରଖିଥିଲେ।

# ବୁଶରା ଖାନ କିପରି ପିପିଏଲରେ ବିଶ୍ୱସ୍ତତା - ଲଜିଷ୍ଟିକ୍ସକୁ ଚାମ୍ପିଅନ କରନ୍ତି

**ଭୁବନେଶ୍ୱର,୧୧।୫ (ମହାଭାରତ):** ବିଶ୍ୱରେ ଲଜିଷ୍ଟିକ୍ସର ନିରନ୍ତର ବିକାଶ ଏବଂ ଭିତ୍ତିଭୂମିର ବିକାଶରେ, ଅଳ୍ପକିଛି ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ଡ. ଖାଲିଦଖାନଙ୍କ ଭଳି ଗଭୀର, ପରିବର୍ତ୍ତନଶୀଳ ଏବଂ ଦୀର୍ଘସ୍ଥାୟୀ ପରମ୍ପରା ଛାଡିଛନ୍ତି, ଯାହାଙ୍କ ଅବଦାନ ଶିଳ୍ପକୁ ରୂପ ଦେବା ଏବଂ ପିଢ଼ିକୁ ପ୍ରେରଣା ଦେବା ଜାରି ରଖିଛି। ଆଜି, ଏହା କେବଳ ବାଣିଜ୍ୟିକ କାର୍ଯ୍ୟକଳାପକୁ ବିସ୍ତାର କରୁନାହିଁ; ଏହା ଓଡ଼ିଶାରେ ଲଜିଷ୍ଟିକ୍ସର ଭବିଷ୍ୟତକୁ ପୁନଃପରିଭାଷିତ କରୁଛି, ସମ୍ପ୍ରଦାୟ ନିର୍ମାଣ କରୁଛି, ଲୋକଙ୍କୁ ସଶକ୍ତ କରୁଛି ଏବଂ ଏକ ପରମ୍ପରା ଛାଡିଯାଉଛି ଯାହା ପିଢ଼ି ପରେ ପିଢ଼ି ରେକର୍ଡ କରାଯିବ।

ତାଙ୍କର ବୃତ୍ତିଗତ ଜୀବନ ୧୯୮୨ରେ ଓମାନରେ ଆରମ୍ଭ ହୋଇଥିଲା ଯେଉଁଠାରେ ସେ ପେଟ୍ରୋଲିୟମ ଡେଭଲପମେଣ୍ଟ ଓମାନ ସହିତ କାର୍ଯ୍ୟ କରିଥିଲେ। ଯାହା ଲଜିଷ୍ଟିକ ପରିଚାଳନା ପାଇଁ ଦାୟୀ ଏକ ସରକାରୀ ସଂସ୍ଥା ସେଠାରେ ତାଙ୍କର ସମୟ ପରିବର୍ତ୍ତନଶୀଳ ଥିଲା। କାରଣ ସେ ଯୋଗାଣ ଶୃଙ୍ଖଳାର ପରିଚାଳନା ଏବଂ ପରିଚାଳନାଗତ ନିର୍ଭୁଲ ତା'ର ଋଣ ନୈତିକ ଗୁରୁତ୍ୱ ଉପରେ ଗଭୀର ଜ୍ଞାନ ହାସଲ କରିଥିଲେ ତାଙ୍କର ଅଭିଜ୍ଞତା ଏତେ ଉଲ୍ଲେଖନୀୟ ଥିଲା ଯେ ସେ ଓମାନର ସୁଲତାନଙ୍କ ସ୍ୱୀକୃତି ପାଇଥିଲେ।

୧୯୮୭ରେ, ଏକ ପ୍ରଭାବ ସୃଷ୍ଟି କରିବାର ଇଚ୍ଛା ଦ୍ୱାରା ପରିଚାଳିତ ଡ. ଖାଲିଦ ଖାନ ଭାରତ ଫେରି / .. ରେଯୋଗ ଦେଇଥିଲେ ପାରାଦୀପ ବନ୍ଦରରେ ବୋଷ ଆଣ୍ଡ କୋ. ପ୍ରାଇଭେଟ ଲିମିଟେଡ୍ ଏହିଠାରେ ହିଁ ତାଙ୍କର ଉଦ୍ୟମୀ ମନୋଭାବ ବାସ୍ତବରେ ଆଲୋକିତ ହୋଇଥିଲା। ବିଦ୍ୟମାନ ଲଜିଷ୍ଟିକ ଢାଞ୍ଚାରେ ଥିବା ଦୁର୍ବଳତାକ ସ୍ୱୀକାର କରି ସେ ଟାଟାଷ୍ଟିଲ ସହିତ ପାର୍ଟଟାଇମ୍‌ରି ବହନ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ, ବ୍ୟବହାରିକ ଅଭିଜ୍ଞତା ହାସଲ କରିଥିଲେ ଏବଂ ଯାହାଶୀଘ୍ର ଏକ ବୈପ୍ଳବିକ କ୍ୟାରିଅରରେ ପରିଣତ ହେବ ତାହାର ମୂଳଦୁଆ ପକାଇଥିଲେ।



ଦଶନ୍ଧି ଦଶନ୍ଧି ପୂର୍ବରୁ ଯେତେବେଳେ ସେ ପ୍ରଥମଥର ପାଇଁ ପାରାଦୀପରେ ପାଦ ରଖିଥିଲେ, ସେତେବେଳେ ଲୋକମାନେ ସେମାନଙ୍କର ସାମର୍ଥ୍ୟକୁ ହୃଦୟଙ୍ଗମ କରି ନଥିଲେ ଯେଉଁଠାରେ ଅନେକ ସୀମା ଦେଖିଥିଲେ, ସେଠାରେ ସେ ସୁଯୋଗ ଦେଖିଥିଲେ ସେ ପାରାଦୀପକୁ ଭାରତର ଲଜିଷ୍ଟିକ୍ସ କ୍ଷେତ୍ରର ଗୁରୁତ୍ୱପୂର୍ଣ୍ଣକେନ୍ଦ୍ର ଭାବେ କଳ୍ପନା କରିଥିଲେ ଏବଂ ଏହାକୁ ବାସ୍ତବ ରୂପ ଦେବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ଆଜି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ପାରାଦୀପ ବନ୍ଦର ହେଉଛି ଭାରତର ଏକ ନମ୍ବରବନ୍ଦର, ଯାହା ତାଙ୍କର ଦୂରଦୃଷ୍ଟି ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ତାଙ୍କର ଅକ୍ଳାନ୍ତ ପ୍ରୟାସର ସତ୍ୟ ପ୍ରମାଣ ଏହାର ପ୍ରତିବଦ୍ଧତା କେବଳ ଏକ ବ୍ୟବସାୟ ନିର୍ମାଣ କରିବା ବିଷୟରେ ନଥିଲା। ଏହା ଓଡ଼ିଶାର ଅର୍ଥନୀତି ନିର୍ମାଣ, ଲଜିଷ୍ଟିକ ନବସୃଜନର ଏକ ଇକୋସିଷ୍ଟମ ସୃଷ୍ଟି କରିବା ଏବଂ ଜାତୀୟ ମାନଚିତ୍ରରେ ପାରାଦୀପର ସ୍ଥିତିକୁ ବୃଦ୍ଧି କରିବା ବିଷୟରେ ଥିଲା। ଏହାର ଦର୍ଶନ ସର୍ବଦା କାର୍ଗୋ ପରିଚାଳନା, ଷ୍ଟୋରେଜ୍, ପରିବହନ ଠାରୁ ଆରମ୍ଭ କରି ଆମଦାନୀ ଏବଂ ରପ୍ତାନୀରେ ସମର୍ଥନ ପର୍ଯ୍ୟନ୍ତ ଅବିଚ୍ଛେଦ୍ୟ ସମାଧାନ ସୃଷ୍ଟି ଉପରେ ଧ୍ୟାନ ଦେଇଛି ଯେତେବେଳେ ପାରାଦୀପ ଶ୍ରମିକ ଆହ୍ୱାନର ସମ୍ମୁଖୀନ ହୋଇଥିଲା, ଏହା ସ୍ଥାନୀୟ ଲୋକଙ୍କୁ ଶିକ୍ଷିତ ଏବଂ ସଶକ୍ତ କରିବା ପାଇଁ ପଦକ୍ଷେ ପନେଇଥିଲା, ସେମାନଙ୍କୁ ଅଭିବୃଦ୍ଧିରେ ଏହାର କାର୍ଯ୍ୟରେ ଏକୀକୃତ କରିଥିଲା। ତାଙ୍କର ପ୍ରୟାସ ନିଯୁକ୍ତି ସୃଷ୍ଟି କରିଥିଲା, ସମ୍ପ୍ରଦାୟ ଗୁଡ଼ିକୁ ସଶକ୍ତ କରିଥିଲା ଏବଂ ଓଡ଼ିଶାରେ ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିଥିଲା। ବ୍ୟବସାୟ ବ୍ୟତୀତ, ଡ. ଖାଲିଦ ଖାନଙ୍କ ମାନବୀୟ ଅବଦାନ ଉପରେ ମଧ୍ୟ ଆଲୋକପାତ କରାଯାଇଛି। ଖାନଫାଉଣ୍ଡେସନ ଜରିଆରେ ସେ ଅଗଣିତ ପରିବାରକୁ ସହାୟତା କରିଛନ୍ତି। ବିଶେଷ କରି କୋଭିଡ-୧୯ ମହାମାରୀର କଠିନ ସମୟରେ ମାନବିକତା ହିଁ ପ୍ରଥମ ହେବା ଉଚିତ ବୋଲି ତାଙ୍କର ବିଶ୍ୱାସ ତାଙ୍କ ଯାତ୍ରାର ପ୍ରତ୍ୟେକ ଦିଗକୁ ମାର୍ଗଦର୍ଶନ କରିଛି ସଙ୍କଟ ସମୟରେ ଚିକିତ୍ସା ସହାୟତା, ଖାଦ୍ୟ ଯୋଗାଣ କିମ୍ବା ଶିକ୍ଷାଗତ ସହାୟତା ପ୍ରଦାନ ହେଉ, ଏହା ସର୍ବଦା ଭାରତର ଲୋକଙ୍କ ପାଇଁ ଆଶାରସ୍ତମ୍ଭ ହୋଇରହିଛି। ଭିତ୍ତିଭୂମିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ବୁଝି ସେ ପାରାଦୀପ ଏବଂ ଏହାର ଆଖପାଖରେ ସ୍ୱଚ୍ଛ, ଦକ୍ଷ ଏବଂ ବିଶ୍ୱସନୀୟ ଏବଂ ଅର୍ଥନୈତିକ କାର୍ଯ୍ୟକଳାପକୁ ବୃଦ୍ଧି କରିବା ଏହା ସମଗ୍ର ଓଡ଼ିଶାରେ ଷ୍ଟୋରେଜ୍‌କୁ ବିଧାର ସମ୍ପ୍ରସାର ଣପାଇଁ ମଧ୍ୟ ଆକ୍ରମଣାତ୍ମକ ଭାବରେ କାର୍ଯ୍ୟ କରୁଛି, ଯାହା ବାଣିଜ୍ୟର ବର୍ଦ୍ଧିତ ପରିମାଣର ପରିଚାଳନା ଏବଂ ଲଜିଷ୍ଟିକ ଯୋଗାଣ ଶୃଙ୍ଖଳାକୁ ମଜବୁତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ସାଇବର ଅପରାଧ

ରାଜ୍ୟରେ ମାଓ ଉପଦ୍ରବ ବା ବାମପନ୍ଥୀ ଉଗ୍ରବାଦୀଙ୍କ ମୁକାବିଲାରେ ସୁରକ୍ଷାବାହିନୀ ବା ପୋଲିସକୁ ସଫଳତା ମିଳିଛି । ଦଙ୍ଗା, ଗୋଷ୍ଠୀ ସଂଘର୍ଷ ଏବଂ ଜଳାପୋଡ଼ା କମିଛି । କିନ୍ତୁ ଗୋଟିଏ କଥାକୁ ଶ୍ୱେତପତ୍ର ମାଧ୍ୟମରେ ସରକାର ସ୍ୱୀକାର କରିଛନ୍ତି ଯାହା ଏବେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ତାହା ହେଲା ରାଜ୍ୟରେ ସାଇବର ଅପରାଧ ବହୁ ମାତ୍ରାରେ ବଢ଼ିଯାଇଛି । ଡିଜିଟାଲ କାରବାର ବଢୁଥିବା ବେଳେ ଏହା ସହିତ ତାଳ ଦେଇ ସାଇବାର କ୍ରାଇମ ମଧ୍ୟ ବଢୁଛି । ଏହାକୁ ରୋକିବାରେ ବା ସାଇବର ଅପରାଧୀଙ୍କଠାରୁ ଲୁଟ ଟଙ୍କା ଉଦ୍ଧାର କରିବାରେ ପୋଲିସକୁ ଯଥେଷ୍ଟ ସଫଳତା ମିଳିନି । ପୋଲିସ ଡାଳେ ଡାଳେ ଗଲେ ଅପରାଧୀମାନେ ପତରେ ପତରେ ଯାଉଛନ୍ତି । ସାଇବର ଅପରାଧ ରୋକିବାକୁ ଥାନାରେ ସ୍ୱତନ୍ତ୍ର ସାଇବର ସେଲ ଖୋଲାଯାଇଛି । କିନ୍ତୁ ଏହା ସତ୍ତ୍ୱେ ଅପରାଧ ହାର ବଢ଼ିଚାଲିଛି । ଚିଟଫଣ୍ଡ ମାଧ୍ୟମରେ ଲୋକେ ଯେତିକି ଠକେଇର ଶିକାର ହୋଇଛନ୍ତି ସାଇବର ଅପରାଧରେ ତା'ଠାରୁ ଢେର ଅଧିକ ଶିକାର ହୋଇଛନ୍ତି । ଲୋକଙ୍କ ନିକଟକୁ ମୋବାଇଲ ମାଧ୍ୟମରେ ଅନେକ ମେସେଜ ଆସୁଛି । ଏଥିରେ ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଉ ନାହାଁନ୍ତି । କାରଣ ସେମାନେ ସତର୍କ ହୋଇଯାଇଛନ୍ତି । କିନ୍ତୁ ୨୦ ପ୍ରତିଶତ କେବେ ନା କେବେ କେଉଁଠି ନା କେଉଁଠି ସାଇବର ଅପରାଧିଙ୍କ ଜାଲରେ ପଡ଼ି ନିଜ କଷ୍ଟୋପାର୍ଜିତ ଧନ ହରାଉଛନ୍ତି । ଆଖି ପିଛୁଳାକେ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଗାଏବ ହୋଇଯାଉଛି । ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସରକାର ତଥା ପୋଲିସ କହୁଛି ଅଜଣା ଫୋନ କଲରେ କେହି ଆକାଉଣ୍ଟ ନମ୍ବର ବା ଓଟିପି ନମ୍ବର ମାଗିଲେ ତାହାକୁ ଅଣଦେଖା କରନ୍ତୁ ଏବଂ ପୋଲିସରେ ସୂଚନା ଦିଅନ୍ତୁ । କୌଣସି ବ୍ୟାଙ୍କ କେବେ ଗ୍ରାହକଙ୍କୁ ତାଙ୍କ ବ୍ୟକ୍ତିଗତ ସୂଚନା ମୋବାଇଲ ମାଧ୍ୟମରେ ମାଗନ୍ତି ନାହିଁ । କିନ୍ତୁ ସାଧାରଣ ଲୋକେ ଏଥିପ୍ରତି ସତର୍କ ହେଉ ନାହାଁନ୍ତି । ଅନେକ ସମୟରେ କିଛି ବ୍ୟକ୍ତି ସହଜରେ ମୋଟା ଅଙ୍କର ଲୋନ ନେବାର ଲୋଭ ଦେଖାଇ ଠକୁଛନ୍ତି । ଆଉ କିଛି ଫୋନ କଲ ଆସୁଛି ଆପଣଙ୍କ ଏଟିଏମ କାର୍ଡର ଅବଧି ସରିଯାଇଛି । ଏହା ଅଚଳ ହୋଇଯିବ । ଆପଣ ଶୀଘ୍ର ନମ୍ବର ଦିଅନ୍ତୁ, ଏହାକୁ ପୁନର୍ବାର ସଚଳ କରିଦିଆଯିବ । ସେଥିରେ ମଧ୍ୟ ଅନେକ ଠକେଇର ଶିକାର ହେଉଛନ୍ତି । ଏହା ବ୍ୟତିତ ଅଳ୍ପ ଦିନରେ ଭଲ ରିଟର୍ଣ୍ଣ ପାଇବାର ଲୋକ ଦେଖାଇ କେତେକ ଗ୍ରାହକଙ୍କୁ ଲୁଟ କରୁଛନ୍ତି । କେବଳ ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତି ନୁହଁନ୍ତି, ଅନେକ ସଚେତନ ଏବଂ ଉଚ୍ଚ ଶିକ୍ଷିତ ବ୍ୟକ୍ତି ମଧ୍ୟ ଏହାର ଶିକାର ହେଉଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ, ଲୋକେ ଅନ ଲାଇନ କାରବାର ବା ଡିଜିଟାଲ କାରବାର କରିବାକୁ ଭୟ କରୁଛନ୍ତି । ବରଂ ପୁରୁଣା ଅଫଲାଇନ କାରବାର ଅଧିକ ଭଲ ଏବଂ ସୁରକ୍ଷିତ ବୋଲି ସେମାନେ ମତ ବ୍ୟକ୍ତ କରୁଛନ୍ତି । ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱରରୁ ୨ କୋଟି ୨୦ ଲକ୍ଷ ଟଙ୍କାର ଅନଲାଇନ ଠକେଇ ହୋଇଥିବା ଜଣାପଡ଼ିଛି । ଅଧିକ ରିଟର୍ଣ୍ଣ ପାଇବାର ଲୋଭ ଦେଖାଇ ସାଇବର ଅପରାଧିମାନେ ଲୋକଙ୍କଠାରୁ ଏହା ଲୁଟିଛନ୍ତି । ରାଜଧାନୀର ସଚେତନ ନାଗରିକ ମଧ୍ୟ ସାଇବର ଅପରାଧିଙ୍କ ଜାଲରେ ପଡ଼ିଯାଉଛନ୍ତି ତାହା ବିସ୍ମୟର କଥା । ଏହା ପୋଲିସ ପାଇଁ ଏକ ଚାଲେଞ୍ଜ ହୋଇଛି । ଏହାକୁ ଶତ ପ୍ରତିଶତ ରୋକିବା ସମ୍ଭବ ନୁହେଁ । କିନ୍ତୁ ଏହାକୁ ଅନେକାଂଶରେ ରୋକାଯାଇପାରିବ ବା ସାଇବର ଅପରାଧିକୁ ଧରିବା ସମ୍ଭବ ହେବ ଯଦି ଏ କ୍ଷେତ୍ରରେ ଅତ୍ୟାଧୁନୀକ ଟେକ୍ନୋଲୋଜି ବ୍ୟବହାର ହେବ ଏବଂ ଲୋକଙ୍କୁ ଅଧିକ ସଚେତନ କରାଯିବ । ସାଇବର ଅପରାଧୀଙ୍କ ପ୍ରତି କଠୋର ଦଣ୍ଡବିଧାନ ସହ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ ।

# ପୁନଶ୍ଚ ଅଜନଲା -ପୁନଶ୍ଚ ଦେଶଦ୍ରୋହ

॥ ସୌମେନ୍ଦ୍ର ଜେନା ॥

> ;ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢ଼ିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି ।

ଖବରକାଗଜ ପୃଷ୍ଠାରେ ହଠାତ୍ କିଛିଦିନ ପୂର୍ବେ ଖବର ଆସିଲା ଯେ ପଞ୍ଜାବର ଅମୃତସର ନିକଟବର୍ତ୍ତୀ ଅଜନଲାଠାରେ ଏକ ଥାନା ଉପରେ ଆକ୍ରମଣ କରି ଲୋକେ ପୁଲିସ ଉପସ୍ଥିତିରେ ଅଭିଯୁକ୍ତକୁ ଥାନାରୁ ଖସାଇ ନେଇଛନ୍ତି । ଖାଲିସ୍ତାନୀ ସମର୍ଥକ ଅମୃତପାଲ ସିଂହର ସହଯୋଗୀ ଲଭ୍‌ପ୍ରୀତ ତୁଫାନ ସିଂହ ଏକ ଅପହରଣ ଏବଂ ଆକ୍ରମଣ ଅଭିଯୋଗରେ ଥାନାରେ ଅଟକ ଥିଲାବେଳେ ଅମୃତପାଲର ନେତୃତ୍ୱରେ ହଜାର ହଜାର ସଂଖ୍ୟକ ଲୋକେ ପୁଲିସଥାନା ଉପରେ ସଂଗଠିତ ଭାବେ ଆକ୍ରମଣ କରିଥିଲେ । ସେମାନେ ହାତରେ ଖଣ୍ଡା ଏବଂ ବନ୍ଧୁକ ଧରିଥିବା କଥା କୁହାଯାଉଛି ।

ଅନେକ ଘଣ୍ଟା ଧରି ଅଭିଯୁକ୍ତର ସହଯୋଗୀମାନେ ଥାନାକୁ ନିଜ କବ୍‌ଜାରେ ରଖିଥିଲେ । ଅଭିଯୁକ୍ତମାନେ କାଳେ ଗୁରୁ ଗ୍ରନ୍ଥ ସାହିବକୁ ଧରି ଥାନାରେ ପଶିଥିବାରୁ ପୁଲିସ କିଛି କରିପାରି ନଥିବା କଥା କୁହାଯାଉଛି । ପୂର୍ବରୁ ଅମୃତପାଲର ଲୋକେ ଧାରଣା ଦେବାକୁ କହି ପରେ ଥାନା ଉପରେ ଚଢାଉ କରିଥିବା କୁହାଯାଉଛି । କଥାହେଲା ଘଟଣା ବେଳେ ଶହଶହ ପୁଲିସ ଉପସ୍ଥିତ ଥିଲେ ମଧ ମୂକଦର୍ଶକ ସାଜିଥିଲେ । ଅତୀତରେ ଖାଲିସ୍ତାନୀ ନେତା ଭିନ୍ଦ୍ରନୱାଲେ ଅମୃତସରର ସ୍ୱର୍ଣ୍ଣମନ୍ଦିର ପରିସର ମଧରେ ଏମିତି ସୁରକ୍ଷିତ ରହି ଦୀର୍ଘଦିନ ଧରି ରାଜ୍ୟରେ ରକ୍ତପାତ ସୃଷ୍ଟି କରିଥିଲା । ସେତେବେଳେ ମଧ ଗୁରୁଦ୍ୱାରର ପବିତ୍ରତା ଆଳ ଦେଖାଇ ଶିଖଗୁରୁମାନେ ତାକୁ ସୁରକ୍ଷା ଦେଇଥିଲେ । ଶେଷରେ ବାଧ ହୋଇ ଅପରେସନ୍ ବ୍ଲୁଷ୍ଟାର ହେବା ଯୋଗୁ ଭିନ୍ଦ୍ରନୱାଲେ ଏବଂ ତାର ସାଥୀ ସନ୍ତ୍ରାସୀମାନଙ୍କର ମୃତ୍ୟୁ ହୋଇଥିଲା ।

ଘଟଣା ୨୪ ଫେବୃଆରୀ ୨୦୨୩ରେ ଘଟିଥିବା ବେଳେ ୪ ମାର୍ଚ୍ଚ ପର୍ଯ୍ୟନ୍ତ କୌଣସି ପ୍ରାଥମିକ ଅଭିଯୋଗ ପୁଲିସ ପକ୍ଷରୁ ନହେବା ଆଶ୍ଚର୍ଯ୍ୟଜନକ ଘଟଣା । ଅଥଚ ସଫେଇ ଦେବାକୁ ଯାଇ ରାଜ୍ୟର ପୁଲିସ ବିଭାଗର ଲୋକେ ପଦକ୍ଷେପ ନେବାକୁ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି । ଏଥିରୁ ରାଜ୍ୟ ପୁଲିସର ଅପାରଗତା ଏବଂ ରାଜ୍ୟ ସରକାରଙ୍କ ସନ୍ତ୍ରାସବାଦୀ ଗୋଷ୍ଠୀଙ୍କ ନିକଟରେ ଆତ୍ମସମର୍ପଣ ସହଜରେ ଦୃଷ୍ଟି ଗୋଚର ହେଉଛି । ରାଜ୍ୟର ସୁରକ୍ଷା ଏବଂ ଆଇନର ରକ୍ଷା ନେଇ ବିଗତ ପ୍ରଦେଶ ନିର୍ବାଚନ ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ଯେଉଁ ବାହାପିଆ କଥା କହିଥିଲେ ଏଥିରୁ ତାଙ୍କ ମୂଲ୍ୟହୀନ ନୀତିର ପ୍ରମାଣ ମିଳୁଛି ।

ରାଜ୍ୟ ସରକାର ଏଭଳି ମାମଲାରେ କଠୋର ପଦକ୍ଷେପ ଗ୍ରହଣ ନକରି ସେମାନଙ୍କ ସମର୍ଥନ ଲାଭ ପାଇଁ ଷଡଯନ୍ତ୍ର କଲାପରି ମନେ ହେଉଛି । ଏଥିରୁ ଅତୀତରେ କୁମାର ବିଶ୍ୱାସ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ବିରୁଦ୍ଧରେ କରିଥିବା ଅଭିଯୋଗର ପ୍ରାମାଣିକତାକୁ ବିଶ୍ୱାସ କରି ହେଉଛି । ଆନ୍ନା ହଜାରେଙ୍କ ଆନ୍ଦୋଳନ ସମୟରେ କୁମାର ବିଶ୍ୱାସ ଏବଂ ଅରବିନ୍ଦ କେଜ୍ରିୱାଲ ମିଳିତ ଭାବେ ଆନ୍ଦୋଳନରେ ସାମିଲ ଥିଲେ । ପରବର୍ତ୍ତୀ କାଳରେ ଅରବିନ୍ଦ ଏକଦା କହିଥିଲେ ଯେ ପଞ୍ଜାବ ଭଳି ଛୋଟିଆ ରାଜ୍ୟକୁ ସ୍ୱାଧୀନ ରାଷ୍ଟ୍ରକରି ତାର ପ୍ରଧାନମନ୍ତ୍ରୀ ହେବା ପାଇଁ ତାଙ୍କର ଆଗ୍ରହ ରହିଛି । ସେହିଦିନଠାରୁ ଅରବିନ୍ଦ କେଜ୍ରିୱାଲଙ୍କ ଭୟଙ୍କର ସୈତାନୀ ଅଭିସନ୍ଧିକୁ କୁମାର ବୁଝିପାରିଥିଲେ । ସେହି ଲକ୍ଷ୍ୟରେ କେଜ୍ରିୱାଲ କୃଷକ ଆନ୍ଦୋଳନ ସମୟରେ ଦିଲ୍ଲୀ ସୀମାରେ ବସିଥିବା ଖାଲିସ୍ତାନୀ ସମର୍ଥକଙ୍କୁ ଢେର ସହାୟତା ଯୋଗାଇ ଦେଇଥିଲେ, ପଞ୍ଜାବରେ ନିର୍ବାଚନ ହେବାକୁ ଥିବାରୁ ସେମାନଙ୍କୁ ହାତ କରିବାକୁ ରହିଁଥିଲେ ।

ବିଧାନସଭା ନିର୍ବାଚନ ସମୟରେ ସେମାନଙ୍କ ସମର୍ଥନ ଆପ୍ ସହିତ ରହିବାହେତୁ ପଞ୍ଜାବରେ ଆପ୍‌ର ସରକାର ଆସିଲା । ଏବେ ବିଗତ କିଛିମାସ ହେବ ଦେଖିବାକୁ ମିଳୁଛି ଯେ ଆପ୍‌ର ସରକାର ପଞ୍ଜାବରେ ଆସିଲା ପରେ ସେଠାରେ ଖାଲିସ୍ତାନୀଙ୍କ ଉତ୍ପାତ ସାଧାରଣରେ ବୃଦ୍ଧି ପାଇଛି । ଦେଶ ବାହାରେ ଥିବା ଗୋଷ୍ଠୀଙ୍କର ହସ୍ତକ୍ଷେପ ପଞ୍ଜାବରେ ବଢ଼ିବାରେ ଲାଗିଛି । ଖାଲିସ୍ତାନ ସମର୍ଥନରେ କାନ୍ଥବାଡରେ ପ୍ରାଚୀର ପତ୍ର ଦେଖିବାକୁ ମିଳୁଛି । ହିନ୍ଦୁ ସଂଗଠନର ନେତାମାନଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି । ଖୁବ୍‌କମ୍ ଦିନ ଅନ୍ତରରେ ପ୍ରାୟ ୪ଜଣ ହିନ୍ଦୁନେତାଙ୍କୁ ଇତି ମଧ୍ୟରେ ହତ୍ୟା କରାଯାଇଛି । ପଞ୍ଜାବ ମୁଖ୍ୟମନ୍ତ୍ରୀ ଏସବୁକୁ ସାଧାରଣ ଘଟଣା କହି ନିଜର ଅପାରଗତାକୁ ପ୍ରଦର୍ଶିତ କରିବାରେ ଲାଗିଛନ୍ତି । ନିକଟରେ ଜଣେ ପଞ୍ଜାବୀ ଅଭିନେତ୍ରୀ ଏହାକୁ ଠିକ୍ କାମ କହି ସମର୍ଥନ କରିଛନ୍ତି । କିନ୍ତୁ ହିନ୍ଦୁ ନେତାମାନଙ୍କ ହତ୍ୟାପଛରେ ଖାଲିସ୍ତାନକୁ ସମର୍ଥନ କରୁଥିବା ଗୋଷ୍ଠୀଙ୍କର ହାତ ରହିଥିବାର ଅନେକ ପ୍ରମାଣ ମିଳୁଛି । ଏଥିରୁ ଯାହା ଜଣାଯାଉଛି ଯେ ୧୯୯୫ରୁ ଯେଉଁ ଖାଲିସ୍ତାନୀ ନେତା ପାକିସ୍ତାନକୁ ଚାଲିଯାଇ କିମ୍ବା କାନାଡା, ବ୍ରିଟେନ, ଅଷ୍ଟ୍ରେଲିଆରେ ରହି ଖାଲିସ୍ତାନୀ ପତାକା ଉଡାଉଥିଲେ ଏବେ ସେମାନେ ଆର୍ଥିକ ସହାୟତା ଦେଇ ପୁନର୍ବାର ସନ୍ତ୍ରାସ ସୃଷ୍ଟି କରିବାକୁ ରହୁଁଛନ୍ତି ।

ଏବେ ଯେଉଁ ଗୋଷ୍ଠୀଟି ପଞ୍ଜାବରେ ମୁଣ୍ଡ ଟେକୁଛି ତାହା ଦୀପ ସିଦ୍ଧୁ ପ୍ରତିଷ୍ଠିତ 'ୱାରିସ ପଞ୍ଜାବ ଦେ' ଦଳ । ୨୬ ଜାନୁଆରୀ ୨୦୨୧ରେ କୃଷକ ଆନ୍ଦୋଳନ ବେଳେ ଯେଉଁ ହଙ୍ଗାମା ଦିଲ୍ଲୀରେ ହୋଇଥିଲା ସେହି ଗୋଳମାଳ ଭିତରେ ସିଦ୍ଧୁ ଲାଲକିଲ୍ଲା ଉପରେ ଖାଲିସ୍ତାନୀ ପତାକା ଉଡାଇ ଚର୍ଚ୍ଚାକୁ ଆସିଥିଲା । ଏହା କରିବା ଲାଗି ଶିଖ ଫର୍ ଜଷ୍ଟିସ ସଂଗଠନର ପନ୍ନୁ ଖାଲିସ୍ତାନୀମାନଙ୍କୁ ଆହ୍ୱାନ ଦେଇ ପୁରସ୍କାର ମଧ ଘୋଷଣା କରିଥିଲା । ଏହାପରେ ସିଦ୍ଧୁକୁ ଅନେକ ଅର୍ଥ ଅନୁଦାନ ରୂପେ ମିଳିଥିଲା ଯେଉଁଥି ପାଇଁ ସେପ୍ଟେମ୍ବର ୨୦୨୧ରେ ପଞ୍ଜାବୀ ସଂସ୍କୃତିର ସୁରକ୍ଷା ଓ ସାମାଜିକ ଚେତନା ସୃଷ୍ଟି କରିବା ଲକ୍ଷ୍ୟରେ ସେ ନିଜ ସଂଗଠନ ଆରମ୍ଭ କଲା । ହେଲେ ୧୫ ଫେବୃଆରୀ ୨୦୨୨ରେ ସିଦ୍ଧୁର ମୃତ୍ୟୁ ସଡକ ଦୁର୍ଘଟଣାରେ ହେଲା । ସିଦ୍ଧୁର ମୃତ୍ୟୁପରେ ସଂଗଠନର ନେତୃତ୍ୱ ତାର ସହଯୋଗୀମାନେ ଅଲଗା ଅଲଗା ନେବାରୁ ସେଥିରେ ବିଭାଜନ ହେଲା ।

ଏବେ ଗୋଟିଏ ଗୋଷ୍ଠୀର ନେତୃତ୍ୱ ଅମୃତପାଲ ହାତରେ ପଡିଛି । ଅମୃତପାଲର ପରିବାର ଢେର ଆଗରୁ ଦୁବାଇକୁ ଚାଲିଯାଇଛନ୍ତି । ସେ ଦୁବାଇରେ ଟ୍ରକ୍ ଡ୍ରାଇଭର କାର୍ଯ୍ୟ କରୁଥିଲା । ୧୨ଶ ଶ୍ରେଣୀ ଯାଏଁ ପାଠ ପଢିଥିବା ଅମୃତପାଲ କୃଷକ ଆନ୍ଦୋଳନ ସମୟରେ ସୋସିଆଲ ମିଡିଆ ମାଧ୍ୟମରେ ସିଦ୍ଧୁ ସହ ସଂପର୍କରେ ଆସିଥିଲା । କୃଷକ ଆନ୍ଦୋଳନ ବେଳେ କେବେ କେମିତି ଟ୍ୱିଟ କରୁଥିବା ଅମୃତପାଲ ହଠାତ୍ ଖାଲିସ୍ତାନୀ ଟ୍ୱିଟ ଆରମ୍ଭ କରିବାକୁ ଲାଗିଲା । ସିଦ୍ଧୁର ମୃତ୍ୟୁ ପରେ ଖାଲିସ୍ତାନୀ ଗୋଷ୍ଠୀକୁ ସଂଗଠିତ କରିବା ପାଇଁ ସିଦ୍ଧୁର ଗୋଟିଏ ଗୋଷ୍ଠୀର ନେତୃତ୍ୱ ନେଇ ଉଦ୍ୟମ କଲା । କିନ୍ତୁ ସଂପ୍ରତି ଯେପରି ଖାଲିସ୍ତାନୀ ସମର୍ଥନ ବା ହିଂସାଜନିତ ଉତ୍ତେଜନା ସୃଷ୍ଟି ପାଇଁ ଏହି ଗୋଷ୍ଠୀ ଉଦ୍ୟମ କରୁଛି ତାର ମୂଳ କାରଣ ଇସଲାମିକ ଗୋଷ୍ଠୀର ସମର୍ଥନ ଲାଭକରି ପଞ୍ଜାବରେ ଚାଲିଥିବା ୱାକଫ୍ ସଂପତ୍ତି ବିରୋଧୀ ଆନ୍ଦୋଳନକୁ ଚପାଇବା ଏବଂ କାଶ୍ମିରୀ ମୁସଲିମ ଗୋଷ୍ଠୀଙ୍କୁ ସମର୍ଥନ ଦେବା ।

ଆଇଏସ୍‌ଆଇ ସହ ସଂପର୍କରେ ଥିବା ବହୁ ବିଦେଶୀ ପଞ୍ଜାବୀ ଇତି ମଧରେ ଭାରତକୁ ଫେରିଆସି ସଂଗଠିତ ହେବାରେ ଲାଗିଛନ୍ତି,ଯେଉଁମାନେ ୧୯୯୫ ଅପରେସନ ବେଳେ ଭାରତଛାଡି ପାକ୍, କାନାଡା, ବ୍ରିଟେନ ଅଷ୍ଟ୍ରେଲିଆକୁ ଚାଲିଯାଇ ଥିଲେ । ବିଗତ ତିନିବର୍ଷ ହେଲା ବିଦେଶରେ ଖାଲିସ୍ତାନ ସପକ୍ଷରେ ଗଣଭୋଟ ଜାରି ରହିଛି ।

# ଖୁସି, ସୁଖ ଓ ଶାନ୍ତି

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ବିଶ୍ୱର ସବୁଠାରୁ ଖୁସି ଦେଶ ଭାବେ ଫିନଲ୍ୟାଣ୍ଡ ସ୍ଥାନିତ ହୋଇଛି । ମାର୍ଚ୍ଚ ୨୦ରେ ବିଶ୍ୱ ଖୁସି ଦିବସ ଅବସରରେ ଖୁସିର ବିଭିନ୍ନ ମାନଦଣ୍ଡକୁ ଦେଖି ଏହି ଦେଶ ତାଲିକାର ଶୀର୍ଷରେ ରହିଥିବାବେଳେ ଭାରତର ସ୍ଥାନ ୧୨୫ରେ ରହିଛି । ଖୁସିର ମାନଦଣ୍ଡ ରହିଥିଲା ଲୋକମାନଙ୍କ ଭିତରେ ସକରାତ୍ମକ ଭାବନା । ଆଜିର ସମୟକୁ ଦେଖିଲେ ଜଣାଯାଏ ଅନେକ ସମୟରେ ଆମ୍ଭମାନଙ୍କ ଭିତରେ ଭାବନା ଗୁଡ଼ିକ ସକରାତ୍ମକ ହେବା ଅପେକ୍ଷା ଏହା ନକରାତ୍ମକ ସ୍ଥାନ ନେଇଯାଉଛି । ଜୀବନର ପ୍ରତିଟି କ୍ଷେତ୍ର ସମସ୍ତଙ୍କ ପାଇଁ ଆହ୍ୱାନଭରା । ଭଗବାନଙ୍କ ସୃଷ୍ଟିରେ ସୁଖ ଓ ଶାନ୍ତିକୁ କେହି କିଣି ପାରନ୍ତି ନାହିଁ । ଏହାର ମୂଲ୍ୟ ଅମୂଲ୍ୟ । ତେବେ ଆମ ଚାହିଁଲେ ସୁଖ ଓ ଶାନ୍ତି ପ୍ରାପ୍ତ ହୋଇପାରିବା । ତେବେ ଏଥିପାଇଁ ଆମ୍ଭମାନଙ୍କର ବ୍ୟକ୍ତିଚେତନା, ମାନସିକତା ଓ ସକରାତ୍ମକ ଦୃଷ୍ଟିଭଙ୍ଗୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆମେ ଆଶାକରେ ଦୁନିଆରେ ଶାନ୍ତି ରହୁ । ମାତ୍ର ଏହି ଶାନ୍ତି କେଉଁଠୁ ଆସିବ ସେ ବିଷୟରେ କେବେ ଚିନ୍ତା କରେନି ।

ଆମେ ଭାବୁ ଦୁନିଆରେ ମନକୁ ମନ ଶାନ୍ତି ଆସିଯିବ । କିନ୍ତୁ ପ୍ରକୃତ କଥା ହେଉଛି ଶାନ୍ତି ଆମ ଭିତରୁ ସୃଷ୍ଟି ହୋଇ ବାହାରକୁ ଖେଳିଯିବା ଦରକାର । ଆମ ସମସ୍ତଙ୍କ ଜୀବନ ଅନେକ ପ୍ରକାରେ ଖଣ୍ଡବିଖଣ୍ଡିତ ହୋଇଛି । ଆମେ ଏମିତି ଜୀବନ କାଟୁଛେ ଯେଉଁଥିରେ ବ୍ୟକ୍ତି ଅନେକ ଭାଗରେ ବାଣ୍ଟି ହୋଇଯାଉଛି । ଆମ ପାଖରେ ଏକ ଭୌତିକ ଶରୀର ଅଛି, ମନ ଓ ବୁଦ୍ଧି ଅଛି, ଭାବନା ଅଛି ଏବଂ ଆମର ଏକ ଆଧାତ୍ମିକ ପକ୍ଷ ମଧ ଅଛି । ଆମ ଶାରୀରିକ ସମସ୍ୟା ହୋଇପାରେ, ଜୀବନରେ କିଛି ମାନସିକ ସମସ୍ୟା ଆସିପାରେ, ଆମେ ଭାବନାତ୍ମକ ଭାବରେ ଦୁଃଖି ହୋଇପାରେ ।

ପ୍ରକୃତରେ ଆମେ କେବେ ବି ଏକ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ଭାବରେ ସଂଗଠିତ ହୋଇପାରେ ନାହିଁ । କାରଣ ଅଧିକାଂଶ ଲୋକ ନିଜର ଆଧାତ୍ମିକ ପକ୍ଷ ପ୍ରତି ସଚେତନ ନୁହଁନ୍ତି । ଆମେ ଆମ ବ୍ୟକ୍ତିତ୍ୱର ସବୁ ପକ୍ଷକୁ ସଂଗଠିତ କରିବା ଉପରେ ଜୋର ଦିଏନି, ବରଂ ଭିନ୍ନ ଭିନ୍ନ ପକ୍ଷ ଉପରେ ଜୋର ଦିଏ । ଆମେ ନିଷ୍ଠାପର କର୍ମଚାରୀ ହୋଇପାରୁ, ମହତ୍ତ୍ୱାକାଂକ୍ଷୀ ପିତା ହୋଇପାରୁ, ଯଜ୍ଞ ପାଇଁ ଚାନ୍ଦା ଦେଉଥିବା ଶ୍ରଦ୍ଧାଳୁ ହୋଇପାରୁ, ମାତ୍ର ଆଧାତ୍ମିକ ହୋଇପାରୁନି । ଆଧାତ୍ମିକ ମନିଷୀ ଓ ସମାଜର ଦିଗ୍‌ଦ୍ରଷ୍ଟା ମାନଙ୍କ ଦର୍ଶନରେ ଶାନ୍ତି ସଂପୂର୍ଣ୍ଣ ରୂପେ ମଣିଷର ଆୟାତାଧିନ ଥିଲେ ବି ସମସ୍ତେ କିନ୍ତୁ ବାସ୍ତବରେ ଶାନ୍ତି ପାଇଁ ଯତ୍ନବାନ ହେଉନାହାଁନ୍ତି । ସଂପ୍ରତି ସମାଜର ସବୁକ୍ଷେତ୍ରରେ ଅଶାନ୍ତି ଭରି ରହିଛି । ବାପ ପୁଅ, ସ୍ୱାମୀ-ସ୍ତ୍ରୀ, ମାଲିକ ନୌକର, ଗୁରୁ-ଶିଷ୍ୟ, ମା-ଝିଅ ସବୁଠି ସବୁକ୍ଷେତ୍ରରେ ଶାନ୍ତି ଆଜି ଦୂରେଇ ଯାଉଛି ।

ପ୍ରଶ୍ନ ଉଠୁଛି ଏସବୁର ନିରାକରଣ କ'ଣ ? ଆଧାତ୍ମିକ ମାର୍ଗଦର୍ଶକଙ୍କ ତତ୍ତ୍ୱ ଅନୁଯାୟୀ 'ଯେଉଁମାନେ କୌଣସି କାମନା ବାସନା ନରଖି ନିରାଡ଼ମ୍ବର ଓ ଶୋଭନୀୟ ଜୀବନ ବିତାଇ ସର୍ବନିମ୍ନ ଜୀବନ ନିର୍ବାହ କରୁଥିଲେ ବି ସେମାନଙ୍କ ପାଇଁ ଶାନ୍ତି ନିଶ୍ଚିନ୍ତ ।' ଶାନ୍ତିର ପ୍ରାପ୍ତି ପାଇଁ କୌଣସି ବଣ ଜଙ୍ଗଲକୁ ଯାଇ ସାଧକ ହେବା ଲୋଡ଼ା ନାହିଁ କିମ୍ବା ଜଳସ୍ପର୍ଶ ନକରି କଷ୍ଟକର ସାଧନା ବି ଲୋଡ଼ା ନାହିଁ । ଏହାପାଇଁ କେବଳ ନିସ୍ୱାର୍ଥପର ଭାବରେ ମଣିଷ ସମାଜ ପ୍ରତି ମାନବୀୟ ମୂଲ୍ୟବୋଧ ରଖି ଯିଏ ବି ନିଜର ଜୀବନ ଅତିବାହିତ କରିବା ପାଇଁ ଚେଷ୍ଟା ରଖିଥାଏ ଶାନ୍ତି ତା ପାଖରେ ଆପେ ଆପେ ପହଞ୍ଚିଥାଏ । କିନ୍ତୁ ବାସ୍ତବ କଥା ହେଉଛି ଶାନ୍ତି ପାଇଁ ସମସ୍ତେ ବ୍ୟସ୍ତ ଥିଲେ ବି ପ୍ରକୃତରେ ଶାନ୍ତି ପାଇଁ କ'ଣ ସମସ୍ତେ ବ୍ୟାକୁଳିତ ?

ସଂପ୍ରତି ସମାଜରେ ବିଭିନ୍ନ ଚେହେରାର ମୁଖାଧାରୀ ଚରିତ୍ରଙ୍କୁ ଆମ୍ଭେମାନେ ଆଖପାଖରେ ଦେଖିବାକୁ ପାଉ । ସେମାନଙ୍କ ଭିତରୁ ସମସ୍ତେ ଶାନ୍ତି ପାଇଁ ବିବ୍ରତ ହୋଇପଡୁଥିଲେ ବି ଅଶାନ୍ତି ରୂପକ କର୍ମବ୍ୟସ୍ତତା, ଧନପ୍ରତି ଲୋଭ, ଭିତରର ବିଦ୍ୱେଷ ଚରିତ୍ର ଓ ସମାଜରେ ଅଶୋଭନୀୟତା ପାଇଁ ବ୍ୟତିବ୍ୟସ୍ତତା ବାସ୍ତବରେ ସେମାନଙ୍କୁ ଶାନ୍ତି ଠାରୁ ଦୂରେଇ ରଖିଥାଏ ।

ଉପରୋକ୍ତ ଚେହେରା ଭିତରେ କୌଣସି ତାଳମେଳ ନଥାଏ । କିନ୍ତୁ ଯେତେବେଳେ ଗୋଟିଏ ବ୍ୟକ୍ତିତ୍ୱ ସମ୍ପୂର୍ଣ୍ଣ ହୋଇଯାଏ ସେତେବେଳେ ତା ଆଖପାଖର ବିଶ୍ୱ ସମ୍ପୂର୍ଣ୍ଣ ହୋଇଯାଏ । ମାତ୍ର ନିଜ ବ୍ୟକ୍ତିତ୍ୱକୁ ସମ୍ପୂର୍ଣ୍ଣ କରିବା ପାଇଁ ନିଜର ଆଧାତ୍ମିକ ପକ୍ଷକୁ ମଧ ବିକଶିତ କରିବାକୁ ହୁଏ । କାରଣ ଆଧାତ୍ମିକ ସ୍ୱାସ୍ଥ୍ୟ ଉପରେ ହିଁ ଆମର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ନିର୍ଭର କରେ । ଆମ ଆତ୍ମା ଆମ ବ୍ୟକ୍ତିତ୍ୱର ସବୁ ଅଂଶକୁ ଯୋଡ଼ିପାରେ । ହେଲେ ଆମେ ଆମ ଆତ୍ମା ପର୍ଯ୍ୟନ୍ତ ପହଞ୍ଚିବା କିପରି ? ଏଥିପାଇଁ ଆବଶ୍ୟକ ଧ୍ୟାନ । ଧ୍ୟାନ ଅଭ୍ୟାସ ଦ୍ୱାରା ଆମେ ନିଜକୁ ବାହ୍ୟ ଦୁନିଆରୁ ନିଜ ଭିତରକୁ ନେଇପାରିବା, ନିଜ ଆତ୍ମା ସହ ଜଡ଼ିତ ହୋଇପାରିବା ।

ଯେତେବେଳେ ଆମେ ଆମର ଆତ୍ମା ସହ ସଂଯୁକ୍ତ ହୁଏ, ସେତେବେଳେ ଈଶ୍ୱରଙ୍କ ସହ ମଧ ସଂଯୁକ୍ତ ହୁଏ । ଈଶ୍ୱରଙ୍କ ପାଖରେ ସବୁକିଛି ଅଛି ଏବଂ ସବୁକିଛି ପ୍ରଭୁଙ୍କର । ଏହି ଭାବନା ଆମ ମନରେ ଶାନ୍ତି ଦିଏ । ଯେତେବେଳେ ଆମେ ନିଜ ଆତ୍ମା ସହ ସଂଯୁକ୍ତ ହୁଏ ସେତେବେଳେ ପ୍ରେମ, ଶାନ୍ତି, ଆନନ୍ଦ ଓ ସନ୍ତୋଷ ନିଜ ଭିତରେ ପାଏ । ତେଣୁ ଆମର ସମସ୍ତେ ନିଜକୁ ସମ୍ପୂର୍ଣ୍ଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ, ଏହାଦ୍ୱାରା ଆମେ ସାରା ଦୁନିଆକୁ ସମ୍ପୂର୍ଣ୍ଣ କରିପାରିବା । ସବୁଠାରୁ ବଡ଼ କଥା ଏହାଦ୍ୱାରା ଆମେ ଦୁନିଆକୁ ସୁସ୍ଥ ଓ ଶାନ୍ତିମୟ କରିପାରିବା ।


ସହ-ପ୍ରତିରତ୍ୱିକ, ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭


# କୁନି ଓଠରେ କଥା ନାହିଁ

॥ ଡାକ୍ତର କାନ୍ତୀ ନାୟକ ॥

ଶିଶୁଟି ୧୧ ମାସ ହେଲାବେଳକୁ ଗୋଟେ ଦି'ଟା ଶବ୍ଦ ଉଚ୍ଚାରଣ କରିପାରୁଛି । ୧୬ମାସ ବେଳକୁ ଅଳ୍ପ କେଇଟି ଶବ୍ଦ ଉଚ୍ଚାରଣ କରୁଛି ଯାହାର ପ୍ରକୃତ ଶବ୍ଦ ସହିତ କିଛି ସାମଞ୍ଜସ୍ୟ ରହୁଛି । ୨୪ ମାସ ବେଳକୁ ସିଏ ଆଉ କିଛି ଏଭଳି ଶବ୍ଦକୁ ତା' ପାଟିରେ କହିବାକୁ ଚେଷ୍ଟା କରୁଛି । କିନ୍ତୁ ଅଧିକାଂଶ ବାପା-ମା ଖିଆଲ କରିପାରୁନାହାନ୍ତି ଦୁଇବର୍ଷ ବେଳକୁ ସିଏ ଅନେକ କିଛି କହିବା କଥା ତା'ଦରୋଟି ଓଠରେ ।

ଶିଶୁରୋଗ ବିଶେଷଜ୍ଞମାନଙ୍କ ଏକ ରିପୋର୍ଟରୁ ଜଣାଯାଇଛି ଏଇ କିଛି ବର୍ଷ ହେଲା ସେମାନଙ୍କ ପାଖକୁ ଦୁଇବର୍ଷ ପାରିକରି ସାରିଥିବା ଶିଶୁମାନଙ୍କ ବାକ୍ ସମସ୍ୟା ନେଇ ଅନେକ ପିତା-ମାତା ଆସୁଛନ୍ତି । ସେମାନଙ୍କ ସମସ୍ୟା ହେଲା ତାଙ୍କ ପିଲା ଏଯାଏଁ କଥା କହୁନି କାହିଁକି । ସବୁ କରୁଛି କିନ୍ତୁ ପାଟିର କଥାରେ ନିଜ ଭାବ ବ୍ୟକ୍ତ କରିପାରୁନି । ଅଧିକାଂଶ ଇଚ୍ଛା ଠାରରେ ବ୍ୟକ୍ତ କରୁଛି । କିଛି କହିବାକୁ ଚାହିଁଲେ ବାପା-ମା'ଙ୍କୁ ଭିଡ଼ିନେଉଛି ସେଇଠିକୁ ଯେଉଁଟା ସିଏ ନିଜେ କହିପାରନ୍ତା ।

ଏମିତି ହେବାର କାରଣ କ'ଣ ? କାହିଁକି କଥା କହିପାରୁନାହାନ୍ତି, ଆଜିକାଲିକା କଅଁଳ ପିଲାମାନେ, ଯେଉଁ ବୟସରେ ସେମାନେ ଅନେକ କିଛି ବକର ବକର ହୋଇ ବାପା-ମା'ଙ୍କୁ ଜେଜେ - ଜେଜେମା'ଙ୍କୁ ବ୍ୟସ୍ତ କରିବା କଥା । ଆସନ୍ତୁ ଦେଖିବା ଡାକ୍ତର ଏବଂ ମନୋବିଜ୍ଞାନୀମାନେ କ'ଣ କହନ୍ତି - ଦିଲ୍ଲୀର ଜନୈକ 'ସ୍ପିଚ୍ ଥେରାପିଷ୍ଟ' ଡାକ୍ତର ରାଜକୁମାର ଶର୍ମା କହନ୍ତି - ସପ୍ତାହକୁ ପାଞ୍ଚରୁ ସାତଟି ପିଲାଙ୍କ ବାପା-ମା ତାଙ୍କ ପାଖକୁ ଯାଇଥାନ୍ତି ସେମାନଙ୍କ ପିଲାଙ୍କୁ ନେଇ, ଯେଉଁମାନଙ୍କ ଠାରେ ଏଭଳି ବାକ୍ ସମସ୍ୟା ରହିଛି । ଏମାନଙ୍କ ଭିତରୁ ଅଧିକାଂଶ ବାପା-ମା ଚାକିରିଆ ଏବଂ ନ୍ୟୁକ୍ଲିୟର (ଛୋଟ ପରିବାର)କୁ ଆପଣେଇ ନେଇଛନ୍ତି । ଏଇ କାରଣରୁ ସେମାନେ ତାଙ୍କ ପିଲାଙ୍କୁ ଯଥେଷ୍ଟ ସମୟ ଦେଇପାରନ୍ତି ନାହିଁ । ଫଳରେ ପିଲାଙ୍କ ପାଖରେ ବାକ୍ ସମସ୍ୟା ଏବଂ ଭାଷାଗତ ସମସ୍ୟା ଦେଖାଦେଉଛି ।

ଡାକ୍ତର ଶର୍ମା କହନ୍ତି - ମନୀତ୍‌ଠାରେ କୌଣସି ଶାରୀରିକ ଅକ୍ଷମତା ନଥିବା ସତ୍ତ୍ୱେ ସେ ଚାରିବର୍ଷ ବୟସରେ ମଧ ଭଲରୂପେ କଥା କହିପାରୁ ନାହିଁ । ତା'ର ସମସ୍ୟା ସେ ବଢୁଥିବା ପରିବାରରୁ ହିଁ ଆରମ୍ଭ ହୋଇଛି । ବାପା-ମା' ଚାକିରିଆ ହୋଇଥିବାରୁ ତା' ପାଇଁ କେହି ସମୟ ଦେଇପାରନ୍ତିନି । ଏଥିସହିତ ସେମାନଙ୍କ ଭିତରେ ସବୁବେଳେ ମନୋମାଳିନ୍ୟ ଲାଗି ରହିଥାଏ । ପିଲାଙ୍କ ବାକ୍ ସମସ୍ୟା ଅନ୍ୟାନ୍ୟ ପାରିପାର୍ଶ୍ୱିକ ପରିବେଶ ଠାରୁ ନିଜ ପରିବାର ଦ୍ୱାରା ବେଶୀ ପ୍ରଭାବିତ ହୋଇଥାଏ । ମନୀତ୍‌ଙ୍କ ମା' କହନ୍ତି - ସେ ତାଙ୍କ ବଡ଼ ପୁଅର ପାଠପଢ଼ାରେ ନିଜ ସମୟତକ ବ୍ୟୟ କରୁଥିବାରୁ ଝିଅ ମୀନତ୍ ପାଇଁ ସମୟ ଦେଇପାରି ନାହାନ୍ତି ଠିକ୍‌ରୂପେ ।

ଏକ ବର୍ଷର ନିୟମିତ ଚିକିତ୍ସା ପରେ ଏବେ ମନୀତ୍ ଛୋଟ ଛୋଟ ବାକ୍ୟ କହିପାରୁଛି । ଏଯାଏଁ ସେ ଅନ୍ୟ ସହିତ ଭାବବିନିମୟ କରିପାରି ନାହିଁ । କେବଳ ନିଜର ଅତ୍ୟାବଶ୍ୟକ ଚାହିଦା ପାଇଁ ପାଟି ଖୋଲିପାରୁଛି । ଉଦାହରଣ ସ୍ୱରୂପ - ମୋତେ ଭୋକ ହେଲାଣି । ମୋର ପେନ୍‌ସିଲ ଅଛି । ଏଇଭଳି ଛୋଟ ଛୋଟ ବାକ୍ୟ ସେ କହିପାରୁଛି । କାହାସହ ପ୍ରାଣଖୋଲି ଗପିପାରୁନି ଅନ୍ୟ ପିଲାମାନେ ଯେମିତି ଗପନ୍ତି ।

ଆଜିକାଲି ଦେଖାଯାଉଛି ଅଧିକାଂଶ ବାପା-ମା ଅଫିସରୁ ଫେରି ସାମାନ୍ୟ ଚା'ଜଳଖିଆ ଖାଇ ସେମାନଙ୍କ ଲାପ୍‌ଟପ୍ / କମ୍ପ୍ୟୁଟରକୁ ନେଇ ବ୍ୟସ୍ତ ରହୁଛନ୍ତି । ସେତେବେଳେ ପିଲାଟି ଚୁପ୍‌ଚାପ୍ ତା' ଖେଳଣା ନେଇ ବ୍ୟସ୍ତ ରହୁଛି । କଥା କାହା ସାଙ୍ଗରେ କହିବ ସିଏ ? ଅନେକ ବାପା-ମା' ଭାବିଥାନ୍ତି ପିଲାମାନଙ୍କୁ ଟିଭି ପାଖରେ ବସେଇଦେଲେ ସେମାନେ ସେଇଥିରୁ ଭାଷା ଶିଖିଯିବେ, କଥା କହିବା ଶିଖିଯିବେ, କିନ୍ତୁ ଏହା ସମ୍ପୂର୍ଣ୍ଣ ଭୁଲ ଧାରଣା । ଟିଭିରେ ଦେଖାଯାଉଥିବା ଦୃଶ୍ୟ ପିଲାମାନଙ୍କ ବୁଝିବା ପାଇଁ ଯଥେଷ୍ଟ ହୁଏ । ସେମାନଙ୍କ ମସ୍ତିଷ୍କ ଦୃଶ୍ୟରୁ ବୁଝିଯାଏ ସବୁ । ଭାଷାକୁ ଗୁରୁତ୍ୱ ଦିଏନି । ପିଲାମାନେ ଚରିତ୍ରଟି କ'ଣ କହୁଛି ତା' ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି ନାହିଁ । କେବଳ ଚରିତ୍ରର ବଡ଼ିଲାଙ୍ଗୁଏଜ୍‌କୁ ସିଏ ଦେଖିଥାଏ । ସେଇଥିରୁ ସିଏ ଯାହା ବୁଝେ । ଛୋଟିଆ ପିଲାଟିକୁ ଗୋଟେ ଇଂରାଜୀ ଧାରାବାହିକ ଯଦି ଦେଖାଇ ଦିଆଯାଏ ସେ ତାର ଭାଷା ନ ବୁଝିପାରି ଟିଭି ଦେଖାରୁ ଦୂରେଇ ଯିବନି । ଏକଥା କହନ୍ତି - ଦିଲ୍ଲୀର ବାକ୍ ବିଶେଷଜ୍ଞ, ଡାକ୍ତର କ୍ଷତୀଶ ମଲ୍ଲିକ । ପିଲାଙ୍କ ବାକ୍ ପ୍ରାଞ୍ଜଳତା ବାପା-ମା'ଙ୍କ ଉପରେ ନିର୍ଭର କରେ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି - ଉଦାହରଣ ସ୍ୱରୂପ ଯଦି ସାନ ପିଲାଟିଏ ତା' ମାକୁ କହୁଛି - 'ମୋତେ ଲୁଟି ଦିଅ ମୁଁ ଖାଇବି' । ତାକୁ ବାରମ୍ବାର ବୁଝେଇ ଦେବା ଉଚିତ ଯେ ସେଇଟା 'ଲୁଟି' ନୁହଁ ରୁଟି । ତା'ପରେ ବି ଯଦି ସେ ଭୁଲ୍ କରେ ତେବେ ସିଏ ଲୁଟି ମାଗିଲେ ତାକୁ ରୁଟି ଦିଅନ୍ତୁ ନାହିଁ । ତାକୁ କୁହନ୍ତୁ ସେ ନିର୍ଭୁଲ୍ ଭାବରେ କହିଲେ ତାକୁ ରୁଟି ଦିଆଯିବ ।

ଏଭଳି କଲେ ଦେଖିବେ ସେ ଆସ୍ତେ ଆସ୍ତେ ତା' ଭୁଲ୍ ବୁଝିପାରିବ ଏବଂ ଠିକ୍ ଉଚ୍ଚାରଣ କରିବ । ଆଜିକାଲି ଦେଖାଯାଉଥିବା ଇଣ୍ଟରକାଷ୍ଟ ମ୍ୟାରେଜ୍ ବା ଦୁଇଟି ଭିନ୍ନ ଭାଷାଭାଷୀ-ସ୍ତ୍ରୀ - ପୁରୁଷଙ୍କ ଭିତରେ ବିବାହ - ପିଲାଙ୍କ ବାକ୍ ସମସ୍ୟାକୁ ଅଧିକ ପ୍ରଭାବିତ କରୁଛି । ସିଏ କେଉଁ ଭାଷାକୁ ଶିଖିବ - ବାପାଙ୍କର ନା ମା'ଙ୍କର ଦ୍ୱନ୍ଦ୍ୱରେ ପଡୁଛି । ଏସବୁ ସମସ୍ୟାକୁ ବାପା-ମା' ଟିକେ ଗୁରୁତ୍ୱ ଦେଲେ ଏଭଳି ସମସ୍ୟା ଅନେକ ଦୂରେଇ ଯିବ ।


**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' ମଙ୍ଗଳାବାଗ, କଟକ,**
**ଦୂରଭାଷ : ୯୪୩୮୨୭୬୭୬୦**



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ସୋମବାର, ୧୨ ମଇ, ୨୦୨୫



## ପୁରୁଣା କେରାଣ୍ଡି ଗ୍ରୟମରେ ପାନୀୟ ଜଳ ଯୋଗାଣ  ବିଚିତ୍ର ନୀତି

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା  ଗୋଶାଣୀ ବ୍ଲକର କେରାଣ୍ଡି ପ□ୟତର ପୁରୁଣା କେରାଣ୍ଡି ଗ୍ରାମକୁ ସରକାରଙ୍କ ପକ୍ଷରୁ ପାନୀୟ ଜଳ ଯୋଗାଣ କରାଯାଉଛି। କିପରି ଗ୍ରାମବାସୀ ସ୍ୱଚ୍ଛ ପାନୀୟ ଜଳ ପାଇ  ପାରିବେ ସରକାରଙ୍କ ଲକ୍ଷ୍ୟ  କିନ୍ତୁ ଗ୍ରାମକୁ ପାନୀୟ ଜଳ ଯୋଗଣ ହେଉଛି ଷ୍ଟାଣ୍ଡ  ପୋଷ୍ଟ ମଧ ରହିଛି। କିନ୍ତୁ ଗ୍ରାମରେ କିଛି ହିତାଧିକାରୀ ଘରେ ମଟର ଲଗାଇ  ଜଳ ଟାଣି ଥିବାରୁ  ଅନ୍ୟ ହିତାଧିକାରୀ  ଜଳ ପାଇବାରେ କଷ୍ଟ ହେଉଛିୟଛାତ ଉପରେ ଟ୍ୟାଙ୍କ ବସାଇ ପାଣି ଚଢାଉ ଛନ୍ତି । ଏହି ଭଳି ସରକାରଙ୍କ ନିୟମ  ନଥିବା ବେଳେ ଏହି ଭଳି କାର୍ଯ୍ୟ ଦ୍ୱାରା ଅନ୍ୟ ହିତାଧିକାରୀ ଜଳ ନ ପାଇବା କେତେ କଷ୍ଟ ଜଣେ ହିତାଧିକାରୀ ଠିକ ସମୟରେ ପାଣି ନ ପାଇବା  ଜଣେ ପାଣି ନ ପାଇଥିବା ହିତାଧିକାରୀ ହିଁ  ଜାଣି ପାରିବୟଜଳ ସୁ ବିନି ଯୋଗ  ନ କରି ରାସ୍ତା ରେ ପାଣି ଯିବା ଦ୍ୱାରା ରାସ୍ତାସାରା କାଦୁଅ ହଉଛି। ପାଣି ଜମିଲେ ଅପରିଷ୍କାର ଓ  ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛିୟ ଡ୍ରେଇନ ବ୍ୟବସ୍ଥା ନାହିଁୟ  ଏଥି ପ୍ରତି ଗ୍ରାମ ପ□ୟତ ହେଉ , ବ୍ଲକ ପ୍ରସାସନ ହେଉ  କିମ୍ବା ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେଲେ ଗ୍ରାମ ବାସୀ ଉପକୃତ ହୋଇ ପାରିବେ।।

## ମାଣିକପୁର  ପଂଚ୍ଛୟତକୁ ତାଲା  ମାରିଲେ  ଗ୍ରାମବାସୀ

ରାଇରଙ୍ଗପୁର, (ମହାଭାରତ) : ବିଜାତଳା ବ୍ଲକର ମାଣିକପୁର ପଂଚାୟତରେ ପିଡ଼ିଏସ ଚାଉଳ ଦେବାରେ ବ୍ୟତିକ୍ରମ ଦେଖା ଯିବାକୁ ନେଇ ଆଜି କିଛି ପଂଚାୟତ ବାସୀ ଏହି ବିଷୟରେ ମାଣିକପୁର ସରପଂଚ ସୁଶାନ୍ତ କୁମାର ମୁଣ୍ଡାଙ୍କୁ ପଂଚାୟତକୁ ଆସିବା କୁ କହିଥିଲେ । ସେ ପଂଚାୟତରେ ପହଂଚି ଲୋକ ମାନଙ୍କ ଚାଉଳ ପରିମାଣ କେତେ କମ ହେଉଛି ବୋଲି ବୁଝି ଥିଲେ।  କିଛି ପଂଚାୟତ ବାସୀ ଉତେଜିତ ହୋଇ ମାଣିକପୁର ସରପଂଚ, ଯୋଗାଣ ସହାୟକ ଏବଂ ଜଣେ ହିତାଧିକାରୀଙ୍କୁ ଭିତରେ ରଖି ବାହାର ପଟୁ ତାଲା ପକାଇ ଦେଇଥିଲେ । ଏହି ଖବର ଶୁଣି ପ୍ରଶାସନ ଗୋରୁମହିଷାଣୀ ଥାନା ଅଧିକାରୀ ଓ କିଛି କର୍ମଚାରୀ  ଏବଂ ବିଜାତଳା ବିଡ଼ିଓ ବଂଶୀଧର ଖୋସଲକ୍ଷ ଘଟଣାସ୍ଥାନରେ ପହଂଚି ପ୍ରଥମେ ପଂଚାୟତ କାର୍ଯ୍ୟଳୟ ତାଲା ଖୋଲି ଥିଲେ । ପିଡ଼ିଏସ ଚାଉଳ ଓଜନ ମାପ ବ□ନରେ ୟତିକ୍ରମ ଦେଖି ଥିଲେ ବିଜାତଳା ବ୍ଲକ ବିଡ଼ିଓ। ବିଡ଼ିଓଙ୍କ ଉପସ୍ଥିତିରେ ଚାଉଳ ଓଜନ ପ୍ରାୟ ୩କି.ଗ୍ରା. ଚାଉଳ କମ ଦିଆଯାଇ ଥିଲା ହିତାଧିକାରୀଙ୍କୁ କ୍ଷଚାଉଳ ହେରଫେର ହୋଇଥିବା ଅଭିଯୋଗ ନଜରକୁ ଆସିଥିଲା । ଚାଉଳ ହେରଫେର ଘଟଣାରେ ଯୋଗାଣ ସହାୟକଙ୍କୁ ବହିଷ୍କାର କରାଯିବାକୁ ନେଇ  ବିଜତଳା ବିଡ଼ିଓ ନିଜ ପ୍ରତିକ୍ରିୟା ଦେଇଥିଲେ। ବିଜତାଳ ବିଡ଼ିଓ ପ୍ରତିକ୍ରିୟା ଦେଲେ କିନ୍ତୁ କାର୍ଯାନୁଷ୍ଠାନ କେବେ ନେଉଛନ୍ତି ତାହା ପଂଚାୟତ ବାସୀ ଅପେକ୍ଷାରେ ରହିଲେ ।

## ମନେରେଗା କାମରେ ଘୋଟଲା ଅଭିଯୋଗ



ଦାନଗଦୀ, (ମହାଭାରତ): ପ□ାୟତ ସ୍ତରୀୟ ମହାତ୍ମା ଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନାରେ ଲକ୍ଷାଧିକ ଟଙ୍କା ବାଟ ମାରଣା ହେଉଥିବା ଅଭିଯୋଗ ହେଉଛି। ସରକାର ଗ୍ରାମାଚଂଳ ରେ ଶ୍ରମିକ ମାନେ କିପରି କାମ ପାଇବେ ଏବଂ ଗାଁ ର ବିକାଶ ହେବା ପାଇଁ ବିଜେପି ସରକାର ବିକଶିତ ଗାଁ ବିକଶିତ ଓଡିଶା ନାରା ଦେଇଥିବା ବେଳେ ତାହା ପ□ାୟତ ସ୍ତରରେ ପୁରା ଘୋଟଲା ହୋଇ ଯାଉଛି, କେଉଁଠି ବୃକ୍ଷ ରୋପଣ ନାଁ ରେ ଦୁଇ ଚାରିଟା ଲୋକ ଦେଖାଣିଆ ଗଛ ଲଗାଇ ହଜାର ହଜାର ଟଙ୍କା ସରପଂଚ ଚଳୁ କରିଦେଉ ଥିବା ବେଳେ କେଉଁଠି ମାଟି ରାସ୍ତା କାମ ନାଁ ରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହେଉଛି ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପ□ାୟତରେ, ଏହି ଗାଁର ମାନଗୋବିନ୍ଦପୁର ଗାଁ ରାସ୍ତା ଠାରୁ ମୁଣ୍ଡା ସାହି ପ୍ରଯ୍ୟନ୍ତ ମାତ୍ର ଶହେ ମିଟର ପୁରୁଣା ମାଟି ରାସ୍ତା ଉପରେ ମେସିନି ଲଗାଇ କିଛି ନୂଆ ମାଟି ରାସ୍ତା କଡ଼ରୁ ଉଠାଇ ଛିଂଚି ଦେଇ ଅଳ୍ପ କେତେଜଣ ଶ୍ରମିକଙ୍କୁ ଲଗାଇ ମାଟିକୁ ସାଇଜ କରିଦେଇ ଥିବା ଦେଖିବାକୁ ମିଳିଛି।  ଆଉ ସବୁଠାରୁ ଲୋକ ମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି ସେହି କାମଟି ପ□ାୟତ ନିଜେ କରୁଥିବା ବେଳେ ଫଳକରେ ଆଠ ଲକ୍ଷ ଟଙ୍କା ବ୍ୟୟ ବରାଦ ଅଟକଳ ଥିବା ଦେଖାଯାଉଛି। ଦୁର୍ନୀତି ଏହି କାମ ରେ ଜଳ ଜଳ ଦିଶୁଥିବା ବେଳେ ପ□ାୟତବାସୀ ଏତେ କମ କାମରେ ଆଠ ଲକ୍ଷ ଟଙ୍କା କିପରି ଖର୍ଚ୍ଚ ହେଲା ତାହା ତଦନ୍ତ ହେବା ଦରକାର ବୋଲି ଦାବୀ କରିଛନ୍ତି, ପୁରୁଣା କାମ ଉପରେ ନାମକୁ ମାତ୍ର କେତେ ଟ୍ରିପ ମାଟି ପକାଇ ଏପରି ଲୁଟ କୁ ଲୋକମାନେ ସହଜରେ ବିଶ୍ୱାସ କରି ପାରୁ ନାହାଁନ୍ତି, ସେହିପରି ଏହି ପଂଚାୟତରେ ହେଉଥିବା ଡ୍ରେନ, ରାସ୍ତା ଓ ବୃକ୍ଷ ରୋପଣ ପ୍ରଭୁତି କାମରେ ନାମକୁ ମାତ୍ର ଫଳକ ମାରି ନିମ୍ନ ମାନର କାମ ହୋଇ ଲକ୍ଷ ଲକ୍ଷ ଟଙ୍କା ଲୁଟ ହେଉଥିବା ଦେଖିବାକୁ ମିଳୁଛି। ଏପରି ଯେଉଁ କାମ ଗୁଡିକ ହେଉଛି ଆଗାମୀ ଆଉ କିଛି ବର୍ଷେ ପରେ ସେ କାମ ଗୁଡିକର କିଛି ଚିତ୍ରବର୍ଣ୍ଣ ନ ଥିବ, ଫଳକ ବି ଥିବ କି ନ ଥିବ ତାହା ସନ୍ଦେହ, ସରକାର କା ମାଲ ଦରିଆ ମେ ଡାଲ ପରି ପଂଚୟତ ର ଏପରି ଲୁଟେରା ନୀତିକୁ ବୁଦ୍ଧିଯିବି ମାନେ ନା ପସନ୍ଦ କରୁଥିବା ବେଳେ, ପ□ାୟତ ଜନପ୍ରତିନିଧି ଥରେ ମାତ୍ର ନିର୍ବାଚିତ ହେବାର ସୁଯୋଗ ପାଇଥିବାରୁ ଯାହା ଲୁଟ କରି ନିଜର ପାଣ୍ଠି ବଢାଇବା କଥା ସେ ସୁଯୋଗ କୁ ହାତଛଡା କରିବାକୁ ପଛାଉ ନାହାଁନ୍ତି, ପ୍ରଶାସନ ଏସବୁ କାମକୁ ସଠିକ ତଦନ୍ତ କରିବାକୁ ଗ୍ରାମବାସୀ ମାନେ ଦାବୀ କରୁଛନ୍ତି।

## ମହିଳାଙ୍କ  ମୃତ୍ୟୁ ପ୍ରତିବାଦରେ ରାସ୍ତାରୋକ

ଭଂଜନଗର, (ମହାଭାରତ) :  ଏମିତି ବି ଆସେ ମୃତ୍ୟୁ। ଘର ବାରଣ୍ଡାରେ ବସିଥିବା ବେଳେ ମହିଳାଙ୍କ ଉପରେ ଚଢିଗଲା କାର୍। ଘଟଣାସ୍ଥଳରେ ମହିଳା ମୃତ, ୨ ଆହାତ। ଗଂଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ ବ୍ରହ୍ମପୁର – ଭଂଜନଗର ମୁଖ୍ୟ ରାସ୍ତାର କେଶରାପଲ୍ଲୀ ଗାଁରେ ଦୁର୍ଘଟଣା ଘଟିଛି। ମୃତ ମହିଳା ହେଲେ ଗାଁର ସଂଯୁକ୍ତା ବିଷୋୟୀ । ପ୍ରତିବାଦରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ ସ୍ଥାନୀୟ ଲୋକେ। ଫଳରେ ବ୍ରହ୍ମପୁର – ଭଂଜନଗର ରାସ୍ତାରେ ଦୀର୍ଘ ୮ ଘଣ୍ଟା ଧରି ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ଗାଙ୍ଗପୁର ଥାନା ପୋଲିସ ପହଞ୍ଚି ସଂପୃକ୍ତ କାର୍ ଚାଳକଙ୍କୁ ଅଟକ ରଖି ତଦନ୍ତ କରିଥିଲେ । ସଂପୃକ୍ତ ଗାଡ଼ି ଚାଳକ କ୍ଷତିପୂରଣ ଦେବାକୁ ରାଜି ହେବା ପରେ ରାସ୍ତାରୋକ ହଟାଯାଇ ଯାନବାହନ ଚଳାଚଳ ସ୍ୱାଭାବିକ କରାଯାଇଛି।

# ଆସିକା ସୁନାମ୍ଧ ସାହିରେ ଅଭୟ ନୃସିଂହ ଯାତ୍ରା ଆରମ୍ଭ

ଆସିକା, (ମହାଭାରତ) : ସୁନାମ୍ଧ ସାହି ସ୍ଥିତି ଶ୍ରୀଶ୍ରୀ ଲକ୍ଷ୍ମୀ ନୃସିଂହ ଠାକୁରଙ୍କ ଯାତ୍ରାତ୍ସୋବର ଆଜି ରବିବାର ମହାଆଡ଼ମ୍ବର ଓ ପାରମ୍ପରିକ ରୀତି ନୀତି ସହକାରେ ଆରମ୍ଭ ହୋଇଯାଇଛି । ଆଜି ପ୍ରାତଃ ରୁ ମନ୍ଦିର ଫିଟା, ଗାଧୁଆ, ବେଶ ମାଇଲମ, ସକାଳ ଆଳତୀ, ବାଳଭୋଗ ପରେ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଦିନ ତମାମ ପୂଜାର୍ଚନା ସକାଶେ ରତ୍ନାକର ଦାସ, ହେମନ୍ତ ଦାସ ଙ୍କ ସମେତ ବହୁ ପଣ୍ଡିତ ପ୍ରଭୁଙ୍କ ହୋମ ଯଜ୍ଞ ଆୟୋଜିତ କରିଥିଲେ। ସୋମବାର ପ୍ରାତଃରୁ ମାନସିକ ଧାରୀ ବହୁ ଶ୍ରଦ୍ଧାଳୁ ଠାକୁର ଙ୍କୁ ପାଲିଙ୍କିରେ ଧରି ନଗର ପରିକ୍ରମା . ସୁନାମ୍ଧ ସାହି ସ୍ଥିତ ଅଭୟ ନୃସିଂହ ମନ୍ଦିର ସମ୍ମୁଖରେ ଅସ୍ଥାୟୀ ମଣ୍ଡପରେ ଠାକୁର ଙ୍କୁ ବସା ଯାଇ ପୂଜା ର୍ଚନା କରାଯିବ. ଚାରିଦିନ ଧରି ଆୟୋଜିତ ହେବାକୁ ଥିବା ଏହି ଯାତ୍ରା



ସକାଶେ ସୁଉଚ୍ଚ ତୋରଣ, ରଙ୍ଗ ବେରଙ୍ଗର ବାନାମାଳ ସହ ଆଲୋକମାଳାରେ ସହର ଝଲସି ଉଠିଛିୟ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରୀ ରହିଥିବା ସତ୍ୱେ ସ୍ଥାନୀୟ ସହର ସମେତ ନିକଟବ□ୀ ଅ□ଳରୁ ଶହ ଶହ ଭକ୍ତ, ଦର୍ଶନାର୍ଥୀ ଓ ଯାତ୍ରାପ୍ରେମୀଙ୍କ ପ୍ରାତଃରୁ ମଧରାତ୍ର ପର୍ଯ୍ୟନ୍ତ ପ୍ରବଳ ଭିଡ଼ ଜମି ରହିଛି। ଠାକୁରଙ୍କ ଅସ୍ଥାୟୀ ମଣ୍ଡପ ସାମ୍ନାରେ  ସୁନାମ୍ଧ ରଥ ଦାଣ୍ଡ ରେ ପୌରାଣିକ ନାଟକ ମହାଭାରତ, ରାମାୟଣ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଆଇନ ଶୃଙ୍ଖଳା କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ଶାନ୍ତି  ଶୃଙ୍ଖଳାର ଯାତ୍ରା ସମାପନ ପାଇଁ ମନ୍ଦିର କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଛି। ମନ୍ଦିର କମିଟି ପକ୍ଷରୁ ସମାଜସେବୀ ପ୍ରଦୀପ ମୁନି, କଂଗ୍ରେସ ଗୌଡ଼, ରମେଶ ଗୌଡ଼, ପବନା ସାହୁ, ଲକ୍ଷ୍ମୀନାରାୟଣ ମହାନ୍ତି, ନୃସିଂହ ପାଣିଗ୍ରାହୀ, ନାରାୟଣ ଗୌଡ଼, ଶ୍ୟାମ ବିଷୋୟୀ, ଭାଲୁ ପ୍ରଧାନ, ଅନିଲ ଗୌଡ଼, ଜଗନ ସାହୁ, ପୀତବାସ ଗୌଡ଼, ତୋଫାନ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଚତୁର୍ଥ ସଂନ୍ଧ୍ୟାରେ ସାଲକଟା କଂସ ଦରବାର

ବୌଦ୍ଧ, (ମହାଭାରତ) : ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ  ଶାଳକଟା ଗ୍ରାମରେ ବୁଦ୍ଧପୁର୍ଣିମା ବା ଚନ୍ଦନ ଯାତ୍ରା ଅବସରରେ ଦୀର୍ଘ ୪ ଦିନ ହେଲା କଂସ ଦରବାର ରେ ଦର୍ଶକଙ୍କ ବେଶ ଭିଡ଼ ଜମୁଛି । ଗ୍ରାମ୍ୟକମିଟି ଙ୍କ ସହଯୋଗ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଦୈନିକ କଂସ ମହାରାଜ ଙ୍କ ନଗର ପରିକ୍ରମା ପ୍ରତ୍ୟକ ଦିନ ସନ୍ଧ୍ୟା ବେସ ରୋମା□କର ଦୃଶ୍ୟ ଦେଖିବାକୁ ମିଳୁଛି ! ଚତୁର୍ଥ ସନ୍ଧ୍ୟା ରେ କଳାକାର ଙ୍କ ଚିତ୍ର ଓ ଚରିତ୍ର କାହାଣୀ କଂସ ଓ ପାତ୍ର ମନ୍ତ୍ରୀ ଗଣ ଙ୍କ ଅଭିନୟ ମ□ ଉପରେ ଅତି ଆକର୍ଷଣୀୟ ଥିଲା । ଚତୁର୍ଥ ସନ୍ଧ୍ୟା ରେ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଦୀପ ଅମାତ, ପୂର୍ବତନ ଉପାଧକ୍ଷ ଅଙ୍କୁର ସେଠି, ବିଜେଡି ନେତା ଅବକାଶ ସାହୁ ଯୋଗଦେଇଥିବା ବେଳେ ଅନ୍ୟପଟେ ଯାତ୍ରା ପଡିଆ ରେ କଂସ ଦରବାର ସହ ମିନାବଜାର, ଚଟପଟା ଖାଦ୍ୟ କୁ ଲୋକଙ୍କ ଭିଡ଼ ଜମୁଛି । ଏହି କାର୍ଯ୍ୟକ୍ରମ କୁ ଗ୍ରାମ୍ୟକମିଟି ସଭାପତି ମନ ରଞ୍ଜନ



ରାଉତ, ସମ୍ପାଦକ ସରତ ମହାଳିକ, ସୁକାନ୍ତ ପଟ୍ଟ ନାୟକ, ଅଙ୍କୁର ସେଠି, ଛତିସ ବେହେରା, ମାନି ସେଠି, ମନୋଜ ପାଢ଼ୀ, ଓରି ଭୋକ୍ତା, ସଞ୍ଜୟ ରାଉତ ଙ୍କ ସମେତ ଚନ୍ଦନ ଯାତ୍ରା କମିଟି ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ବାଲି ଓଭର ଲୋଡିଙ୍ଗ ପ୍ରତି କାର୍ଯ୍ୟାନୁଷ୍ଠାନ କେବେ ?

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ବାଲି ଓଭର ଲୋଡିଙ୍ଗ ଦୀର୍ଘ ଦିନ ହେଲା ଚାଲିଛି କିନ୍ତୁ ବିଭାଗ ଏଥି ପ୍ରତି କିଛି ବି ପଦକ୍ଷେପ ନେଉ ନାହଁନ୍ତି । ପ୍ରକାଶ ଥାଉ କି  କାଶୀ ନଗରରୁ  ବାଲି ଓଭର ଲୋଡିଙ୍ଗ ଚାଲିଛି । ପାହାନ୍ତିଆରୁ ଟ୍ରାକ୍ଟର ଓ ଟିପ୍ପରରେ ବାଲି ଯାଉଛି କିନ୍ତୁ ବିଭାଗ  କାଗଜପତ୍ର ଯାଂଚ ଓ ଓଭର ଲୋଡିଙ୍ଗ  ପ୍ରତି ଦୃଷ୍ଟି ଦେଲେ ଜନସାଧାରଣ ଉପକୃତ ହୋଇପାରିବେ।  ସହରରେ ଦିନକୁ ଦିନ ବାଲି  ଓଭର ଲୋଡିଙ୍ଗ ଚାଲିଛି ଯାହା ଫଳରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଟ୍ରାକ୍ଟରରେ ତ୍ରୟପଲ ମଧ ଘୋଡ଼ା ଯାଉ ନାହିଁ ଯାହା ଫଳରେ  ବାଲି ଉଡ଼ି ଜନସାଧାରଣଙ୍କ ଆଖିରେ ପଡୁଛି  ଯାହା  ଫଳରେ ଜନସାଧାରଣଙ୍କ ଯାତାୟତରେ ବାଧା  ସୃଷ୍ଟି  ହେଉଛି। ଏତଦବ୍ୟତିତ କିଛି  ଟ୍ରାକ୍ଟର ଡ୍ରାଇଭରଙ୍କ  ଲାଇସେନ୍ସ ନଥାଏ କାରଣ ସେମାନେ  ଶ୍ରମିକରୁ ଡ୍ରାଇଭର ହୋଇଥାନ୍ତି ଓ ସେମାନେ ଅଶିକ୍ଷିତ ଅଟନ୍ତି ସେମାନଙ୍କ ଅଭିଜ୍ଞତା ନଥାଇ ଟ୍ରାକ୍ଟର ଚଳାଇ ଥାନ୍ତି। ଏଣୁ ଯା□ କରିବା ଆବଶ୍ୟକତା  ରହିଛି ବୋଲି ସାଧାରଣରେ  ମତ  ପ୍ରକାଶ ପାଇଛି।

# ମାପ ଓଜନ ବିଭାଗ ପାଲିଟିଛି  ନିଦାବିଷ୍ଟୁ

ଗଜପତି, (ମହାଭାରତ) : ଜିଲ୍ଲାରେ ମାପ ଓ ଓଜନ ବିଭୟଗ ସ୍ଥାଣୁ ପାଲଟି ଥିବାର ଅଭିଯୋଗ ହେଉଛିୟ ଜିଲ୍ଲାରେ ଖାଉଟି ଶୋଷଣର ଶିକାର ହେଉଥିବାର ଅଭିଯୋଗ ହେଉଛି। ବିଭାଗ ପେଟ୍ରୋଲ ଟ୍ୟାଙ୍କ, ସୁନା ଦୋକାନ, ବ୍ୟାଙ୍କ, ଗ୍ରୋସରି ଦୋକାନ, ହାଟ, ବଜାର ଯା□ ହେବା କଥା ସେହିଭଳି ଆଖି ଦୃଷ୍ଟିଆ ଯାଂଚ ହେଉ ନଥିବାର ଅଭିଯୋଗ ହେଉଛି। ସ୍ୱାଧୀନତା ର ୭୭ ବର୍ଷ ପରେ ମଧ ଲୋକେ ଠକାମୀର ଶିକାର ହେଉ ଥିବାର ଅଭିଯୋଗ ହେଉଛି। ଏବେ ବି ଡିଜିଟାଲ ଯୁଗରେ ମଧ୍ୟ ତରାଜୁ ବଟକରୟ ଜାରୀ ରହିଛି କିନ୍ତୁ ଏବେ ବି ଲୋକେ ବଟକରା ବଦଳରେ ଜରି ଗୋଡ଼ଇ ପଥରକୁ ବଟକରା ରୂପେ ବହୁଳ ବ୍ୟବହାର ହେଉଥିବାର ଦେଖିବାକୁ ମିଳୁଛି । ପୁରପଲ୍ଲୀ କଥା ଛାଡ଼ ଏବେ ବି ଶହରରେ ଏହିଭଳି ଦୃଶ୍ୟ ଦେଖିବାକୁ ମିଳୁଛି ଲୋକଙ୍କର ସରଳତାର ସୁଯୋଗ ନେଇ ଲୋକଙ୍କୁ ଠକୁଛନ୍ତି ବୋଲି ଅଭିଯୋଗ ହେଉଛି କର୍ମଚାରୀ ଅଭାବର ଆଳ ଦେଖାଇ ଚଡ଼ାଉ ହେଉ ନାହିଁ, ନା ଇଚ୍ଛା ଶକ୍ତିର ଅଭାବ ବୋଲି ସାଧାରଣରେ ଅଭିଯୋଗ ହେଉଛିୟ ଲୋକଙ୍କୁ ବିଭାଗ ପକ୍ଷରୁ ସଚେତନତା କରାଯାଉନାହିଁ ଯାହା ଫଳରେ ଲୋକେ ଠକୟମି ର ଶିକାର ହେଉଛନ୍ତି । ବିଭାଗ ପକ୍ଷରୁ ଜନ ଗହଳି ହାଟ ବଜାର ଜାଗାରେ ବହୁଳ ସଚେତନତାର ଆବଶ୍ୟକତା ରହିଛି। ଗଜପତି ଜିଲ୍ଲା ଏକ ଆଦିବାସୀ ଅଧୁଷିତ  ପାହାଡ଼ ପର୍ବତ ଘେରୟ ଅ□ଳ  ଏଠା କାର ଲୋକେ ଶାନ୍ତ ସରଳ ଅଟନ୍ତି । ଏହାର ସୁଯୋଗ ନେଇ  ସାଉକାର ମାନେ ଆଦିବାସୀ ମାନଙ୍କର ଉତ୍ପାଦିତ ଦ୍ରବ୍ୟ ଗୁଡିକ କମ ଦରରେ କିଣି ବଜାରରେ ଚଢାଦରରେ ବିକ୍ରି କରିଥାନ୍ତି ଏପରିକି ଓଜନରେ ମଧ ଠକାମୀର ଶିକାର ହେଉଥିବାର ଅଭିଯୋଗ ହେଉଛି ସେମାନଙ୍କୁ ସେମାନଙ୍କର ଉଚିତ ପାରିଶ୍ରମିକ ଓ ମୁଲ ପାଇ ପାରୁ ନାହାନ୍ତି।

# ଅଳିଆ ଆବର୍ଜନା ଗଦାରେ ଆସିକା ବହୁମୁଖୀ ବିଜୁ ପଟ୍ଟନାୟକ ଇଣ୍ଡୋର ଓ ହରିହର ମିନି ଷ୍ଟାଡିୟମ

ଆସିକା, (ମହାଭାରତ) : ରାଜ୍ୟ କ୍ରୀଡା ମନ୍ତ୍ରାଳୟ ଦ୍ୱାରା ଗତ ୧୬/୦୩/ ୨୦୨୪ ମସିହାରେ  ଆସିକା ଜନସାଧାରଣ ଙ୍କୁ ଉଦେଶ୍ୟରେ ଲୋକାର୍ପିତ ହୋଇଥିବା ଆସିକା ବହୁମୁଖୀ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ବ□ମାନ ଆସିକା ବିଜ୍ଞାପିତ ଅ□ଳ ପରିଷଦର ମନମୁଖୀ କାର୍ଯ୍ୟାଯୋଗୁଁ ଅଳିଆ ଗଦାରେ  ଉପରେ ରହିଥିବା ନେଇ ସାଧାରଣ ରେ ଚର୍ଚ୍ଚା ହେଉଛି। ପ୍ରକାଶ ଥାଉକି ଆସିକାରେ ସକାଳ ଓ ସନ୍ଧ୍ୟା ସମୟରେ ଶହ ଶହ ମହିଳା ଓ ପୁରୁଷ ବ୍ୟାୟାମ କରିବା ପାଇଁ ଆସିକା ହରିହର ମିନି ଷ୍ଟାଡିୟମକୁ ଓ ଆସିକା ତଥା ଏହାର ଆଖ ପାଖ ଅ□ଳରୁ ବହୁ କ୍ରୀଡ଼ାବିତ ବହୁମୁଖୀ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମକୁ କ୍ରୀଡାଅଭ୍ୟାସ ପାଇଁ ଯାଇଥାନ୍ତି। ଉକ୍ତ ଇଣ୍ଡୋର ଷ୍ଟାଡିୟମର ସମ୍ମୁଖରେ ଏବଂ ମିନି ଷ୍ଟାଡିୟମ ଚାରିଆଡେ କୁଢ଼କୁଢ଼ ଅଳିଆ ଆବର୍ଜନା




ଦୀର୍ଘ ଦିନ ହେବ ପଡିରହିଥିବା ଯୋଗୁଁ ଦୁର୍ଗନ୍ଧରେ ଲୋକଙ୍କ ନାକ ଫାଟିପଡୁଥିବା ଏବଂ ଉକ୍ତ ହରିହର ମିନି ଷ୍ଟାଡିୟମ ଭିତରେ ଗଛଲତା ପରିପୂର୍ଣ ହୋଇ ରହିଥିବା ଯୋଗୁଁ ବିଭିନ୍ନ ପ୍ରକାର ବିଷଧର ସାପ, ଅନ୍ୟାନ୍ୟ ଜନ୍ତୁ ବିଚରଣ କରୁଥିବା ଯୋଗୁଁ ବ□ମାନ ଏଠାକୁ ଆସୁଥିବା ଛୋଟ ଛୋଟ ପିଲା ଓ ବୟସ୍କ ନିଜକୁ ସୁରକ୍ଷିତ ମଣୁ ନଥିବା ନେଇ ଅ□ଳ ବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ସୁଫଳ ମିଳୁନଥିବା ଯୋଗୁଁ ଜନସାଧାରଣ ଙ୍କୁ ମଧରେ ଅସନ୍ତୋଷ ଦେଖାଦେଉଥିବା ଜଣାଯାଇଛି। ଏହି ଷ୍ଟାଡିୟମକୁ ଯାଉଥିବା ମହିଳା ଏବଂ ପୁରୁଷ ମାନଙ୍କ ସକାଶେ କୌଣସି ଶୌଚାଳୟ କିମ୍ବା ପାନୀୟ ଜଳର ବ୍ୟବସ୍ଥା ଆଲୋକି କରଣ ବ୍ୟବସ୍ଥା ନାହିଁ ଯାହାଦ୍ୱାରା ଜନସାଧାରଣ ନାନା ଅସୁବିଧାର ସମ୍ମୁଖୀନ ହେଉଥିବାର ଚିତ୍ର ସାମ୍ନାକୁ ଆସୁଛିୟ ପ୍ରକାଶ ଥାଉକି ଗୋଟିଏ ପଟେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ବିଜ୍ଞାପିତ ଅ□ଳ ପରିଷଦ ପକ୍ଷରୁ  ସ୍ୱଚ୍ଛ ସର୍ବେକ୍ଷଣ ଆସିକା ନାମରେ ନାମ ଫଳକ ଆସିକାର ବିଭିନ୍ନ ସ୍ଥାନରେ ଆଲୋକୀକରଣ ବୋର୍ଡ ଲଗାଇବା ଡିନ ଡିଣ୍ଡିମ ପିଟୁଥିବା ଏକ ପ୍ରହସନ ବୋଲି କହି ଆସିକା ବୁଦ୍ଧିଜୀବୀ ଜନସାଧାରଣ, ସଚେତନତା ନାଗରିକ ମହଲରେ ଏହାକୁ ଦୃଢ ନିନ୍ଦା କରିବା ସହ ତୁରନ୍ତ ଏହି ମିନି ଷ୍ଟାଡିୟମ ର ସଫେଇ ଦୈନିକ ଦୁଇଥର କରାଯିବା ଅତିଶୀଘ୍ର ଶୌଚାଳୟ, ଆଲୋକି କରଣ କରିବାକୁ  ଦାବୀ ହୋଇଛି।

## ନୟାଗଡ଼ରେ ୨୫୦ ଫୁଟ୍ ତଳକୁ ଖୋଳିଲେ ବି ମିଳୁନି ପାଣି

### ହ୍ରାସ ପାଉଛି ଭୂ-ତଳ ଜଳସ୍ତର : ବର୍ଷକୁ ଖସୁଛି ୧.୦୫ ମିଟର ଜଳସ୍ତର



ନୟାଗଡ଼, ( ମହାଭାରତ ) : ଖସି ଖସି ଚାଲିଛି ଭୂତଳ ଜଳସ୍ତର। ପ୍ରତ୍ୟେକ ବର୍ଷ ୧ ମିଟରରୁ ଊର୍ଦ୍ଧ୍ୱ ଭୂତଳ ଜଳସ୍ତର ଖସି ଚାଲିଛି। ଫଳରେ ଗ୍ରୀଷ୍ମ ଦିନେ ଅବସ୍ଥା ଅଧିକ ସଙ୍ଗିନ ହୋଇପଡୁଛି। ଗତ ଚାରି ବର୍ଷର ରେକର୍ଡ ହିଁ ନୟାଗଡ଼ର ଅବସ୍ଥାକୁ ଭଲ ଭାବେ ପ୍ରମାଣିତ କରୁଛି। ପୂର୍ବରୁ ଯେଉଁଠି ଯେଉଁଠି ୫୦ ରୁ ୬୦ ଫୁଟ୍ ଖୋଳିଲେ ପାଣି ପଡୁଥିଲା, ଏବେ ସେଠାରେ ୨୫୦ ଫୁଟ୍ ଯାଏଁ ଖୋଳିବାକୁ ପଡୁଛି। ଫଳରେ ନୟାଗଡ଼ ଜିଲ୍ଲାରେ ପାଣି ସମସ୍ୟା ଧୀରେ ଧୀରେ ବଢ଼ିବାକୁ ଲାଗିଲାଣି। କେବଳ ଗ୍ରୀଷ୍ମ ନୁହେଁ ବର୍ଷତମାମ ଏମିତି ପରିସ୍ଥିତି ଦେଖିବାକୁ ମିଳୁଛି। ଫଳରେ ବର୍ତ୍ତମାନଠାରୁ ପାଣି ପିଇବା ଠାରୁ ହେଉ କି ରୋଷେଇ ସହ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ଆବଶ୍ୟକ ହେଉଥିବା ପାଣି ଟୋପେ ପାଇଁ ନୟାଗଡ଼ ଜିଲ୍ଲା ର ବିଭିଉ ଗ୍ରାମବାସୀଙ୍କୁ ସଂଘର୍ଷ କରିବାକୁ ପଡୁଛି। ମିଳିଥିବା ତଥ୍ୟ ମୁତାବକ ୨୦୨୦ ରେ ୪.୦୯ ମିଟର ତଳେ ଭୂତଳ ଜଳସ୍ତର ରହିଥିବା ବେଳେ ୨୦୨୧ ରେ ଏହା ହ୍ରାସ ପାଇ ୪.୨୪ ମିଟର, ୨୦୨୨ ରେ ୪.୫୬ ମିଟର, ୨୦୨୩ ରେ ୫.୦୫ ମିଟର ଓ ୨୦୨୪ ରେ ୫.୧୫ ମିଟରରେ ପହଞ୍ଚିଲାଣି। ଏହି ପାଞ୍□ ବର୍ଷରେ ଭୂତଳ ଜଳସ୍ତର ୧.୦୫ ମିଟର ହ୍ରାସ ପାଇଥିବା ଜଣାପଡ଼ିଛି।ଫଳରେ ସେଥିପାଇଁ ଜନଜୀବନ ଏକ ପ୍ରକାର ବ୍ୟତିବ୍ୟସ୍ତ ହୋଇପଡ଼ିଛି। ଦୁଇ ବର୍ଷ ତଳେ ମହାନଦୀରେ ଜଳସ୍ତର ହ୍ରାସ ପାଇବାରୁ ନୟାଗଡ଼ ଜିଲ୍ଲାକୁ ହଠାତ ପାଣି ଯୋଗାଣ ବାଧାପ୍ରାପ୍ତ ହୋଇଥିଲା। ପିଇବା ପାଣି ତ ଦୂରରେ ଥାଉ, ଲୋକେ ଦୈନନ୍ଦିନ ବ୍ୟବହାର ପାଇଁ ଆବଶ୍ୟକ କରୁଥିବା ପାଣି ମଧ ପାଇନଥିଲେ। ପ୍ରତ୍ୟେକ ଗାଁକୁ ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ଲାଇନ ବିଛାଯାଇଛି। ମାତ୍ର ଗାଁକୁ ପାଣି ଆସୁନି ବୋଲି ଏମିତି କୁଡ଼କୁଡ଼ ଅଭିଯୋଗ ରେ ଏବେ ଜିଲ୍ଲା ପ୍ରଶାସନର ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଚଳିତ ବର୍ଷ ଆରମ୍ଭରୁ ଯେଉଁ ପରିସ୍ଥିତି ସୃଷ୍ଟି ହେଲାଣି, ଆଗାମୀ ଦିନରେ ପରିସ୍ଥିତି ସାଂଘାତିକ ହେବ ବୋଲି ଆଶଙ୍କା କରାଯାଉଛି। ନୟାଗଡ଼ ଜିଲ୍ଲାର ଆଠଟି ଯାକ ବ୍ଲକ୍ ରେ ପ୍ରତ୍ୟେକ ବର୍ଷ ଜଳସ୍ତର ହ୍ରାସ ପାଉଛି। ପାବର୍ଷ ତଳେ ମୁଖ୍ୟତଃ ନୟାଗଡ଼ ଓ ରଣପୁର ବ୍ଲକ୍ ଅଞ୍ଚଳରେ ୧୦୦ ଫୁଟ୍ ମଧ୍ୟରେ ପାଣି ପଡୁଥିଲା। ଏବେ ଏହି ସ୍ଥାନରେ ୨୫୦ ଫୁଟ୍ ଯାଏଁ ଖୋଳିବାକୁ ପଡୁଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ (ଆରଡବ୍ଲୁଏସ୍ଏସ୍) ବିଭାଗ ପକ୍ଷରୁ କୁହାଯାଇଛି। ଗ୍ରୀଷ୍ମ ଦିନେ ଏହି ସମସ୍ୟା ସବୁ ଅଧିକ ଦେଖାଯାଉଛି ବୋଲି ବିଭାଗୀୟ ଯନ୍ତ୍ରୀ ସୁବାସ ସ୍ୱାଇଁ ସୂଚନା ପ୍ରଦାନ କରିଛନ୍ତି। ଯନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ସୂଚନା ମୁତାବକ, ଏହି ବ୍ଲକ୍ ଦୁଇଟି ର ବହୁ ଯାଗା ପାହାଡିଆ ଅଞ୍ଚଳ ହୋଇଥିବାରୁ ସବୁ ସ୍ଥାନରେ ଭୂତଳ ଜଳସ୍ତର ସ୍ଥିତି ଠିକ୍ ରହୁନି। କେଉଁଠି ପାଣି ପାଇଁ ୨୦୦ ଫୁଟ୍ ଖୋଳିବାକୁ ପଡୁଛି ତ, କେଉଁଠି ୨୫୦ ଫୁଟ୍ ଖୋଳିଲେ ବି ପାଣି ପଡୁନାହିଁ। ନୟାଗଡ଼ ବ୍ଲକ୍ ଏମିତି କିଛି ପଞ୍ଚାୟତ ଅଛି ଯେଉଁଠି ୬୦-୭୦ ଫୁଟ୍ ଖୋଳିଲେ ଭଲ ପାଣି ଆସୁଛି। ବର୍ତ୍ତମାନ ସମ୍ପୂର୍ଣ ଜିଲ୍ଲାରେ ୧୩,୮୪୫ଟି ନଳକୂପ ରହିଛି। ପ୍ରତ୍ୟେକ ବ୍ଲକ୍ରେ ଦୁଇଟି ଲେଖାଏଁ ଭ୍ରାମ୍ୟମାଣ ନଳକୂପ ମରାମତି ଗାଡ଼ି ରହିଛି। ପ୍ରତ୍ୟେକ ଗାଡ଼ିରେ ୪ ଜଣ ଲେଖାଏଁ ମରାମତି କର୍ମଚାରୀ ରହୁଛନ୍ତି। ଯେଉଁଠୁ ନଳକୂପ ଅଚଳ ହେଉଥିବା ଅଭିଯୋଗ ଆସିବ, ତୁରନ୍ତ ସେଠାରେ ମରାମତି ପାଇଁ ଭ୍ୟାନ୍ ପହଞ୍ଚିବ। ଏହା ସହ ଜଳକଷ୍ଟ ଅଞ୍ଚଳରେ ପାଣି ଟ୍ୟାଙ୍କର ମଧ ଯୋଗାଇ ଦିଆଯିବ।

## ତୃତୀୟ ଥର ରାଜ୍ୟପାଳ ରାଜ୍ୟପାଳ ପୁରସ୍କାର ପାଇଲା ଗଜପତି ଜିଲ୍ଲା ସ୍କାଉଟସ୍ ଓ ଗାଇଡସ୍





ଭୁବନେଶ୍ୱର ସ୍ଥିତ ରାଜଭବନ ଅଭିଷେକ ହଲରେ ୨୦୨୪ ଶିକ୍ଷା ବର୍ଷର ରାଜ୍ୟପାଳ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ରାଜ୍ୟପାଳ ହରି ବାବୁ କମ୍ଭମ୍ପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ପୁରସ୍କାର ପ୍ରଦାନ କରିଥିଲେ।ଏହି ଅବସରରେ ରାଜ୍ୟର ପ୍ରଥମ ଗାଇଡସ୍ ତଥା ରାଜ୍ୟପାଳଙ୍କ ପତ୍ନୀ ଜୟଶ୍ରୀ କମ୍ଭମ୍ପତି , ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ , ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ , ରାଜ୍ୟ ମୁଖ୍ୟ କମିଶନର ଡ. ଡ.କାଳି ପ୍ରାସାଦ ମିଶ୍ର , ପଦ୍ମଶ୍ରୀ ଦେବୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସ୍କାଉଟସ୍ ଓ ଗାଇଡସ୍ ର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତୃତୀୟ ଥର ଲାଗି ଗଜପତି ଜିଲ୍ଲା ସ୍କାଉଟସ୍ ଓ ଗାଇଡସ୍ କୁ ଶ୍ରେଷ୍ଠ ଜିଲ୍ଲା ଭାବେ ପୁରସ୍କାର ପ୍ରଦାନ କରାଯାଇଛି।

ଗଜପତି ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ମୁଖ୍ୟ କମିଶନର ଡ. ମାୟାଧର ସାହୁ ଓ ଜିଲ୍ଲା ସମ୍ପାଦକ ସୁରେନ୍ଦ୍ର କୁମାର ପାତ୍ର ଏହି ମର୍ଯ୍ୟାଦା ଜନକ ରାଜ୍ୟପାଳ ପୁରସ୍କାର ଗ୍ରହଣ କରିଥିଲେ। ତାଙ୍କ ସହ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ରଞ୍ଜନ ସାହୁ ମଧ ରାଜ୍ୟପାଳଙ୍କ ଠାରୁ ପ୍ରଶଂସା ପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ।ଏହି ଅବସରରେ ସମ୍ପାଦକ ସୁରେନ୍ଦ୍ର କୁମାର ପାତ୍ରଙ୍କୁ ଗଜପତି ଜିଲ୍ଲା ସ୍କାଉଟସ୍ ଓ ଗାଇଡସ୍ ର ପ୍ରଗତି ଓ ବିକାଶ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ରାଜ୍ୟପାଳ ଙ୍କ ଠାରୁ ପ୍ରଶଂସାପତ୍ର ଓ ପୁରସ୍କାର ଗ୍ରହଣ କରିଥିଲେ।ଏହି ପରିପ୍ରେକ୍ଷୀରେ ଏହାର ଶ୍ରେୟ ଗଜପତି ଜିଲ୍ଲାର ସମସ୍ତ ସ୍କାଉଟସ୍ ଶିକ୍ଷକ ଓ ଗାଇଡସ୍ ଶିକ୍ଷୟତ୍ରୀ ଓ ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଜଣାଇ ଥିଲେ।

## ଟାଟା ଷ୍ଟିଲ ରିକ୍ରିଏସନ୍ କ୍ଲବ ଦ୍ୱାରା ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆରମ୍ଭ

ଯୋଡା,( ମହାଭାରତ) ଯୋଡା ସହର ର ବନେଇକଳା ଠାରେ ଟାଟା ଷ୍ଟିଲ ରିକ୍ରିଏସନ୍ କ୍ଲବ ପକ୍ଷରୁ ବ୍ୟାଡମି□ନ ପ୍ରତିଯୋଗିତା ଆରମ୍ଭ ହୋଇ ଯାଇଛି ଏଥି ଛୋଟ ଛୋଟ ଛୁଆଙ୍କୁ ନେଇ ଆରମ୍ଭ କରାଯାଇଛି। ଏଥିପାଇଁ ପାଇଁ ଏକ ଗ୍ରୀଷ୍ମକାଳୀନ ଶିବିର ଶନିବାର ସନ୍ଧ୍ୟା ସମୟରେ ଅନୁଷ୍ଠିତ ହୋଇ ଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ଯୋଡା ଏଫ୍ ଏ ପି ପ୍ଲାଣ୍ଟ ମୁଖ୍ୟ ସୋମନାଥ ଲେହେରି,ସମ୍ମାନିତ ଅତିଥି ଭାବେ ଏଫ୍ ଏ ପି ପ୍ଲାଣ୍ଟ ର ମେକାନିକାଲ ହେଡ୍ କୟମେଶ୍ୱର୍ ମୁଣ୍ଡା,ଖଣ୍ଡବନ୍ଧ ଖଣି ର ଶ୍ରମିକ ସଂଘ ସଂପାଦକ ପ୍ରାଣବଲ୍ଲଭ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଉଦ୍ଘାଟନ କରିଥିଲେ ।ଏହି ଶିବିର ରେ ଟାଟା ଷ୍ଟିଲ କର୍ମଚାରୀ ଙ୍କ ପିଲା ମାନଙ୍କ ସହିତ ସହର ର ଆଖପାଖ ଅ□ଳ ର ୧୦ ରୁ ୧୫ ବର୍ଷ ର ପ୍ରାୟ ୫୦ଜଣ ବ୍ୟାଡମି□ନ ପ୍ରତିଯୋଗୀ ରହିଛନ୍ତି ।୮ ବର୍ଷରୁ ୧୦ ବର୍ଷ ଏବଂ ୧୦ ରୁ ୧୫ ବର୍ଷ ମଧ୍ୟରେ ଥିବା ପିଲା ମାନଙ୍କୁ ଦୁଇଟି ଗ୍ରୁପରେ ପ୍ରଶିକ୍ଷଣ ଦିଆ ଯିବ ।ଏହା ଏକ ମାସ ଧରି ପ୍ରଶିକ୍ଷଣ ଦିଆଯିବ ।ଏହି ଖେଳ କୁ କୋଚ ଭାବେ ରାଜ ଓ ଆୟୁଷ ସାହୁ ଏକ ମାସ ଧରି ପ୍ରଶିକ୍ଷଣ ପ୍ରଦାନ କରିବେ ।ପ୍ରଶିକ୍ଷଣ ପରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା ର ଆୟୋଜନ କରାଯିବ ।ଏଥିରେ କୃତୀ ପ୍ରତିଯୋଗୀ ଙ୍କୁ ଟ୍ରଫି ସହିତ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି ।ଏହି ଶିବିର କୁ କ୍ଲବ ର ସଞ୍ଜୟ ମହାନ୍ତି, ସୁକିଲ ସାମଲ ଓ ସରୋଜ ସାହୁ ପରିଚାଳନାରେ ସହଯୋଗ କରିଥିଲେ ।

## ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ଗଜପତି(ମହାଭାରତ): ଜାତୀୟ ଆଇନ ସେବାପ୍ରାଧିକରଣ ନୂଆ ଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ ପାଳନ କରି ଗଜପତିର ଜିଲ୍ଲା ଦୌରା ଜଜ ଶ୍ରୀ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ତ□ାବଧାନରେ ଚଳିତ ବର୍ଷ ର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା।ଏଥିରେ ଲୋକ ଅଦାଲତ ର ସମସ୍ତ ବିଚାରପତି ଜିଲ୍ଲା ଦୌରା ଜଜ୍ ଶ୍ରୀ ଜଗଦୀଶ ପ୍ରସାଦ ମହାନ୍ତି,ପରିବାର କୋର୍ଟ ବିଚାରପତି ଅଶୋକ କୁମାର ପାଢ଼ି,ଅତିରିକ୍ତ ଜିଲ୍ଲା ଏବଂ ସେକ୍ସନ ଜଜ୍ ପ୍ରଦୀପ କୁମାର ସାମଲ,ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନରୋ□ମ ସେଠୀ, ସିଭିଲ ଜଜ୍ ବରିଷ୍ଠ ବିଭାଗ ସନ୍ତୋଷ କୁମାର ଅଗ୍ରୱାଲ, ଏ ଏସ୍ ଜେ ତଥା ରେଜିଷ୍ଟ୍ରାର ପ୍ରସନ୍ତ କୁମାର ବେହେରା,ଜିଲ୍ଲା ଆଇନ ସେବା ସଚିବ ବିମଳ ରାଉଳ,ମହିଳା କୋର୍ଟର ସିଭିଲ ଜଜ୍ ସିନିୟର ଡିଭିଜନର ରଶ୍ମିତା ସାହୁ,ସବ ଡିଭିଜିନାଲବ ଜୁଡିସିଆଲ ମାଜିଷ୍ଟ୍ରେଟ ଶ୍ରୀମତୀ ବିଷ୍ଣୁ ପ୍ରିୟା ସାମନ୍ତରାୟ, ଦ୍ୱିତୀୟ ଶ୍ରେଣୀ ଜୁଡିସିଆଲ ମାଜିଷ୍ଟ୍ରେଟ ସତ୍ୟଜିତ ପାଣି,ଦ୍ୱିତୀୟ ଶ୍ରେଣୀ ଜୁଡିସିଆଲ ମାଜିଷ୍ଟ୍ରେଟ ବୈଶାଳୀ ବାହୁବଳେନ୍ଦ୍ର, ଜୁଡ଼ିଶିଆଲ ମାଜିଷ୍ଟେଟ ଦ୍ୱିତୀୟ ଶ୍ରେଣୀ ପୁଣ୍ୟଶ୍ଳୋକ ରଥ, ସିଭିଲଜଜ୍ ତଥା ସରକାରୀ ସେସକ୍ସନ ଜଜ୍ ଆର ଉଦୟଗିରି ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ତରୁଣ କୁମାର ସେଠୀ, ମୋହନା କୋର୍ଟର ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ସୁଭଜିତ ବେହେରା,କାଶୀ ନଗରର ଗ୍ରାମ ନ୍ୟାୟଅଧିକାରୀ ତଥା ଜୁଡିସିଆଲ ମାଜିଷ୍ଟ୍ରେଟ ଏସ୍ ମୋନାଲି ବେହେରା ନିଜ ନିଜ କୋର୍ଟରେ ଲୋକ ଅଦାଲତ ପରିଚାଳନା କରିଥିଲେ।ଏହି ଲୋକ ଅଦାଲତରେ ସମୁଦାୟ ୧୫୦୩ ମାମଲାର ସମାଧାନ କରାଯାଇ ଥିବା ବେଳେ ମୋଟ ୨୧୮୨୯୫୦ ଟଙ୍କା ଆଦାୟ ହୋଇ ଥିବା ସୂଚନା ପ୍ରଦାନ କରାଯାଇଛି।ଏ ଲୋକ ଅଦାଲତରେ ଜିଲ୍ଲା କୋର୍ଟ ଓକିଲ ସଂଘର ସଭାପତି ଓ ସମ୍ପାଦକଙ୍କ ସମେତ ସମସ୍ତ ବରିଷ୍ଠ ଓକିଲ ଉପସ୍ଥିତ ଥିଲେ।



## କ୍ୟାନ୍ସରକୁ ଆମନ୍ତ୍ରଣ କରୁଛି ବଜାରରେ ମିଳୁଥିବା ପାଚିଲା ଆମ୍ବ

### କ୍ୟାଲସିୟମ କାର୍ବାଇଟ କ୍ୟାନ୍ସର ର ମୂଳ କାରଣ



ଆସିକା(ମହାଭାରତ):ବଜାରରେ ବର୍ତ୍ତମାନ ବିଭିନ୍ନ କିସମର ଆମ୍ବ ବହୁଳ ମାତ୍ରାରେ ବିକ୍ରି ଚାଲିଛି । ଦୈନିକ ହଜାର ହଜାର ଟନ ଆମ୍ବ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି । ସମ୍ପ୍ରତି ଆମ୍ବ ଋତୁ ଚାଲିଥିବାରୁ ଦର ଯେତିକି ଅଧିକ ହେଲେ ମଧ ଆମ୍ବ ନହେଲେ ପାଟିକୁ ଖାଦ୍ୟ ରୁଚୁନି ।ବଜାରରୁ ଫେରିଲା ବେଳକୁ ବ୍ୟାଗରେ କିଛି ପନିପରିବା ସହ ପ୍ରାୟତଃ ଆମ୍ବ ରହିଥିବା ଦେଖୁବାକୁ ମିଳୁଛି । ହେଲେ ପାଟିକୁ ସୁସ୍ୱାଦ ଲାଗିବା ପାଇଁ ଅଣା ଯାଇଥିବା ଏହି ଆମ୍ବ ଶରୀର ପାଇଁ କେତେ ହିତକର କି ନୁହେଁ ତାହା ଜାଣିବା ପାଇଁ କାହା ପାଖରେ ସମୟ ନଥାଏ । ଆମ୍ବ ଏପରି ଏକ ଫଳ ଯାହା ଉଭୟ କଞ୍ଚା ଓ ପାଚିଲାରେ ଖାଇ ହୁଏ । କିନ୍ତୁ ଯେଉଁ କଞ୍ଚା ଆମ୍ବ ବଜାରରୁ କ୍ରୟ କରି ଅଣାଯାଇଛି, ସେଥିରେ କ୍ୟାନସର ଭଳି ରୋଗକୁ ଆମନ୍ତ୍ରଣ କରାଯାଉଛି ବୋଲି ଅଧିକାଂଶ ଜାଣିନାହାନ୍ତି । ଯେଉଁ ଆମ୍ବ ଗଛରେ ରହିଲେ କିମ୍ବା ତୋଳା ହେବାର କିଛି ଦିନ ମଧ୍ୟରେ ପାଚିବା କଥା, ସେହି ଆମ୍ବ କ□ା ଅବସ୍ଥାରେ ତୋଳି କ୍ୟାଲସିୟମ କାର୍ବାଇଟ ଦେଇ ପଚାଇ ଦିଆଯାଉଥିବା ଦେଖୁବାକୁ ମିଳୁଛି । ଫଳରେ ଆମ୍ବର ଉପର ଅଂଶରୁ ପାଚିଲା ଭଳି ଦେଖାଯାଉଥିବା ଏହି ଆମ୍ବ ଗୁଡ଼ିକ ପାଟିକୁ ସୁସ୍ୱାଦ ଲାଗୁଛି, ଆଉ ଶରୀର ପାଇଁ କ୍ଷତିକାରକ ସାଜୁଛି । ସ୍ୱାସ୍ଥ୍ୟ ପାଇଁ କେଉଁ ଫଳ ହିତକର ଏବଂ କେଉଁ ଫଳ ଅହିତକର ତାହା ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଉନାହିଁ ।କ୍ୟାଲସିୟମ କାର୍ବାଇଟରୁ ଏସିଟିଲିନ ଗ୍ୟାସ ବାହାରୁଥିବାରୁ ଏହାକୁ ବ୍ୟବହାର କରି ଯେଉଁ ଫଳ ପଚା ପଚାଯାଏ, ସେହି ଫଳରେ ଏହି ଗ୍ୟାସ ରହିଥାଏ । ଏହାକୁ ଖାଇଲେ କ୍ୟାନସର, ଥାଇରଡ୍, ପାଟି ଭିତରେ ଘା, ଏଲର୍ଜି ପ୍ରଭୃତି ରୋଗ ଦେଖାଦେଇଥାଏ । ଏପରିକି ବୃଦ୍ଧ ଲୋକଙ୍କ ଶରୀରରେ ଆଜମା ଭଳି ରୋଗ ଦେଖା ଦେଇଥାଏ । କେବଳ ଆମ୍ବ ନୁହେଁ କଦଳୀ, ସେଓ, ସପୁରୀ, ପଣସ, ଖଜୁରୀ ତଥା ବଜାରରେ ମିଳୁଥିବା ପ୍ରାୟ ଫଳରେ କ୍ୟାଲସିୟମ କାର୍ବାଇଟ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି । ଆସିକା ଏବଂ ଏହାର ଆଖପାଖ ଅଞ୍ଚଳର ବଜାରରେ ମିଳୁଥିବା ଆମ୍ବ ଠାରୁ ଆରମ୍ଭ କରି ଅନ୍ୟାନ ଫଳରେ କ୍ୟାଲସିୟମ କାର୍ବାଇଟ ବ୍ୟବହାର କରାଯାଉଛି କି ନାହିଁ ତାହାର ଏକ ଯାଞ୍□ କରିବା ସାମ୍ପ୍ରତିକ ପରିସ୍ଥିତିରେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛିବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି ।

## ଘର ବାରଣ୍ଡାକୁ ମାଡିଗଲା କାର,ଜଣେ ମୃତ, ଦୁଇ ଗୁରୁତର,

ଆସିକା (ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ କେସରାପଲ୍ଲୀ ଗ୍ରାମରେ ବିଳମ୍ବିତ ରାତିରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଗୋଟିଏ ଘର ବାରଣ୍ଡା ଉପରକୁ କାର ମାଡିଯିବାରୁ ଗ୍ରାମର ସଂଯୁକ୍ତା ବିଷୋୟୀ ନାମକ ମହିଳା ଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ମହିଳା ନମିତା ବିଷୋୟୀ (୪୦) ଓ ଗୋଟିଏ ଛୋଟ ଝିଅ ଗୁରୁତର ହୋଇଛନ୍ତି ।ପ୍ରକାଶ ଥାଉକି ସଂଯୁକ୍ତା ଓ ତାଙ୍କ ପରିବାର ଗ୍ରାମ ଦେଇଯାଇଥିବା ଜାତୀୟ ରାଜପଥ କଡ଼ ନିଜ ଘର ବାରଣ୍ଡାରେ ଶୋଇଥିବା ବେଳେ ଗତକାଲି ବିଳମ୍ବିତ ରାତି ପ୍ରାୟ ୧୨ଟା ସମୟରେ ବ୍ରହ୍ମପୁର ରୁ ଭଞ୍ଜନଗର ଅଭିମୁଖେ ଯାଉଥିବା ଗୋଟିଏ କାର ଅଚାନକ ଘର ଉପରକୁ ମାଡିଯାଇ ରାସ୍ତା ଉପରେ ଓଲଟି ପଡିଥିଲା । ଦୁର୍ଘଟଣା ରେ ସଂଯୁକ୍ତା ଓ ଅନ୍ୟ ଦୁଇ ଗୁରୁତର ଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାରକରି ଚିକିତ୍ସା ନିମନ୍ତେ ପ୍ରଥମେ ଆସିକା ଉପଖଣ୍ଡ ଚିକିତ୍ସା ଳୟକୁ ଆଣିଥିଲେ ଏଠାରେ କାର୍ଯ୍ୟରତ ଡାକ୍ତର ସଂଯୁକ୍ତାଙ୍କୁ ମୃତ ଘୋଷଣା କରିଥିଲେ ଓ ଅନ୍ୟ ଦୁଇ ଗୁରୁତର ଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତରିତ କରିଥିଲେ।ଏବଂ ତାପରେ ସେ ଦୁଇଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି । ଅନ୍ୟପଟେ ଦୁର୍ଘଟଣା ପରେ ଗ୍ରାମବାସୀ ରାତି ୧୨ଟାରୁ ଜାତୀୟ ରାଜପଥ ଅବରୋଧ କରିବା ସହ କ୍ଷତି ପୂରଣ ଦାବି କରିଥିଲେ । ଦୀର୍ଘ ୫ଘଣ୍ଟା ଧରି ରାସ୍ତା ଅବରୋଧ ପରେ ଭଞ୍ଜନଗର ଉପ ଜିଲ୍ଲାପାଳ ଉମାଶଙ୍କର ବେହେରା,ଭଞ୍ଜନଗର ଅତରିକ୍ତ ଆରକ୍ଷୀ ଅଧିକାରୀ ରଞ୍ଜନ କୁମାର ଦେଓ,ଆସିକା ଅତିରିକ୍ତ ତହସିଲଦାର ଅମରେଶ ସାବତ,ଭଞ୍ଜନଗର ଏସଡିପିଓ ସୁଜିତ ନାୟକ, ଗାଙ୍ଗପୁର ଥାନା ଅଧିକାରୀଣି ଶୁଭଲକ୍ଷ୍ମୀ ପୂଜାରୀ, ଆସିକା ତହସିଲ ସୁପରଭାଇଜର ବିଶ୍ୱନାଥ ଲେଙ୍କା, ରାଜସ୍ୱ ନିରୀକ୍ଷକ ସ୍ୱରାଜ ଗୌଡ଼ ଙ୍କ ସମେତ ବହୁ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକ ଙ୍କୁ ବୁଝାସୁଝା କରିବା ସହ ଜିଲ୍ଲା ରେଡ଼କ୍ରସ ପାଣ୍ଠି ରୁ ମୃତକ ଙ୍କ ପରିବାରକୁ ୩୦ ହଜାର,ଗୁରୁତର ମାନଙ୍କୁ ଜଣକା ୧୦ ହଜାର ଲେଖାଏଁ କ୍ଷତିପୂରଣ ଘୋଷଣା କରିବା ସହ ଉକ୍ତ ସ୍ଥାନଟିରେ ବ୍ୟାରିକେଟ ଲଗାଇବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକ ହଟିଥିଲା। ଅନ୍ୟପଟେ ରାତି ତମାମ ଜାତୀୟ ରାଜପଥ ଦୁଇ ପାର୍ଶ୍ୱରେ ଛିଡା ହୋଇଥିବା ଶହ ଶହ ଗାଡି ଦୂରଗାମୀ ବସ ଚଳାଚଳ ସ୍ୱାଭାବିକ ହୋଇଥିଲା।

## ମିଡ଼ିଆ କ୍ଲବ ଗୁଣୁପୁର ର ବାର୍ଷିକ ଉତ୍ସବ ଅନୁଷ୍ଠିତ





ଗୁଣୁପୁର, (ନିପ୍ର)ମିଡିଆ କ୍ଲବ ଗୁଣୁପୁରର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। କେୟାର ୧.୦ ନାମରେ ଏହି କାର୍ଯ୍ୟକ୍ରମ ଅତି ଆଡମ୍ବର ସହ ଗୁଣୁପୁର ସ୍ଥିତ ନିମନ୍ତ୍ରଣ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ମିଡ଼ିଆ କ୍ଲବ ସହ ସମ୍ପାଦକ ଶ୍ରୀ ଦିଲୀପ ରାଜଗୁରୁ ସ୍ୱାଗତ ଭାଷଣ ଦେଇଥିବା ବେଳେ, ଆବାହକ ଶ୍ରୀ ଜିତେନ୍ଦ୍ର କୁମାର ଶତପଥୀ ବାର୍ଷିକ ବିବରଣୀ ପାଠ କରି, ମଞ୍ଚ ପରିଚାଳନା କରିଥିଲେ।

ଏହି ଅବସରରେ ସ୍ଥାନୀୟ ବିଧାୟକ ଶ୍ରୀ ସତ୍ୟଜିତ ଗମାଙ୍ଗ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଥିଲେ। ଡ଼. ଚନ୍ଦ୍ରଧ୍ୱଜ ପଣ୍ଡା ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଗୁଣୁପୁର ମୁନିସିପାଲିଟି ଅଧକ୍ଷା ଶ୍ରୀମତୀ ମମତା ଗୌଡ଼ ଏବଂ ଗୁଣୁପୁର ଉପଖଣ୍ଡ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଧନ୍ନଞ୍ଜୟ ବେହେରା ଙ୍କ ସହ ମିଡ଼ିଆ କ୍ଲବ ଗୁଣୁପୁରର ସଭାପତି ଶ୍ରୀ ଅନିଲ ସାହୁକାର, ଆବାହକ ଶ୍ରୀ ଜିତେନ୍ଦ୍ର କୁମାର ଶତପଥୀ ଓ ସମ୍ପାଦକ ଶ୍ରୀ ଜଗନ୍ନାଥ ମହାନ୍ତି ମଂଚାସୀନ ଥିଲେ। ମଂଚାସୀନ ଅତିଥି ମାନେ ନିଜ ନିଜ ବକ୍ତବ୍ୟରେ ମିଡ଼ିଆ କ୍ଲବ ଗୁଣୁପୁର ର ଉଚ୍ଚ ଭବିଷ୍ୟତ କାମନା କରିଥିଲେ।ଏବଂ ସାମ୍ବାଦିକ ମାନଙ୍କ ସମାଜ ପ୍ରତି ରହିଥିବା ଦାୟିତ୍ୱ ବୋଧକତାକୁ ଅତି ସରଳ ଭାବେ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧମରେ ସେବା ସମାଜର ସମ୍ପାଦିକା ସୁଶ୍ରୀ ରାଜେଶ୍ୱରୀ ଦଳାଇ ଓ ଗୁଣୁପୁର ମୁନିସିପାଲିଟି ଅଧକ୍ଷା ଶ୍ରୀମତୀ ମମତା ଗୌଡ଼ ଙ୍କୁ ମାତୃଦିବସ ଅବସରରେ ଗୁଣୁପୁର ସୁ-ମାତା ରୂପେ ମୋମେ ସହ ଉପଢ଼ୌକଣ ଓ ପୁଷ୍ପ ଗୁଚ୍ଛ ସହ ସମ୍ମାନିତ କରାଯାଇଥିଲା। ସେହିପରି ଗୁଣୁପୁର ର୍ନିବାଚନ ମଣ୍ଡଳୀ ବିଧାୟକ ଶ୍ରୀ ସତ୍ୟଜିତ ଗମାଙ୍ଗ ସୁଶାସକ, ଡ଼ଃ. ଚନ୍ଦ୍ରଧୋଜ୍ ପଣ୍ଡା ଙ୍କୁ ବିଶିଷ୍ଟ ଶିକ୍ଷା ଉଦ୍ୟୋଗୀ, ଗୁଣୁପୁର ଏସ.ଡି. ପି ଆର ଓ ଶ୍ରୀ ଧନ୍ନଞ୍ଜୟ ବେହେରା ଙ୍କୁ ନିଜ ସରଳତା ପାଇଁ ମ୍ୟାନ ଅଫ ସିମ୍ପ୍ଲିଟି ଓ ମିଡ଼ିଆ କ୍ଲବ ସଭାପତି ଶ୍ରୀ ଅନିଲ ସାହୁକାରଙ୍କୁ ନିଜର କାର୍ଯ୍ୟ ଦକ୍ଷତା ପାଇଁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ର ମୁଖ୍ୟ ଆକର୍ଷଣ ରେ ଭାରତୀୟ ସୈନ୍ୟ ମାନଙ୍କୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ କରାଯାଇଥିବା ପ୍ରାରମ୍ଭିକ ହନୁମାନ ଚାଳିଶା, ଏବଂ କୁନି କୁନି ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୟତମ ଥିଲା।

## କାରକୁ ଧକ୍କା ଦେଇ ଟ୍ରକ ଫେରାର: ଜଣେ ମୃତ ୨ ଗୁରୁତର

କରଞ୍ଜିଆ,(ମହାଭାରତ) କାର କୁ ଧକ୍କା ଦେଲା ଅଜଣା ଟ୍ରକ, ଜଣେ ମୃତ ୨ ଜଣ ଗୁରୁତର ୨ ଜଣ ଆହତ , ଅଳ୍ପକେ ବର୍ତ୍ତିଲା ଶିଶୁ। ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଅନ୍ତର୍ଗତ ୫୩ ନଂ ରାଜ୍ୟ ରାଜପଥ ସାତକୋଶିଆ ବାହାଘର ବାଙ୍କ ନିକଟରେ। ଆଜି କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଶାଳପଡା ର ରବିନାରାୟଣ ମହାପାତ୍ର ନିଜ କାର ରେ ପରିବାର ଲୋକ ଙ୍କୁ ନେଇ ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳ କୁ ଆସୁଥିବା ସମୟ ରେ ସାତକୋଶିଆ ଘାଟି ବାହାଘର ବାଙ୍କ ନିକଟରେ ସମ୍ମୁଖରୁ ଆସୁଥିବା ଏକ ଗ୍ୟାସ ବୋଝେଇ ଟ୍ରକ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ରବିନାରାୟଣ ଙ୍କ ମାଆ ଜ୍ୟୋସ୍ନାରାଣୀ ମହାପାତ୍ର ମୃତ୍ୟୁବରଣ କରିଥିବାବେଳେ ପରିବାର ଅନ୍ୟ ସଦସ୍ୟ ୨ ଜଣ ଗୁରୁତର ହୋଇଥିବା ବେଳେ ୨ ଜଣ ଆହତ ହୋଇଥିଲେ।

## କନ୍ଧମାଳରୁ ନୟାଗଡ଼ ଦେଇ ଚୋରା ଚାଲାଣ ହେଉଛି ଗଞ୍ଜେଇ

### ଚାଲାଣ ପଛରେ ମହିଳା ଓ କଲେଜ ଛାତ୍ର ସଂପୃକ୍ତ



ଦଶପଲ୍ଲା, ( ମହାଭାରତ ) : ଦୈନିକ ବେଧଡ଼କ ଭାବେ ହେଉଛି ଗଞ୍ଜେଇ ଚୋରା ଚାଲାଣ। କନ୍ଧମାଳ ରୁ ନୟାଗଡ଼ ଜିଲ୍ଲା ଦେଇ ଭୁବନେଶ୍ୱର, କଟକ ଓ ପୁରୀ ଭଳି ବଡ଼ ବଡ଼ ସହର ସମେତ ରାଜ୍ୟ ବାହାରକୁ ହେଉଛି ଚାଲାଣ। ପୁଲିସ ଓ ଅବକାରୀ ବିଭାଗଠାରୁ ସନ୍ଦେହ ଦୂର କରିବା ପାଇଁ ନାମୀଦାମୀ ଗାଡ଼ି ବ୍ୟବହାର କରୁଛନ୍ତି ମାଫିଆ। ବଡ଼ କଥା ହେଉଛି, ଏହି ଚାଲାଣ ପଛରେ କିଛି ମହିଳା ଓ ଯୁବତୀଙ୍କ ସମେତ କଲେଜ ଛାତ୍ରଙ୍କ ସଂପୃକ୍ତି ରହୁଥିବା ଅଭିଯୋଗ ହେଉଛି ।ଯାହାକି ପୁଲିସ ଓ ଅବକାରୀ ବିଭାଗଠାରୁ ସନ୍ଦେହ ଦୂର କରିବା ପାଇଁ ମାଫିଆ ମାନେ ଏଭଳି ପ୍ଲାନ ଆପଣାଉଛନ୍ତି। ବିଭିନ୍ନ ଥାନାରେ ଆବଶ୍ୟକତାଠାରୁ କମ୍ ସଂଖ୍ୟକ କର୍ମଚାରୀ ରହୁଥିବା ହେତୁ ଜାତୀୟ ରାଜପଥ ଉପରେ ଯାନାବାହନ ଯାଞ୍ଚ ଉପରେ ଗୁରୁତ୍ୱ ଦିଆଯାଉନାହିଁ। ସେହିଭଳି ଅବକାରୀ ବିଭାଗ ପାଖରେ ମଧ ସମାନ ଅବସ୍ଥା ଆବଶ୍ୟକ ସଂଖ୍ୟକ କର୍ମଚାରୀ ସଂକଟ ସାଙ୍ଗକୁ ନିଜସ୍ୱ ଗାଡ଼ି ନଥିବା ହେତୁ ଯାନବାହାନ ଯାଞ୍ଚ ଓ ପାଟ୍ରୋଲିଂ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଫଳରେ ଏହାର ସୁଯୋଗ ନେଇ ମାଫିଆ ମାନେ ସହଜରେ ଏହାକୁ ଚାଲାଣ କରିବାରେ ସକ୍ଷମ ହେଉଛନ୍ତି। ଯାହାକି ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥକୁ ମାଫିଆ ମାନେ ଏକ ପ୍ରକାର ସେଫ୍ ଜୋନ୍ ଭାବେ ବାଛି ନେଇଥିବା ଦେଖିବାକୁ ମିଳିଛି। ବିଶେଷକରି କନ୍ଧମାଳ ଜିଲ୍ଲା ଗଞ୍ଜେଇ ଚାଷ ଓ ବ୍ୟବସାୟର ଉତ୍ପତିସ୍ଥଳ ହୋଇଥିବା ବେଳେ ଏଠାରୁ ରାଜ୍ୟ ଓ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ ହେଉଛି। କନ୍ଧମାଳ ଜିଲ୍ଲା ଅତିକ୍ରମ କରିବା ପରେ ମାଫିଆ ମାନେ ନୟାଗଡ଼ ଜିଲ୍ଲାରେ ପ୍ରବେଶ କରିଥାନ୍ତି। ଦଶପଲ୍ଲା-ଗଣିଆ ରାସ୍ତା ହେଉ କିମ୍ବା ଦଶପଲ୍ଲା-ନୟାଗଡ଼ ରାସ୍ତାରେ ବାହାର ଜିଲ୍ଲା ଓ ରାଜ୍ୟକୁ ଯାଆଆସ କରିଥାନ୍ତି ।ଏପଟେ ଗଞ୍ଜେଇ ଗାଡ଼ିକୁ ଥାନା ଓ ଜିଲ୍ଲା ପାର୍ କରିବା ପାଇଁ ଆଗରେ ମାଫିଆ ମାନେ ଅତି ଚତୁରତାର ସହ ଏସ୍କର୍ଟ କରି ଆଣୁଛନ୍ତି। ଆଗରେ ପୁଲିସ ଓ ଅବକାରୀ ବିଭାଗର ଗତିବିଧି ଉପରେ ନଜର ରଖି ଗାଡ଼ିକୁ ସୁରକ୍ଷା ଦେଇ ଆସୁଛନ୍ତି। ଯାହାକି ଗତ ୪ ତାରିଖ ଦିନ ବାଣିଗୋଛା ପୁଲିସ ହାତରେ ଧରା ପଡ଼ିଥିବା ଗଞ୍ଜେଇ ଗାଡ଼ିକୁ ନେଇ ପୁଲିସ ଏକ ଗ୍ୟାକେଟ୍ ଠାବ କରିବାରେ ସକ୍ଷମ ହୋଇଛି। ଏବେ ଦୁଇଜଣ ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଥିବା ବେଳେ ଖୁବ୍ଶୀଘ୍ର ଏହି ରାକେଟର ପର୍ଦ୍ଦାଫାସ କରିବା ପାଇଁ ପୁଲିସ ଅଣ୍ଟା ଭିଡ଼ିଛି। ଏଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ସହ ରାଜପଥ ଉପରେ ସ୍ୱତନ୍ତ୍ର ଟିମ୍ ଗଠନ କରି ଯାନବାହାନ ଯାଞ୍ଚ ଉପରେ ଗୁରୁ ଦେବାକୁ ଦାବି ହେଉଛି।

## ବିନା ସର୍ତ୍ତାବଳୀରେ ୟୁକ୍ରେନ୍ ସହ ଶାନ୍ତି ଆଲୋଚନା ପାଇଁ ପୁଟିନଙ୍କ ପ୍ରସ୍ତାବ

ମସ୍କୋ : ବିନା ସ□ାବଳୀରେ ୟୁକ୍ରେନ୍ ସହ ଆସନ୍ତା ୧୫ରେ ଇସ୍ତାନବୁଲ୍ରେ ସିଧାସଳଖ ଶାନ୍ତି ଆଲୋଚନା ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ରବିବାର ପ୍ରସ୍ତାବ ଦେଇଛନ୍ତି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି ଏହାକୁ ସ୍ୱାଗତ କରିଥିବା ବେଳେ ମସ୍କୋ ପ୍ରଥମେ ଅସ୍ତ୍ରବିରତି ପାଇଁ ରାଜି ହେବା ଆବଶ୍ୟକ ବୋଲି କହିଛନ୍ତି ।ପୁଟିନ୍ କହିଛନ୍ତି, ଯୁଦ୍ଧର ମୂଳ କାରଣକୁ ଦୂର କରି ଏକ ଦୀର୍ଘମିଆଦୀ, ସ୍ଥାୟୀ ଶାନ୍ତି ପ୍ରତିଷ୍ଠାରେ ପହଂଚିବା ଆଲୋଚନାର ଉଦ୍ଦେଶ୍ୟ । ଏଥିପାଇଁ ୧୫ ତାରିଖରୁ ପ୍ରତ୍ୟକ୍ଷ ଆଲୋଚନା ଆରମ୍ଭ ହେବା ଆବଶ୍ୟକ । ଏଥିରେ କୌଣସି ପ୍ରାକ୍ ସର୍ତ୍ତ ରହିବା ଉଚିତ ନୁହେଁ ବୋଲି ପୁଟିନ୍ କହିଛନ୍ତି । ସୂଚନାଯୋଗ୍ୟ, କିଛି ଘ□ା ପୂର୍ବରୁ କିଭ୍ରେ ଜର୍ମାନୀ, ଫ୍ରାନ୍ସ, ବ୍ରିଟେନ ଏବଂ ପୋଲାଣ୍ଡର ନେତାମାନେ ଜେଲେନସ୍କିଙ୍କ ସହ ଏକାଠି ହୋଇ ସୋମବାରରୁ ୩୦ ଦିନିଆ ଯୁଦ୍ଧବିରତି ଆରମ୍ଭ କରିବାକୁ ରାଜି ହେବା ନିମନ୍ତେ ପୁଟିନ୍ଙ୍କୁ ନିବେଦନ କରିଥିଲେ । ଯୁଦ୍ଧବିରତି ପାଇଁ ରାଜି ନ ହେଲେ ମସ୍କୋକୁ ଅଧିକ କଟକଣାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ସେମାନେ ଚେତାବନୀ ଦେଇଥିଲେ ।

## ବିହାରରୁ ଖଲିସ୍ତାନୀ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ: ରବିବାର ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ଜଣେ ପ୍ରମୁଖ ଖଲିସ୍ତାନୀ ଆତଙ୍କବାଦୀଙ୍କୁ ଗିରଫ କରିଛି । ଗିରଫ ହୋଇଥିବା ଖଲିସ୍ତାନୀ ଆତଙ୍କବାଦୀ ବିଦେଶରେ ବାସ କରୁଥିବା ବବର ଖାଲସା ଆତଙ୍କବାଦୀ ହରୱିନ୍ଦର ସିଂହ ସାନ୍ଧୁ ଓରଫ ରିଣ୍ଡା ସହିତ ଜଡିତ ରହିଥିବାବେଳେ ୨୦୧୬ରେ ପଞ୍ଜାବର ନାଭା ଜେଲ୍ ଭାଙ୍ଗି ପଳାୟନ କରିଥିବା ଦୁର୍ଦ୍ଦାନ୍ତ ଅପରାଧୀଙ୍କ ମଧ୍ୟରୁ ଜଣେ ବୋଲି ଏକ ସରକାରୀ ବିବୃତ୍ତିରେ କୁହାଯାଇଛି ।

ବିବୃତ୍ତିରେ କୁହାଯାଇଛି ଯେ ଏନଆଇଏ ଏକ ଖଲିସ୍ତାନୀ ଆତଙ୍କବାଦୀ ଷଡ଼ଯନ୍ତ୍ର ମାମଲାରେ ସ୍ଥାନୀୟ ପୁଲିସ ସହିତ ସମନ୍ୱୟ ରଖି ବିହାରର ମୋତିହାରୀରୁ ପଞ୍ଜାବର ଲୁଧିଆନାର କାଶ୍ମୀର ସିଂହ ଗାଲୱାଡ଼ିଙ୍କୁ ଗିରଫ କରିଛି । ନାଭା ଜେଲ୍ ଭାଙ୍ଗିବା ପରଠାରୁ କାଶ୍ମୀର ସିଂହ ରିଣ୍ଡା ସମେତ ନିର୍ଦ୍ଦିଷ୍ଟ ଖଲିସ୍ତାନୀ ଆତଙ୍କବାଦୀଙ୍କ ସହ ସକ୍ରିୟ ଭାବରେ ଜଡିତ ଥିଲା । ନେପାଳରେ ବବର ଖାଲସା ଇଣ୍ଟରନ୍ୟାସନାଲ୍ (ବିକେଆଇ) ଏବଂ ରିଣ୍ଡାର ଆତଙ୍କବାଦୀ ଗ୍ୟାଙ୍ଗର ଏକ ଗୁରୁତ୍ୱପୂର୍ଣ୍ଣ ମୁଖବନ୍ଧ, କାଶ୍ମୀର ଷଡ଼ଯନ୍ତ୍ରରେ ସାମିଲ ହେବା, ଆଶ୍ରୟ ପ୍ରଦାନ କରିବା, ଲଜିଷ୍ଟିକ୍ ସମର୍ଥନ ଏବଂ ଖଲିସ୍ତାନୀ ଆତଙ୍କବାଦୀଙ୍କ ସହଯୋଗୀମାନଙ୍କୁ ଆତଙ୍କୀ ପାଣ୍ଠି ଯୋଗାଇବା ସହିତ ଆଦି ଅଭିଯୋଗ ରହିଛି । ଏନଆଇଏ କହିଛି ଯେ ଏହି ସହଯୋଗୀମାନେ ଭାରତରେ ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟକଳାପ କରିବା ପରେ ନେପାଳ ପଳାଇ ଯାଇଥିଲେ । ଯେଉଁଠାରେ ପଞ୍ଜାବ ପୁଲିସ ଗୁଇନ୍ଦା ମୁଖ୍ୟାଳୟରେ ଆରଜିପି (ରକେଟ୍-ଚାଳିତ ଗ୍ରେନେଡ୍) ଆକ୍ରମଣ ମଧ୍ୟ ସାମିଲ ଥିଲା ।

## ବ୍ରହ୍ମୋସ ସୁପରସୋନିକ କ୍ରୁଜ୍ ମିସାଇଲ୍ ୟୁନିଟ୍ ଉଦଘାଟନ କଲେ ପ୍ରତିରକ୍ଷାମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରତିରକ୍ଷା କ୍ଷେତ୍ରରେ ବଡ଼ ପଦକ୍ଷେପ ନେଇଛି ଭାରତ । ବ୍ରହ୍ମୋସ ଉତ୍ପାଦନ କେନ୍ଦ୍ରର ଉଦଘାଟନ କରିଛନ୍ତି ପ୍ରତିରକ୍ଷାମନ୍ତ୍ରୀ । ଲକ୍ଷ୍ନୌରେ ବ୍ରହ୍ମୋସ ମିସାଇଲ୍ ତିଆରି ୟୁନିଟ୍ ଉଦଘାଟନ କରିଛନ୍ତି । ୪୦ ମାସ ମଧ୍ୟରେ ପ୍ରକଳ୍ପ ସମ୍ପୂର୍ଣ୍ଣ ଶେଷ ହେବ । ବର୍ଷକୁ ନିର୍ମାଣ କରିବ ୧୦୦ ବ୍ରହ୍ମୋସ ମିସାଇଲ୍ । ଏହା ହେଉଛି ଦେଶର ଦ୍ୱିତୀୟ ବିଶାଳ ଉତ୍ପାଦନ କେନ୍ଦ୍ର । ୩୦୦ କୋଟି ବ୍ୟୟ, ୨୦୦ ଏକର ଜମିରେ ନିର୍ମିତ ଏହି ପ୍ରକଳ୍ପ । ଲକ୍ଷ୍ନୌରେ ବ୍ରହ୍ମୋସ ଏରୋସ୍ପେସ୍ ଇଣ୍ଟିଗ୍ରେସନ୍ ଏବଂ ପରୀକ୍ଷଣ ୟୁନିଟକୁ ଦିଲ୍ଲୀରୁ ଭିଡିଓ କନଫରେନ୍ସ ଜରିଆରେ ଉଦଘାଟନ କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ଦେବ । ନୂତନ ଭାବରେ ଆରମ୍ଭ ହୋଇଥିବା ଏରୋସ୍ପେସ୍ ଇଣ୍ଟିଗ୍ରେସନ୍ ଏବଂ ପରୀକ୍ଷଣ ସୁବିଧା କ୍ଷେପଣାସ୍ତ୍ରଗୁଡ଼ିକର ସମାବେଶ ଏବଂ ପରୀକ୍ଷଣ ତଦାରଖ କରିବ, ଯାହା ଉଚ୍ଚମାନର ଉତ୍ପାଦନ ସୁନିଶ୍ଚିତ କରିବ। ଏହି ସୁବିଧାରେ ୩୦୦ କିଲୋମିଟରରୁ ଅଧିକ ବିସ୍ତାରିତ ଷ୍ଟ୍ରାଇକ୍ ରେଞ୍ଜ ଏବଂ ୧୨୯୦ କିଲୋଗ୍ରାମ ହ୍ରାସ ପାଇଥିବା ଏକ ପରବର୍ତ୍ତୀ ପିଢ଼ିର ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ମଧ୍ୟ ନିର୍ମିତ ହେବ । ବ୍ରହ୍ମୋସ ୨୯୦ ରୁ ୪୦୦ କିଲୋମିଟର ପର୍ଯ୍ୟନ୍ତ ଆକ୍ରମଣ କରିବାର ସାମର୍ଥ୍ୟ ରଖେ ଏବଂ ଏହାର ଗତି ୨.୮ ସ୍ପିଡରେ ପହଞ୍ଚିଥାଏ । 'ଫାୟାର ଆଣ୍ଡ୍ ଫରଗେଟ୍' ସିଷ୍ଟମରେ କାମ କରି ସ୍ଥଳ,ଜଳ ଏବଂ ଆକାଶରୁ ମଧ୍ୟ ଏହାକୁ ଲଞ୍ଚ୍ କରାଯାଇପାରିବ ।

## ୫ ବୀର ଯବାନଙ୍କୁ ହରାଇଛି ଭାରତ: ଡିଜିଏମଓ



ନୂଆଦିଲ୍ଲୀ : ପହଲଗାଓଁ ଆକ୍ରମଣ ପରେ ଆତଙ୍କୀଙ୍କୁ ଜବାବ ଦେବା ଲାଗି ଆରମ୍ଭ ହୋଇଥିବା ଅପରେସନ 'ସିନ୍ଦୂର'ରେ ଭାରତ ୫ ଜଣ ବୀର ଯବାନଙ୍କୁ ହରାଇଛି । ଆତଙ୍କବାଦ ବିରୋଧୀ ଏହି ଲଢ଼େଇରେ ଆମର ୫ ସୈନ୍ୟ ଶହୀଦ ହୋଇଥିବା କହିଛନ୍ତି ଡିଜିଏମଓ ରାଜୀବ ଘାଇ । ରିପୋର୍ଟ ଅନୁସାରେ, ପାକିସ୍ତାନୀ ସେନାର ୩୫ରୁ ୪୦ ସୈନ୍ୟ ନିହତ ହୋଇଛନ୍ତି । ମେ ୭ରୁ ୧୦ ତାରିଖ ମଧ୍ୟରେ ନିୟନ୍ତ୍ରଣ ରେଖାରେ ଗୁଳିବିନିମୟ ସମୟରେ ସେମାନଙ୍କ ମୃତ୍ୟୁ ଘଟିଛି । ଏହା ସହିତ ଭାରତୀୟ ବାୟୁସେନା ଅନେକ ପାକିସ୍ତାନୀ ଯୁଦ୍ଧ ବିମାନକୁ ଖସାଇଛି । ପାକ୍ ଯୁଦ୍ଧ ବିମାନଗୁଡ଼ିକୁ ଆମ ସୀମା ଭିତରକୁ ପ୍ରବେଶ କରିବାକୁ ଦିଆଯାଇନାହିଁ । ସେଗୁଡ଼ିକ ଏଲଓସି ଆରପଟେ ଖସିଥିବାରୁ ତାହାର ସଂଖ୍ୟା ଜଣାପଡ଼ି ନାହିଁ ବୋଲି ଏୟାର ମାର୍ଶଲ ଏ.କେ. ଭାରତୀ କହିଛନ୍ତି ।

# ଭିଡିଓ ଗେମ୍ ଭିଡିଓ ଦେଖାଇ କହୁଛନ୍ତି ଭାରତୀୟ ସେନା ଉପରେ ଆକ୍ରମଣର ଦାବି







ନୂଆଦିଲ୍ଲୀ,୧୧।୫: ଭାରତ ମେ' ୬ ଏବଂ ୭ ରାତିରେ ପାକିସ୍ତାନ ଏବଂ ପାକ ଅଧିକୃତ କାଶ୍ମୀର(ପିଓକେ)ରେ ୯ଟି ଆତଙ୍କବାଦୀ ଲ□ ପ୍ୟାଡ୍କୁ ଟାର୍ଗେଟ କରି ଅପରେଶନ ସିନ୍ଦୂର ଆରମ୍ଭ କରିବା ପରେ ସୀମାରେ ଉ□ଜନା କ୍ରମାଗତ ଭାବରେ ବୃଦ୍ଧି ପାଇଥିଲା । ଏହି ସମ।ରେ ପାକିସ୍ତାନ ସହ ଜଡିତ ଅନେକ ସୋସିଆଲ ମିଡିଆ ଆକାଉ□ ନକଲି ଖବର ପ୍ରସାର କରିବା ଆରମ୍ଭ କରିଥିଲା । ସାଧାରଣ ଲୋକ ତ ଦୂରର କଥା ପାକିସ୍ତାନରେ ସରକାରୀ ପଦବୀରେ ଥିବା ତଥାକଥିତ ଦା।ିତ୍ୱବାନ ଲୋକେ ମଧ୍ୟ ପଛରେ ନଥିଲେ । ପାକିସ୍ତାନ ସରକାର ନିଜର ସୋସିଆଲ ମିଡିଆ ପ୍ଲାଟଫର୍ମ ଢ ରେ ଏହାର ଅଫିସିଆଲ ପେଜରୁ ଭିଡିଓ ଗେମର ଫୁଟେଜ ପୋଷ୍ଟ କରି ଏହାକୁ ଭାରତ ସହିତ ଚାଲିଥିବା ବିବାଦ ସହିତ ଯୋଡିଛନ୍ତି ।ପାକିସ୍ତାନର ସୂଚନା ମନ୍ତ୍ରୀ ଆତାଉଲ୍ଲାହ ତରାର ଇଜଗଇ ୩ ନାମକ ଏକ ଭିଡିଓ ଗେମର ଫୁଟେଜ ଶେ।ର କରି ଦାବି କରିଛନ୍ତି ଯେ ପାକିସ୍ତାନୀ ସଶସ୍ତ୍ର ସେନା ଭାରତୀ। ସୁରକ୍ଷା ବାହିନୀକୁ ସମ।ୋଚିତ ଏବଂ କଡ଼ା ଜବାବ ଦେଇଛି । ଏହି ଭ୍ରାମକ ଦାବିକୁ ।ୁକେ ପ୍ରତିରକ୍ଷା ଜର୍ନାଲ ଦ୍ୱାରା ଖଣ୍ଡନ କରାଯାଇଛି । ଏପରିକି କୁହାଯାଇଛି ଯେ ପାକିସ୍ତାନ ସରକାରଙ୍କ ଏକ ସରକାରୀ ଆକାଉ□ ଦ୍ୱାରା ପୋଷ୍ଟ କରାଯାଇଥିବା ଏକ କ୍ଲୋଜ-ଇନ ୱେପନ୍ ସିଷ୍ଟମ (ଉଓଡଝ) ଏକ ଟାର୍ଗେଟକୁ ଆଘାତ କରିବାର ଫୁଟେଜ ଲୋକପ୍ରି। ସାମରିକ ଖେଳ ଇଜଗଇ ୩ ରୁ ଆସିଛି ।ଶନିବାର ଆଉ ଏକ ମିଥ୍ୟା ଦାବି କରାଯାଇଥିଲା । ପାକିସ୍ତାନର ସୋସିଆଲ ମିଡିଆ ହ୍ୟାଣ୍ଡେଲଗୁଡ଼ିକ ଦାବି କରିଥିଲେ ଯେ ଭାରତୀ। ବା।ୁସେନାର ଜଣେ ମହିଳା ପାଇଲଟଙ୍କୁ ପାକିସ୍ତାନରେ ବନ୍ଦୀ କରାଯାଇଛି । ଏହି ଦାବିକୁ ଅସ୍ୱୀକାର କରି ଚଓଇ କହିଛି ଯେ ଏହି ଦାବିଟି ନକଲି । ଭାରତୀ। ମହିଳା ବା।ୁସେନା ପାଇଲଟଙ୍କୁ ଧରାଯାଇ ନାହିଁ ।ଶନିବାର ଏକ ଖବରଦାତା ସମ୍ମିଳନୀରେ, ଭାରତୀ। ଅଧିକାରୀମାନେ ଗତ ତିନି ଦିନ ଧରି ବୃଦ୍ଧି ପାଇଥିବା ଉ□ଜନା ସମ।ରେ ପାକିସ୍ତାନ ଦ୍ୱାରା କରାଯାଇଥିବା ଅନେକ ମିଥ୍ୟା ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଶନିବାର ଏକ ମିଳିତ ଖବରଦାତା ସମ୍ମିଳନୀରେ କମୋଡୋର ରଘୁ ଆର ନା।ାର, ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହ ଏବଂ କର୍ଣ୍ଣେଲ ସୋଫିଆ କୁରେଶୀ ପାକିସ୍ତାନୀ ପ୍ରଚାରର ଅଂଶ ଭାବରେ ପ୍ରସାରିତ ହେଉଥିବା ଅନେକ ମିଥ୍ୟା ଦାବିର ପର୍ଦ୍ଦାଫାଶ କରିଥିଲେ । କର୍ଣ୍ଣେଲ ସୋଫିଆ କୁରେଶୀ କହିଛନ୍ତି, ପାକିସ୍ତାନ ଦାବି କରିଛି ଯେ ସେ ଏହାର ଊର ୧୭ ସାହାଯ୍ୟରେ ଆମର ଝ ୪୦୦ ଏବଂ ବ୍ରହ୍ମୋସ କ୍ଷେପଣାସ୍ତ୍ର ଘାଟିକୁ କ୍ଷତି ପହ□ାଇଛି, ଯାହା ସମ୍ପୂର୍ଣ୍ଣ ମିଥ୍ୟା । ଦ୍ୱିତୀ।ତଃ, ସେ ଏକ ଭୁଲ ସୂଚନା ଅଭିଯାନ ମଧ୍ୟ ଚଳାଇଛି ଯେ ଆମର ସିରସା, ଜମ୍ମୁ, ପଠାନକୋଟ, ଭଟିଣ୍ଡା, ନାଲିଆ ଏବଂ ଭୁଜରେ ଥିବା ବା।ୁସେନା ଘାଟିକୁ କ୍ଷତି ପହ□ାଇଛି, ଯାହା ମଧ୍ୟ ସମ୍ପୂର୍ଣ୍ଣ ମିଥ୍ୟା । ତୃତୀ।ତଃ, ପାକିସ୍ତାନର ଭୁଲ ସୂଚନା ଅଭିଯାନର ଅଂଶ ଭାବରେ, ଚଣ୍ଡିଗଡ଼ ଏବଂ ବ୍ୟାସରେ ଥିବା ଆମର ଗୋଳାବାରୁଦ ଡିପୋକୁ କ୍ଷତି ପହ□ାଇଛି, ଯାହା ମଧ୍ୟ ସମ୍ପୂର୍ଣ୍ଣ ମିଥ୍ୟା ପାକିସ୍ତାନ ମିଥ୍ୟା ଅଭିଯୋଗ କରିଛି ଯେ ଭାରତୀ। ସେନା ମସଜିଦକୁ କ୍ଷତି ପହ□ାଇଛି । ମୁଁ ସ୍ପଷ୍ଟ କରିବାକୁ ଚାହୁଁଛି ଯେ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଏବଂ ଆମର ସେନା ଭାରତର ସାମ୍ବିଧାନିକ ମୂଲ୍ୟବୋଧର ଏକ ସୁନ୍ଦର ପ୍ରତିଫଳନ ।

# ସାଟେଲାଇଟରୁ ଜଣାପଡିଲା ପାକିସ୍ତାନ ଏୟାରବେସ ଧ୍ୱଂସ କରିଦେଇଛି ଭାରତୀୟ ସେନା





ନୂଆଦିଲ୍ଲୀ : ଚାଇନାର ଏକ ଉପଗ୍ରହ ସଂସ୍ଥା ଦ୍ୱାରା ପ୍ରକାଶିତ ସାଟେଲାଇଟ ଫଟୋରେ ଭାରତୀୟ ସଶସ୍ତ୍ର ବାହିନୀର ଆକ୍ରମଣ ପରେ ପାକିସ୍ତାନର ନୁର ଖାନ ଏୟାରବେସରେ ହୋଇଥିବା କ୍ଷୟକ୍ଷତି ଦେଖାଯାଇଛି।ୟ ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନର ରଫିକି, ମୁରିଦ, ନୁର ଖାନ, ଚୁନିଆନ (ପଞ୍ଜାବ) ଏବଂ ସୁକ୍କୁରସ୍ଥିତ ଏୟାର ଫୋର୍ସ ବେସଗୁଡ଼ିକୁ ଟାର୍ଗେଟ କରିଥିଲା । ପାକିସ୍ତାନ ସେନାର ମୁଖପାତ୍ର ଲେଫ୍ଟନା□ ଜେନେରାଲ ଆହମଦ ଶରିଫ ଟେଲିଭିଜନରେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ମିସାଇଲ ଆକ୍ରମଣ ରାୱାଲପିଣ୍ଡିର ନୁର ଖାନ ବେସ, ଚକୱାଲର ମୁରିଦ ବେସ ଏବଂ ପଞ୍ଜାବ ପ୍ରଦେଶର ଝାଙ୍ଗ ଜିଲ୍ଲାରେ ଥିବା ରାଫିକି ବେସ ଉପରେ ହୋଇଥିଲା । ପାକିସ୍ତାନ ଏୟାର ଫୋର୍ସ ବେସ ନୁର ଖାନ, ଯାହା ରାୱାଲପିଣ୍ଡିର ଚକଲାଲାରେ ଅବସ୍ଥିତ, ପାକିସ୍ତାନର ରାଜଧାନୀ ଇସଲାମାବାଦଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ରହିଛି । ନୁର ଖାନ ଏୟାର ବେସ ଏହି ବେସଗୁଡ଼ିକ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ପାକିସ୍ତାନର ମୁଖ୍ୟ ପରିବହନ ସ୍କ୍ୱାଡ୍ରନଗୁଡ଼ିକର ଘର ଅଟେ । ଏହା ଲଜିଷ୍ଟିକାଲ ଏବଂ ରଣନୀତିକ ଏୟାରଲିଫ୍ଟ ଅପରେଶନ ପାଇଁ ବ୍ୟବହୃତ ହୁଏ । ଏଠାରେ ଉ-୧୩୦ ହରକ୍ୟୁଲିସ, ସାବ ୨୦୦୦ ପରି ପରିବହନ ବିମାନ, ଓଖ-୭୮ ମିଡ୍-ଏୟାର ରିଫ୍ୟୁଏଲର ଏବଂ ଠଓଚ ପରିବହନ ପାଇଁ ବିମାନ ରହିଛି । ଭାରତ ଓ ପାକିସ୍ତାନ ଶନିବାର ଚାରି ଦିନର ଆକ୍ରମଣ ପରେ ଅସ୍ତ୍ରବିରତି କରିବାକୁ ରାଜି ହୋଇଥିଲେ । ଏହି ଘୋଷଣା ପ୍ରଥମେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମାଧ୍ୟମରେ ଆସିଥିଲା ଏବଂ ପରେ ନୂଆଦିଲ୍ଲୀ ଏକ ଆନୁଷ୍ଠାନିକ ପ୍ରେସ ବ୍ରିଫିଂରେ ଏହାକୁ ନିଶ୍ଚିତ କରିଥିଲାୟବୈଦେଶିକ ସଚିବ ବିକ୍ରମ ମିଶ୍ରୀ କହିଛନ୍ତି ଯେ ଯୁଦ୍ଧବିରତି ଆଲୋଚନା ଭାରତ ଓ ପାକିସ୍ତାନର ମିଲିଟାରୀ ଅପରେଶନ ମହାନିର୍ଦ୍ଦେଶକ (ଡିଜିଏମଓ) ମାନଙ୍କ ମଧ୍ୟରେ ସିଧାସଳଖ ହୋଇଥିଲା । ଭାରତର ଏହି ମନ୍ତବ୍ୟ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ପୂର୍ବ ବୟାନକୁ ଖଣ୍ଡନ କରିଥିଲା, ଯେଉଁଥିରେ ସେ ଦାବି କରିଥିଲେ ଯେ ଭାରତ ଓ ପାକିସ୍ତାନ ଏକ ନିରପେକ୍ଷ ସ୍ଥାନରେ ବିସ୍ତୃତ ବିଷୟବସ୍ତୁ ଉପରେ ଆଲୋଚନା ଆରମ୍ଭ କରିବାକୁ ରାଜି ହୋଇଛନ୍ତି । ଉଭୟ ପକ୍ଷ ଚାରି ଦିନ ଧରି ଗୁଳି ବିନିମୟ କରିଥିଲେ, ଶେଷରେ ଅସ୍ତ୍ରବିରତି କରିବାକୁ ରାଜି ହୋଇଥିଲେ । ସୀମାନ୍ତ ସହରଗୁଡ଼ିକରେ ବିସ୍ଫୋରଣର ଶବ୍ଦ ଶୁଣାଯାଇଥିଲା ଏବଂ ରାତି ପରେ ରାତି, ଏହି ଦୁଇ ପଡ଼ୋଶୀ ରାଷ୍ଟ୍ର ଏକ ପୂର୍ଣ୍ଣ ଯୁଦ୍ଧର ଦିଗରେ ଅଗ୍ରସର ହେଉଥିଲେ ।

## ସମସ୍ତ ଭାରତୀୟ ପାଇଲଟ ଘରକୁ ଫେରିଛନ୍ତି ବାୟୁସେନା



ନୂଆଦିଲ୍ଲୀ : ଭାରତୀୟ ସେନା ରବିବାର ଏକ ପ୍ରେସ ବ୍ରିଫିଂରେ କହିଛି ଯେ, ଅପରେସନ ସିନ୍ଦୂରରେ ସାମିଲ ହୋଇଥିବା ସମସ୍ତ ପାଇଲଟ ଘରକୁ ଫେରିଛନ୍ତି । ଏହି ଅପରେସନର ଲକ୍ଷ୍ୟ ସଫଳତାର ସହ ପୂରଣ ହୋଇଥିବା ବାୟୁସେନା ଦାବି କରିଛି । ଭାରତୀୟ ସେନାର ଡିରେକ୍ଟର ଜେନେରାଲ ଅଫ ମିଲିଟାରୀ ଅପରେସନ୍ସ କହିଛନ୍ତି ଅପରେସନ ସିନ୍ଦୂରରେ ସାମିଲ ଥିବା ସମସ୍ତ ଭାରତୀୟ ପାଇଲଟ ଏବଂ ଫାଇଟର ଜେଟ୍ ସୁରକ୍ଷିତ ଭାବେ ନିଜ ବେସକୁ ଫେରିଛନ୍ତି । ଏପ୍ରିଲ ୨୨ରେ ଜମ୍ମୁ ଓ କାଶ୍ମୀରର ପାହାଲଗାମରେ ହୋଇଥିବା ଏକ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଲୋକ, ମୁଖ୍ୟତଃ ପର୍ଯ୍ୟଟକ, ପ୍ରାଣ ହରାଇଥିଲେ । ଏହି ଆକ୍ରମଣରେ ପାକିସ୍ତାନର ସମ୍ପୃକ୍ତି ଥିବା ଭାରତ ଅଭିଯୋଗ କରିଥିଲା, ଯାହାକୁ ଇସଲାମାବାଦ ଅସ୍ୱୀକାର କରିଛି । ଜବାବରେ, ଭାରତୀୟ ସଶସ୍ତ୍ର ବାହିନୀ ମଇ ୭ରେ 'ଅପରେସନ ସିନ୍ଦୂର' ଆରମ୍ଭ କରି ପାକିସ୍ତାନ ଓ ପିଓକେରେ ୯ଟି ଆତଙ୍କବାଦୀ ଅଡ୍ଡା ଉପରେ ସଠିକ ଆକ୍ରମଣ କରିଥିଲାୟ ଏହି ଅଭିଯାନରେ ୧୦୦ରୁ ଅଧିକ ଆତଙ୍କବାଦୀ, ୟୁସୁଫ ଆଜହର, ଆବଦୁଲ ମଲିକ ରଉଫ ଓ ମୁଦାସିର ଅହମଦ ଭଳି ଉଚ୍ଚ ସ୍ତରୀୟ ଆତଙ୍କବାଦୀ ନିପାତ ହୋଇଥିଲେ । ଅପରେସନ ସିନ୍ଦୂର ପରେ ପାକିସ୍ତାନ ମେ ୮-୯ ରାତିରେ ଶ୍ରୀନଗର, ଜମ୍ମୁ, ଉଧମପୁର ଓ ପଠାନକୋଟ ଭଳି ଭାରତୀୟ ସହର ଓ ସାମରିକ ସ୍ଥାନଗୁଡ଼ିକୁ ଡ୍ରୋନ ଓ ମିସାଇଲ ଜରିଆରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା । ଭାରତୀୟ ବାୟୁସେନା ଓ ସେନା ଏହାକୁ ସଫଳତାର ସହ ପ୍ରତିହତ କରି ପାକିସ୍ତାନର ଚକଲାଲା, ରାଫିକି, ରହିମ ୟାର ଖାନ, ସରଗୋଧା, ଭୁଲାରୀ ଓ ଜାକୋବାବାଦ ଭଳି ବାୟୁସେନା ଅଡ୍ଡା ଓ ସାମରିକ ସ୍ଥାନଗୁଡ଼ିକ ଉପରେ ପ୍ରତିଆକ୍ରମଣ କରିଥିଲାୟ ଡିଜିଏମଓ ରାଜୀବ ଘାଇ କହିଛନ୍ତି, ଆମେ ଆତଙ୍କବାଦୀମାନଙ୍କୁ ଟାର୍ଗେଟ କରିଥିଲୁ, କିନ୍ତୁ ପାକିସ୍ତାନ ସେନାର ଆଗ୍ରାସନର ଜବାବରେ ଆମକୁ ସେମାନଙ୍କ ସାମରିକ ସ୍ଥାନଗୁଡ଼ିକ ଉପରେ ଆକ୍ରମଣ କରିବାକୁ ପଡ଼ିଥିଲା ।

# ପାକିସ୍ତାନ ଆର୍ମି ମାନିଲା କରିଛି ଆତଙ୍କବାଦୀ ଆକ୍ରମଣ



ନୂଆଦିଲ୍ଲୀ : ଭୂଲ ମାନିଲା ପାକିସ୍ତାନ । କରିଛି ଆତଙ୍କବାଦୀ ହମଲା ।ସାମ୍ବାଦିକ ସମ୍ମିଳନୀ କରି ଏନେଇ ବଡ଼ ବ।ାନ ଦେଇଛି ପାକିସ୍ତାନୀ ସେନା । ପାକିସ୍ତାନ ସେନାର ଜଣେ ଉଚ୍ଚପଦସ୍ଥ ଅଧିକାରୀ ଏକ ଚା□ଲ୍ୟକର ସ୍ୱୀକାରୋକ୍ତିରେ ୨୦୧୯ ମସିହା ଫେବୃଆରୀରେ ଜମ୍ମୁ ଓ କଶ୍ମୀରର ପୁଲୱାମାରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ଭୂମିକା ଥିବା ମାନିଛନ୍ତି । ଏହି ଆକ୍ରମଣରେ ୪୦ ଜଣ ଭାରତୀ। ସିଆରପିଏଫ ଯବାନ ସହିଦ ହୋଇଥିଲେ । ପାକିସ୍ତାନ ବା।ୁସେନାର ଡିରେକ୍ଟର ଜେନେରାଲ ପବ୍ଲିକ ରିଲେସନ୍ସ ଏ।ାର ଭାଇସ ମାର୍ଶା।ଲ ଔରଙ୍ଗଜେବ ଅହମ୍ମଦ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଆକ୍ରମଣକୁ କୌଶଳଗତ ଚତୁରତା (ଟାକ୍ଟିକାଲ ବ୍ରିଲିଆନ୍ସ) ବୋଲି ଅଭିହିତ କରିଛନ୍ତି ।ଲ ଔରଙ୍ଗଜେବ କହିଛନ୍ତି, ପାକିସ୍ତାନର ଭୂମି, ଆକାଶ କିମ୍ବା ଜଳସୀମା ଉପରେ ଯଦି କୌଣସି ବିପଦ ଆସେ, ତାହାକୁ ଆମେ କେବେ ବି ସହ୍ୟ କରିବୁ ନାହିଁ । ଆମେ ପୁଲୱାମାରେ ଆମର କୌଶଳଗତ ଚତୁରତା ଦେଖାଇଥିଲୁ, ଏବଂ ଏବେ ଆମେ ଆମର ଅପରେଶନାଲ ପ୍ରଗତି ଓ ରଣନୀତିକ ଦକ୍ଷତା ପ୍ରମାଣ କରିଛୁ । ଏହି ବ।ାନ ପାକିସ୍ତାନରେ ଚହଳ ପକାଇଛି । କାରଣ ପୁଲୱାମା ଆକ୍ରମଣରେ ପାକ୍ ନିଜର ସମ୍ପୃକ୍ତିକୁ ବାରମ୍ବାର ଅସ୍ୱୀକାର କରିଆସୁଥିଲା । ୨୦୧୯ ମସିହା ଫେବୃଆରୀ ୧୪ରେ ପାକିସ୍ତାନ ଆଧାରିତ ଆତଙ୍କବାଦୀ ସଂଗଠନ ଜୈଶ-ଏ-ମହମ୍ମଦ (ଜେଇଏମ)ର ଜଣେ ଆତ୍ମଘାତୀ ବୋମାବାଜ ଆଦିଲ ଅହମ୍ମଦ ଡାର ପୁଲୱାମାରେ ସିଆରପିଏଫ ଯବାନଙ୍କ ଏକ କନଭ। ଉପରେ ବିସ୍ଫୋରକ ଭ□ ଗାଡ଼ି ମାଡ଼ି ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ୪୦ ଜଣ ଯବାନ ଶହୀଦ ହୋଇଥିଲେ । ଭାରତ ଏହାର ପ୍ରତିଶୋଧ ନେଇ ଫେବୃଆରୀ ୨୬, ୨୦୧୯ରେ ପାକିସ୍ତାନର ବାଲାକୋଟରେ ଜେଇଏମର ଏକ ଆତଙ୍କବାଦୀ ତାଲିମ ଶିବିର ଉପରେ ବା।ୁସେନା ମାଧ୍ୟମରେ ଆକ୍ରମଣ କରିଥିଲା । ଏହି ଘଟଣା ପରେ ଉଭ। ଦେଶ ମଧ୍ୟରେ ଉ□ଜନା ବୃଦ୍ଧି ପାଇଥିଲା । ଏହାପରେ ଭାରତ ପାକ୍ରେ ଏ।ାରଷ୍ଟ୍ରାଇକ୍ କରିଥିଲା ।ମଲ ଏହା ପ୍ରଥମ ନୁହେଁ ଯେ ପାକିସ୍ତାନର ଜଣେ ନେତା ପୁଲୱାମା ଆକ୍ରମଣରେ ନିଜ ଦେଶର ସମ୍ପୃକ୍ତି ମାନିଛନ୍ତି । ୨୦୨୦ ଅକ୍ଟୋବରରେ ପାକିସ୍ତାନର ତତ୍କାଳୀନ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଫୱାଦ ଚୌଧୁରୀ ଜାତୀ। ସଭାରେ କହିଥିଲେ, ଆମେ ଭାରତକୁ ତା' ଘରେ ପଶି ମାରିଛୁ । ପୁଲୱାମାରେ ଆମର ସଫଳତା ହେଉଛି ଇମ୍ରାନ ଖାନଙ୍କ ନେତୃତ୍ୱରେ ଆମ ଦେଶର ସଫଳତା । ଏହି ବ।ାନ ସେତେବେଳେ ବିବାଦ ସୃଷ୍ଟି କରିଥିଲା ।

ଏହି ସ୍ୱୀକାରୋକ୍ତି ଏପ୍ରିଲ ୨୨, ୨୦୨୫ରେ ଜମ୍ମୁ ଓ କଶ୍ମୀରର ପାହାଲଗାମରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ପରେ ଉ□ଜନା ମଧ୍ୟରେ ଆସିଛି । ପହଲଗାମ ଆକ୍ରମଣରେ ୨୬ ଜଣ ନାଗରିକ, ଯେଉଁମାନେ ପ୍ରା।ତଃ ପର୍ଯ୍ୟଟକ ଥିଲେ, ନିହତ ହୋଇଥିଲେ । ଏହି ଆକ୍ରମଣ ପାଇଁ ଲସ୍କର-ଏ-ତୋଇବାର ଏକ ପ୍ରକ୍ସି ସଂଗଠନ ଦି ରେଜିଷ୍ଟାନ୍ସ ଫ୍ର□ (ଟିଆରଏଫ) ଦା।ିତ୍ୱ ନେଇଥିଲା । ଭାରତ ଏହାର ପ୍ରତିଶୋଧରେ ମେ ୭, ୨୦୨୫ରେ 'ଅପରେଶନ ସିନ୍ଦୁର' ଆରମ୍ଭ କରି ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ୯ଟି ଆତଙ୍କବାଦୀ ଲକ୍ଷ୍ୟସ୍ଥଳୀକୁ ଧ୍ୱଂସ କରିଥିଲା । ଔରଙ୍ଗଜେବଙ୍କ ଏହି ବ।ାନ ପାକିସ୍ତାନର ଦୀର୍ଘ ଦିନର ଅସ୍ୱୀକାରକୁ ଖଣ୍ଡନ କରିଛି । ଭାରତ ବାରମ୍ବାର ଅଭିଯୋଗ କରିଆସୁଛି ଯେ ପାକିସ୍ତାନ ଜୈଶ-ଏ-ମହମ୍ମଦ ଓ ଲସ୍କର-ଏ-ତୋଇବା ପରି ଆତଙ୍କବାଦୀ ସଂଗଠନମାନଙ୍କୁ ସମର୍ଥନ ଓ ଆଶ୍ର। ଦେଉଛି । ଏହି ସ୍ୱୀକାରୋକ୍ତି ପାକିସ୍ତାନର ଦ୍ୱିମୁଖୀ ନୀତିକୁ ଆହୁରି ସ୍ପଷ୍ଟ କରିଛି ଏବଂ ଆନ୍ତର୍ଜାତୀ। ସମୁଦା।ରେ ଏହା ନୂଆ ବିତର୍କ ସୃଷ୍ଟି କରିପାରେ ।

# ୧୬ରୁ ପୁଣି ଆରମ୍ଭ ହେବ ଆଇପିଏଲ

**ଲଣ୍ଡନ,୧୧।୫ :** ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ନେଇ ବୁଝାମଣା ହେବା ପରେ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ଥିବା ଆଇପିଏଲ୍ ପୁଣି ଥରେ ଆରମ୍ଭ ହେବାର ଆଶା ସଂଚାର ହୋଇଛି। ବିସିସିଆଇ କିନ୍ତୁ ପରିସ୍ଥିତିକୁ ପୂରା ଅନୁଧ୍ୟାନ କରି ଏବଂ ଖେଳାଳି, ଅଧିକାରୀ ଓ ସର୍ବୋପରି ପ୍ରଶଂସକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ତ୍ୱରିତ ଏହି ଦିଗରେ କୌଣସି ନିଷ୍ପତ୍ତି ନେବାର ସମ୍ଭାବନା କମ୍ ରହିଛି। ପୁଣି ବିସିସିଆଇ ଓ ଆଇସିସିକୁ ମିଳିତ ଭାବେ ଏଥିଲାଗି ପରବର୍ତ୍ତୀ ସମୟ ବାଛିବାର ବଡ଼ ନିଷ୍ପତ୍ତି କିଛି ଦିନ ଭିତରେ ହିଁ ନେବାକୁ ହେବ। କାରଣ ଯଦି ସପ୍ତାହକ ଭିତରେ ଆଇପିଏଲ୍ ଆରମ୍ଭ ହୋଇଯାଏ, ତାହେଲେ ଆଇସିସିର ଅନ୍ତର୍ଜାତୀୟ ସୂଚୀ ବିଶେଷ ପ୍ରଭାବିତ ହେବନି। ବିଳମ୍ବିତ ହେଲେ କିନ୍ତୁ କିଛି ଦ୍ୱିପାକ୍ଷିକ ଶୃଙ୍ଖଳା ଏବଂ ସୁରକ୍ଷାର ଦ୍ୱାହି ଦେଇ ଏକାଧିକ ବିଦେଶୀ ଖେଳାଳି ଭାରତକୁ ଫେରିବା ହୁଏତ କଷ୍ଟକର ହେବ। ଭାରତୀୟ କ୍ରିକେଟ୍ ଦଳ ମଧ୍ୟ ଜୁନ୍ ମାସରେ ଇଂଲଣ୍ଡ ବିପକ୍ଷରେ ୫ ଟିକିଆ ଟେଷ୍ଟ୍ ଶୃଙ୍ଖଳା ଖେଳିବାକୁ ଯିବ।

ଏଣୁ ଏହା ପୂର୍ବରୁ ଆଇପିଏଲ୍ ପାଇଁ ପୁନର୍ବାର ସମୟ ବାହାର କରିବା ନେଇ ବିସିସିଆଇ ଢେର ସମସ୍ୟାର ସମ୍ମୁଖୀନ ହୋଇପାରେ। ମହତ୍ୱପୂର୍ଣ୍ଣ କଥା ହେଲା ଏହି ଶୃଙ୍ଖଳାରୁ ଭାରତ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପର ୨୦୨୫-୨୭ ଚକ୍ର ଆରମ୍ଭ କରିବ। ଯାହା ଭାରତ ପାଇଁ ବେଶ ଗୁରୁତ୍ୱ ବହନ କରିବ। କୋଭିଡ୍ ସମୟରେ ବିସିସିଆଇ ଅଧାରୁ ବନ୍ଦ ହୋଇ ପୁଣି ୟୁଏଇରେ ଆରମ୍ଭ ହେବା (୨୦୨୧) ଏବଂ ଦକ୍ଷିଣ ଆଫ୍ରିକାରେ ଗୋଟିଏ ସଂପୂର୍ଣ୍ଣ ଋତୁ (୨୦୦୯) ଆୟୋଜନ କରିବାର ଅଭିଜ୍ଞତା ବିସିସିଆଇର ଥିବାରୁ ଆଇପିଏଲର ଅବଶିଷ୍ଟ ମ୍ୟାଚ୍ ନିକଟ ଭବିଷ୍ୟତରେ ଦେଶ ଭିତରେ କିମ୍ବା ବାହାରେ ଆୟୋଜନ କରିବା ଲାଗି ବିସିସିଆଇ ବିଶେଷ ଅସୁବିଧାର ସମ୍ମୁଖୀନ ହେବନି ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ୧୨ ତାରିଖରେ ଅସ୍ତ୍ରବିରତି ନେଇ ଭାରତ ଓ ପାକିସ୍ତାନର ଡିଜିଏମ୍‌ଓ କଥା ହେବାର ଅଛି। ସେପର୍ଯ୍ୟନ୍ତ ବିସିସିଆଇ କେଣସି ନିଷ୍ପତ୍ତି ନେବ ନାହିଁ ବୋଲି ଏହାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ବିଭିନ୍ନ ଷ୍ଟାଡିୟମ୍ ପରିବର୍ତ୍ତେ ଗୋଟିଏ କିମ୍ବା ଦୁଇଟି ଷ୍ଟାଡିୟମରେ ଆଇପିଏଲର ଦ୍ୱିତୀୟ ପର୍ଯ୍ୟାୟ ଖେଳାଯାଇପାରେ ବୋଲି ସୂଚନା ଦେଇଛନ୍ତି। ବିସିସିଆଇ ଘରୋଇ ପରିବେଶରେ ଆଇପିଏଲର ଅବଶିଷ୍ଟ ମ୍ୟାଚ୍ ଆୟୋଜନ କରିବାର ସପକ୍ଷରେ ଥିଲାବେଳେ ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏଥିନେଇ ଶନିବାର ଆଗ୍ରହ ପ୍ରକାଶ କରଛି। ଇସିବି ମୁଖ୍ୟ କାର୍ଯ୍ୟନିର୍ବାହୀ ରିଚର୍ଡ ଗୁଲ୍ଡ କହିଛନ୍ତି, ଆମେ ଆଇପିଏଲର ପରବର୍ତ୍ତି ମ୍ୟାଚ୍ ଆୟୋଜନ କରିପାରିବୁ। ଏଥିନେଇ ଆମେ ଯଥାସମ୍ଭବ ଆମ ବନ୍ଧୁ (ବିସିସିଆଇ)ଙ୍କୁ ସହାୟତା କରିବୁ। ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମାଇକେଲ୍ ଭନ୍ ମଧ୍ୟ ଇଂଲଣ୍ଡରେ ଆଇପିଏଲର ଅବଶିଷ୍ଟ ମ୍ୟାଚ୍ କରିବାକୁ ବିସିସିଆଇକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଆମ ପାଖରେ ଷ୍ଟାଡିୟମ୍ ସହ ସବୁ ସୁବିଧା ରହିଛି। ଭାରତୀୟ ଖେଳାଳିମାନେ ଏଠାରେ ଆଇପିଏଲ୍ ଖେଳିବା ପରେ ଟେଷ୍ଟ୍ ଶୃଙ୍ଖଳା ଲାଗି ଏଠାରେ ରହିପାରିବେ। ଅନ୍ୟଜଣେ କ୍ରିକେଟର୍ ଆଇପିଏଲର ଅବଶିଷ୍ଟ ମ୍ୟାଚଗୁଡ଼ିକ ସେପ୍ଟେମ୍ବର ମାସରେ ଆୟୋଜନ କରିବାକୁ କହିଛନ୍ତି।



ସେପ୍ଟେମ୍ବରରେ ଏସିଆ କପ୍ ଖେଳାଯିବାର ଅଛି। ହେଲେ ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଛକାପଞ୍ଝା ପାଇଁ ଏହି ପ୍ରତିଯୋଗିତା ବାତିଲ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏଣୁ ଏହି ସମୟକୁ ଆଇପିଏଲ୍ ପାଇଁ ଉପଯୋଗ କରାଯାଇପାରେ ବୋଲି କହିଛନ୍ତି ସେୟ ଭନ୍ ମଧ୍ୟ ସେପ୍ଟେମ୍ବରରେ ଇଂଲଣ୍ଡ-ଦକ୍ଷିଣ ଆଫ୍ରିକା ଦିନିକିଆ ଶୃଙ୍ଖଳା ପରେ ଇଂଲଣ୍ଡରେ ଆୟୋଜିତ ହୋଇପାରେ ବୋଲି ମତ ପ୍ରକାଶ କରିଛନ୍ତି। ସେପଟେ ଫ୍ରାଞ୍ଚାଇଜଙ୍କ ସହ ଆଲୋଚନା ପରେ ହିଁ ଆଇପିଏଲ୍-୨୦୨୫କୁ ସ୍ଥଗିତ ରଖାଯାଇଥିବା ବିସିସିଆଇ ସଂପାଦକ ଦେବଜିତ ସାଇକିଆ ଏକ ସାକ୍ଷାତକାରର ପ୍ରକାଶ କରିଛନ୍ତି। ଆଇପିଏଲ୍-୧୮ର ଅବଶିଷ୍ଟ ୧୬ ମ୍ୟାଚର ଆୟୋଜନ ବେଙ୍ଗାଲୁରୁ, ଚେନ୍ନାଇ ଓ ହାଇଦ୍ରାବାଦରେ ହୋଇପାରେ। ଭାରତ ସରକାରଙ୍କ ସବୁଜ ସଙ୍କେତ ପରେ ଯାଇ କିନ୍ତୁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏଭଳି ଚର୍ଚ୍ଚା ଭାରତୀୟ କ୍ରିକେଟ୍ ଜଗତରେ ଆରମ୍ଭ ହୋଇଛି। ସେହିଭଳି ଅବଶିଷ୍ଟ ମ୍ୟାଚଗୁଡ଼ିକ ଏବେ ନୁହେଁ ବରଂ ବର୍ଷ ଶେଷ ଆଡ଼କୁ ଖେଳାଯିବାର ସମ୍ଭାବନା ଅଧିକ ରହିଛି।

## ପାକିସ୍ତାନରେ କ୍ଷେପଣାସ୍ତ୍ର ଆକ୍ରମଣରୁ ବର୍ତ୍ତିଲେ ଅଷ୍ଟ୍ରେଲୀୟ କ୍ରିକେଟର




**ନୂଆଦିଲ୍ଲୀ,୧୧।୫:** ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ସାମରିକ ଉତ୍ତେଜନା ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ପାକିସ୍ତାନର ନୁର ଖାନ ବାୟୁସେନା ଘାଟି ନିକଟରେ ଭାରତୀୟ କ୍ଷେପଣାସ୍ତ୍ର ଆକ୍ରମଣରୁ ଚାରି ଜଣ ଅଷ୍ଟ୍ରେଲୀୟ କ୍ରିକେଟର ଅଳ୍ପକେ ବର୍ତ୍ତି ଯାଇଥିବା ରିପୋର୍ଟ ମିଳିଛି। ଏହି ଘଟଣା ପାକିସ୍ତାନ ପ୍ରିମିୟର ଲିଗ୍ (ପିଏସଏଲ) ଏବଂ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୫ ସ୍ଥଗିତ ରହିଥିବା ସମୟରେ ଘଟିଛି। ଏହି କ୍ରିକେଟରମାନେ ପାକିସ୍ତାନରେ ପିଏସଏଲରେ ଭାଗ ନେଉଥିବା ସମୟରେ ଏହି ଆକ୍ରମଣ ଘଟିଥିଲା। ଆକ୍ରମଣର କିଛି ଘଣ୍ଟା ପୂର୍ବରୁ ସେମାନେ ନୁର ଖାନ ବାୟୁସେନା ଘାଟିରୁ ବାହାରି ଯାଇଥିଲେ, ଯାହା ସେମାନଙ୍କ ଜୀବନ ରକ୍ଷା କରିଥିଲା। ଦି ସିଡନୀ ମର୍ନିଂ ହେରାଲ୍ଡ ଏବଂ ଅନ୍ୟାନ୍ୟ ସମ୍ବାଦ ମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏହି ଘଟଣା ଭାରତ-ପାକିସ୍ତାନ ସୀମାରେ ଚାଲିଥିବା ଡ୍ରୋନ ଏବଂ କ୍ଷେପଣାସ୍ତ୍ର ଆକ୍ରମଣର ଏକ ଅଂଶ ଥିଲା।

ଏହି ଉତ୍ତେଜନା ମଧ୍ୟରେ ଭାରତ ଓ ପାକିସ୍ତାନ ଶନିବାର ଏକ ଅସ୍ଥାୟୀ ଯୁଦ୍ଧବିରତି ଚୁକ୍ତିରେ ପହଞ୍ଚିଥିଲେ, ଯାହା ଆମେରିକାର ମଧ୍ୟସ୍ଥତାରେ ସମ୍ଭବ ହୋଇଥିଲା। ତେବେ, ଏହା ପରେ ମଧ୍ୟ ଉଭୟ ଦେଶ ପରସ୍ପର ବିରୁଦ୍ଧରେ ଯୁଦ୍ଧବିରତି ଉଲ୍ଲଂଘନର ଅଭିଯୋଗ ଆଣିଛନ୍ତି।

ଏହି ଘଟଣା ପରେ ବିସିସିଆଇ ଏବଂ ପାକିସ୍ତାନ କ୍ରିକେଟ ବୋର୍ଡ ସୁରକ୍ଷା ଦୃଷ୍ଟିରୁ ଆଇପିଏଲ ଏବଂ ପିଏସଏଲକୁ ସ୍ଥଗିତ ରଖିଛନ୍ତି। ବିସିସିଆଇ ବିଦେଶୀ ଖେଳାଳିମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ପଦକ୍ଷେପ ନେଇଛି। ଅଷ୍ଟ୍ରେଲୀୟ କ୍ରିକେଟ ବୋର୍ଡ ଏହି ଘଟଣା ଉପରେ ଗଭୀର ଚିନ୍ତା ପ୍ରକାଶ କରିଛି ଏବଂ ସେମାନଙ୍କ ଖେଳାଳିମାନଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଉଥିବା କହିଛି। ଏହି ଘଟଣା ବିଶ୍ୱ କ୍ରିକେଟ ଜଗତରେ ଏକ ଆଲୋଡ଼ନ ସୃଷ୍ଟି କରିଛି ଏବଂ ଅଞ୍ଚଳରେ ଶାନ୍ତି ପୁନଃସ୍ଥାପନ ପାଇଁ ଆନ୍ତର୍ଜାତୀୟ ସମୁଦାୟକୁ ଆହ୍ୱାନ କରାଯାଇଛି।

# କିଟ୍-କିସ୍‌ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମୀ

## ୧୫ ବର୍ଷରେ ୨.୫ ଲକ୍ଷ କ୍ରୀଡ଼ା ପ୍ରତିଭା ସୃଷ୍ଟି ଲକ୍ଷ୍ୟ

**ଭୁବନେଶ୍ୱର,୧୧।୫:** କିଟ୍ ଓ କିସ୍‌ରେ ଖୋଲିବ ଲିଆଣ୍ଡର ପେସ୍-ସାମନ୍ତ କ୍ରୀଡ଼ା ଏକାଡେମି ଏନେଇ ଶୁକ୍ରବାର କିଟ୍-କିସ୍ ଓ ଲିଆଣ୍ଡର ପେସ୍‌ଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ଏଥିରେ କିଟ୍ ଓ କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାକ୍ଷର କରିଥିବା ବେଳେ ଅନ୍ୟ ପକ୍ଷରେ ଲିଆଣ୍ଡର୍ ପେସ୍ ଏହି ବୁଝାମଣାରେ ସ୍ୱାକ୍ଷର କରିଛନ୍ତି ବୁଝାମଣାପତ୍ର ଅନୁଯାୟୀ ଲିଆଣ୍ଡର ପେସ୍-ସାମନ୍ତ ଏକାଡେମୀ ଟେନିସ୍ ସମେତ ୧୬ଟି କ୍ରୀଡ଼ାର ବିକାଶ ଦିଗରେ କାର୍ଯ୍ୟ କରିବେ କ୍ରୀଡ଼ା କ୍ଷେତ୍ରରେ ଏକ ସ୍ୱନାମଧନ୍ୟ ଶିକ୍ଷାନୁଷ୍ଠାନ ଭାବେ କିଟ୍ ଓ କିସ୍ ଭାରତରେ ମାଇଲ୍‌ଖୁଣ୍ଟ ସ୍ଥାପନ କରିଥିବାରୁ ଲିଆଣ୍ଡର କିଟ୍ ଓ କିସ୍ ସହ ସହବନ୍ଧିତ ହୋଇ ଏହାକୁ ଆହୁରି ଆଗକୁ ନେବା ପାଇଁ ଆଗେଇ ଆସିଛନ୍ତି ଏଥି ନିମନ୍ତେ କିଟ୍-କିସ୍ ସମସ୍ତ ପ୍ରକାର ଭିତ୍ତିଭୂମି ଯୋଗାଇ ଦେବ ଏବଂ ଲିଆଣ୍ଡର ବୈଷୟିକ ଜ୍ଞାନ ସହ କ୍ରୀଡ଼ା କ୍ଷେତ୍ରରେ ଥିବା ତାଙ୍କର ବିଶେଷ ଜ୍ଞାନ ଯୋଗାଇ ଦେବେ । ଅଲିମ୍ପିଆନ୍, ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ବିଜେତା ପଦ୍ମ ଭୂଷଣ ଲିଆଣ୍ଡର ପେସ୍ ହେଉଛନ୍ତି ଭାରତୀୟ ପୂର୍ବତନ ଟେନିସ୍ ଖେଳାଳି, ପ୍ରଥମ



ଏସୀୟ ପୁରୁଷ ଯିଏକି ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମରେ ସ୍ଥାନ ପାଇଛନ୍ତି। ସେ ୮ଟି ପୁରୁଷ ଯୁଗଳ ଏବଂ ୧୦ଟି ମିଶ୍ରିତ ଯୁଗଳ ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ଜିତି ରେକର୍ଡ କରିଛନ୍ତି।

ଏହି ବୁଝାମଣାପତ୍ର ସ୍ୱାକ୍ଷର କରିବା ପରେ ଲିଆଣ୍ଡର ଖୁସି ବ୍ୟକ୍ତ କରିବା ସହ କ୍ରୀଡ଼ା କ୍ଷେତ୍ରରେ କିଟ୍ ଓ କିସ୍‌କୁ ବିଶ୍ୱରେ ପ୍ରତିଷ୍ଠିତ କରାଇବା ପାଇଁ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିଟ୍ ଓ କିସ୍‌ରେ ସର୍ବୋତ୍କୃଷ୍ଟ କ୍ରୀଡ଼ା ଭିତ୍ତିଭୂମି ରହିଛି ବୋଲି ସେ କହିଛନ୍ତି ଆଗାମୀ ୧୫ ବର୍ଷ ମଧ୍ୟରେ ୨ ଲକ୍ଷ ୫୦ ହଜାର କ୍ରୀଡ଼ା ପ୍ରତିଭା ସୃଷ୍ଟି କରିବା ନେଇ ଲିଆଣ୍ଡର ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ବିପୁଳ ଅଭିଜ୍ଞତା ଥିବା ବିଶ୍ୱର ପ୍ରତିଭାମାନଙ୍କୁ ଆଣି ଏହି ଏକାଡେମୀ ମାଧ୍ୟମରେ ନୂତନ କ୍ରୀଡ଼ା ପ୍ରତିଭାଙ୍କ ଭାବାତ୍ମକ, ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ବିକାଶ ସହ ସେମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ବିଶେଷ ତାଲିମ ଓ ସୁଯୋଗ ଦିଆଯିବ କିଟ୍ ଓ କିସ୍‌ରେ ମୁଁ ପ୍ରଥମ ଏକାଡେମି କରିବାକୁ ଯାଉଥିବାରୁ ବହୁତ ଆନନ୍ଦିତ ବୋଲି ଲିଆଣ୍ଡର କହିଛନ୍ତି। ଅନ୍ୟ ପକ୍ଷରେ ଶ୍ରୀ ସାମନ୍ତ କହିଛନ୍ତି, କିଟ୍ ଓ କିସ୍ ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଗତ ୨୦ ବର୍ଷ ଧରି କ୍ରୀଡ଼ା ଓ କ୍ରୀଡ଼ବିତଙ୍କ ବିକାଶ ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଛି ପଦ୍ମଭୂଷଣ ଲିଆଣ୍ଡର ପେସ୍‌ଙ୍କ ଭଳି ଜଣେ ବ୍ୟକ୍ତିତ୍ୱ କ୍ରୀଡ଼ାର ପ୍ରସାର ନେଇ ଆମ ସହ ଯୋଡ଼ି ହୋଇଥିବାରୁ କିଟ୍ ଓ କିସ୍ ତାଙ୍କୁ କୃତଜ୍ଞତା ଜଣାଉଛି। ଏହା ନିଶ୍ଚିତ ଭାବେ ଆମ ପାଇଁ ଗୌରବର ବିଷୟ ବୋଲି ସେ କହିଛନ୍ତି ଏହି କ୍ରୀଡ଼ା ଏକାଡେମି ପ୍ରତିଷ୍ଠା ହେବା ଦ୍ୱାରା କ୍ରୀଡ଼ାବିତ ବିଶେଷକରି ଓଡ଼ିଶାର କ୍ରୀଡ଼ାବିତ୍ ଉପକୃତ ହେବେ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ବବ୍ କାଉପରଙ୍କ ପରଲୋକ

**ନୂଆଦିଲ୍ଲୀ,୧୧।୫:** ପୂର୍ବତନ ଅଷ୍ଟ୍ରେଲିୟ କ୍ରିକେଟର ବବ୍ କାଉପରଙ୍କ ଦେହାନ୍ତ ହୋଇଛି। ବବ୍ ୮୪ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସେ କର୍କଟ ରୋଗରେ ପୀଡିତ ଥିଲେ। କାଉପରଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଡେଲ୍ ଏବଂ ଝିଅ ଅଲିଭିଆ ଏବଂ ସାରା ଅଛନ୍ତିୟ କ୍ରିକେଟ ଅଷ୍ଟ୍ରେଲିଆ ଏକ୍ସରେ ଏହି କିମ୍ବଦନ୍ତୀ କ୍ରିକେଟରଙ୍କ ମୃତ୍ୟୁ ବିଷୟରେ ସୂଚନା ଦେଇଥିଲା। କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ଲେଖାଯାଇଛି ଯେ ଆଜି ଅଷ୍ଟ୍ରେଲିଆ କ୍ରିକେଟ ବବ୍ କାଉପରଙ୍କ ବିୟୋଗରେ ଶୋକ ପ୍ରକାଶ କରୁଛି। ବବ୍ ଜଣେ ଚମତ୍କାର ବାମହାତୀ ବ୍ୟାଟସମ୍ୟାନ ଥିଲେ ଯିଏ ଅଷ୍ଟ୍ରେଲିଆ ପାଇଁ ୫ଟି ଟେଷ୍ଟ ଶତକ ମାରିଥିଲେ। ବବ୍ କାଉପର୍ ଜଣେ ବାମହାତୀ ବ୍ୟାଟସମ୍ୟାନ ଥିଲେ ଯିଏ ୨୭ଟି ଟେଷ୍ଟ ମ୍ୟାଚ୍ ଖେଳି ୪୬.୮୪ ହାରରେ ୨୦୬୧ ରନ କରିଥିଲେ। ଏହି ସମୟ ମଧ୍ୟରେ ସେ ପା ଟି ଶତକ ଏବଂ ୧୦ଟି ଅର୍ଦ୍ଧଶତକ ହାସଲ କରିଥିଲେ। ସେ ବବ୍ ସିମ୍ପସନ୍, ଡଗ୍ ୱାଲ୍ଟର୍ସ, ଇଆନ୍ ଚାପେଲ୍ ଏବଂ ବିଲ୍ ଲରିଙ୍କ ଭଳି ଖେଳାଳିଙ୍କ ସହିତ ଅଷ୍ଟ୍ରେଲିଆ ପାଇଁ ଟେଷ୍ଟ କ୍ରିକେଟ୍ ଖେଳିଥିଲେ। ବବ୍ କାଉପରଙ୍କ ପାଖରେ ଏପରି ଏକ ରେକର୍ଡ ଅଛି ଯାହାକୁ କେବେ ଭାଙ୍ଗିପାରିବ ନାହିଁ।

## ବିଶ୍ୱାସ ନ ହେଲେ ବି ସତ !

# ୪ ବର୍ଷ ପୂର୍ବେ ବି ଦିଲ୍ଲୀ-ପଞ୍ଜାବ ମ୍ୟାଚରେ ସ୍ଥଗିତ ରହିଥିଲା ଆଇପିଏଲ

ନୂଆଦିଲ୍ଲୀ,୧୧।୫: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆଜି ଅସ୍ତ୍ରବିରତି ଘୋଷଣା ହୋଇଛି।ତେବେ ଆଇପିଏଲ ୨୦୨୫କୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଛି। ଆପଣଙ୍କୁ କହି ରଖୁଛୁ ଯେ ଗତ ଗୁରୁବାର ଧର୍ମଶାଳାରେ ପଞ୍ଜାବ କିଙ୍ଗ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ବାତିଲ ଘୋଷଣା କରାଯାଇଥିଲା। ମ୍ୟାଚ୍ ବାତିଲ ଘୋଷଣା ହେବା ପରେ ତୁରନ୍ତ ପଡ଼ିଆ ଖାଲି କରାଯାଇଥିଲା। ପ୍ରକୃତରେ, ଆଇପିଏଲ ୨୦୨୫ରେ ଏକ ଆଶ୍ଚର୍ଯ୍ୟଜନକ ସଂଯୋଗ ରହିଛି। କାରଣ ୪ ବର୍ଷ ପୂର୍ବେ ମଧ୍ୟ ଦିଲ୍ଲୀ-ପଞ୍ଜାବ ମ୍ୟାଚ୍ ପରେ ଆଇପିଏଲ ଟୁର୍ଣ୍ଣାମେଣ୍ଟ ସ୍ଥଗିତ ରଖାଯାଇଥିଲା ।ଏହା ଚାରି ବର୍ଷ ପୂର୍ବେ, ଅର୍ଥାତ ୨୦୨୧ ମସିହାରେ ଘଟିଥିଲା, ଯେତେବେଳେ ସାରା ବିଶ୍ୱରେ କରୋନା ଭାଇରସ୍ ମହାମାରୀ ଶୀର୍ଷରେ ଥିଲା।

ସେହି ଦିନ ଥିଲା ୨ ମଇ ୨୦୨୧, ଯେତେବେଳେ ପଞ୍ଜାବ କିଙ୍ଗସ୍ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏକ ମ୍ୟାଚ୍ ଥିଲା, କିନ୍ତୁ ବଢୁଥିବା କରୋନା ମାମଲା ଯୋଗୁଁ, ଆଇପିଏଲକୁ ମଝିରେ ବନ୍ଦ କରିଦିଆଯାଇଥିଲା। ପ୍ରାୟ ସାଢ଼େ ୪ ମାସ ପରେ, ବାକି ଟୁର୍ଣ୍ଣାମେଣ୍ଟ ୟୁଏଇରେ ଆୟୋଜିତ ହୋଇଥିଲା। ୪ ବର୍ଷ ପରେ, ଆଇପିଏଲ ୨୦୨୫ରେ ମଧ୍ୟ ଦିଲ୍ଲୀ କ୍ୟାପିଟାଲ୍ସ ବନାମ ପଞ୍ଜାବ କିଙ୍ଗ୍ସ ମ୍ୟାଚ୍ ପରେ ଟୁର୍ଣ୍ଣାମେଣ୍ଟକୁ ବନ୍ଦ କରିଦିଆଯାଇଛି। ଏହାକୁ କେବଳ ଏକ ସଂଯୋଗ କୁହାଯାଇପାରେ ଯେ ଉଭୟ ସିଜିନରେ ଦିଲ୍ଲୀ-ପଞ୍ଜାବ ମ୍ୟାଚ୍ ପରେ ଟୁର୍ଣ୍ଣାମେଣ୍ଟ ମଝିରେ ବନ୍ଦ ହୋଇଯାଇଥିଲା। ସେହି ସିଜିନରେ ପ୍ଲେଅଫରେ ପହଞ୍ଚିଥିବା ଦଳଗୁଡ଼ିକ ଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ, ଚେନ୍ନାଇ ସୁପର କିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଏବଂ କୋଲକାତା ନାଇଟ୍ ରାଇଡର୍ସ।ଫାଇନାଲ୍ ଚେନ୍ନାଇ ଏବଂ କୋଲକାତା ମଧ୍ୟରେ ଖେଳାଯାଇଥିଲା, ଯେଉଁଥିରେ ସିଏସକେ ୨୭ ରନରେ ବିଜୟୀ ହୋଇ ଚତୁର୍ଥ ଥର ପାଇଁ ଆଇପିଏଲ ଟାଇଟଲ୍ ଜିତିଥିଲା।




# ପାକିସ୍ତାନକୁ ସେହବାଗଙ୍କ ସମାଲୋଚନା, ଭାରତୀୟ ସେନାକୁ ନୀରଜଙ୍କ ସମର୍ଥନ

ନୂଆଦିଲ୍ଲୀ,୧୧।୫: ଭାରତ ଓ ପାକିସ୍ତାନ ମଧ୍ୟରେ ସଂପ୍ରତି ଚାଲିଥିବା ଉତ୍ତେଜନାକୁ ନେଇ ପୂର୍ବତନ ଭାରତୀୟ କ୍ରିକେଟର୍ ବୀରେନ୍ଦ୍ର ସେହବାଗ ପାକିସ୍ତାନ କାର୍ଯ୍ୟକଳାପକୁ ସମାଲୋଚନା କରିଛନ୍ତି। ଭାରତ ଉପରେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନର ସେନା ଦ୍ୱାରା ଅନାବଶ୍ୟକ ଆକ୍ରମଣକୁ ସେ କଡ଼ା ନିନ୍ଦା କରିଛନ୍ତି। ଏକ୍ସ ପୃଷ୍ଠାରେ ସେହବାଗ ଲେଖିଛନ୍ତି, ଯୁଦ୍ଧ ପାକିସ୍ତାନ ବାଛିଛି ଆମ ସେନା ଏହାର ଦୃଢ଼ ଜବାବ ଦେଇଛି




ଏହାକୁ କେବେ ପାକିସ୍ତାନ ଭୁଲି ପାରିବନି।

ସେହିପରି ଅଲିମ୍ପିକ୍ସ ବିଜେତା ଜାଭ୍‌ଲିନ୍ ଫିଙ୍ଗାଳି ନୀରଜ ଚୋପ୍ରା ଭାରତୀୟ ସେନାଙ୍କୁ ପ୍ରଶଂସା କରିବା ସହ ସାହସ ଦେବାକୁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି। ସେ ଲେଖିଛନ୍ତି, ଆମେ ଆମର ସାହସୀ ଭାରତୀୟ ସେନା ପାଇଁ ଗର୍ବିତ ସେମାନେ ଆମ ଦେଶ ପାଇଁ ଆତଙ୍କବାଦୀଙ୍କ ସହ ଲଢୁଛନ୍ତି । ଏବେ ଆମର କାର୍ଯ୍ୟ ହେଉଛି, ଏହି ସମୟରେ ଦେଶର ସୁରକ୍ଷା ଦୃଷ୍ଟିରୁ ସମସ୍ତ ନିୟମ ମାନିବା ଜୟ ହିନ୍ଦ୍ ଜୟ ଭାରତ, ଜୟ ହିନ୍ଦ୍ କି ସେନା ପୂର୍ବତନ ଭାରତୀୟ କ୍ରିକେଟର୍ ପ୍ରଜ୍ଞାନ ଓଝା, ହରଭଜନ ସିଂହ ଓ କ୍ରିଷ୍ଣମାଚାରୀ ଶ୍ରୀକାନ୍ତ ଏକ୍ସରେ ଲେଖାଲେଖି ଭାରତୀୟ ସେନାକୁ ସହଯୋଗ କରିବାକୁ ଦେଶବାସୀଙ୍କୁ ଅନୁରୋଧ କରିଛନ୍ତି।

# ୧୦ ବର୍ଷରୁ ଉର୍ଦ୍ଧ୍ୱ ହେଲା ମିନି ଷ୍ଟାଡିୟମ କାର୍ଯ୍ୟ ଅଧାପନ୍ତରିଆ ପଡ଼ିଛି

ରାଇରଙ୍ଗପୁର/ବିଜାତଳା,୧୧।୫: ୧୦ ବର୍ଷ ବିତିଗଲାଣି ମୟୂରଭଂଜ ଜିଲ୍ଲା ବାମନଘାଟି ଉପଖଣ୍ଡ ବିଜାତଳା ବ୍ଲକ୍ ଅନ୍ତର୍ଗତ ଖନ୍ତ ଛକ ନିକଟରେ ନିର୍ମିତ ମିନି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। ଫାଟକ ଓ ପାଚେରୀ କାମ ଶେଷ କରି ଚୁପଚାପ ବସିଛନ୍ତି। ବିଭାଗୀୟ ଅଧିକାରୀ ଆଶା ଥିଲା, ଷ୍ଟାଡ଼ିୟମ କାମ ଶେଷ ହେବା ପରେ ସ୍ଥାନୀୟ ଯୁବକଯୁବତୀ ବିଭିନ୍ନ ପ୍ରକାର ଖେଳଖେଳି ଖେଳିବାକୁ ସହଜ ହେବ ଏଥିସହିତ କ୍ରୀଡ଼ା କ୍ଷେତ୍ରରେ ଅଗ୍ରସର ହେବାକୁ ଏହା ସୁଯୋଗ ସୃଷ୍ଟି କରିବ କିନ୍ତୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ଧରି କାମ ଅଧାପନ୍ତରିଆ ପଡ଼ି ରହିଥିବାରୁ ସ୍ଥାନୀୟ କ୍ରୀଡ଼ାବିତଙ୍କ ମଧ୍ୟରେ ନୈରାଶ୍ୟ ଭାବ ଦେଖାଦେଇଛି।

ସୂଚନା ଅନୁସାରେ, ସାରସକଣା ବିଧାୟକ ଭାଦବ ହାଁସଦା ବିଧାୟକ ଥିବା ସମୟରେ ମିନି ଷ୍ଟାଡିୟମ ନିର୍ମାଣ ପାଇଁ କ୍ରୀଡ଼ା ବିଭାଗ ପକ୍ଷରୁ ଖନ୍ତସ୍ଥିତ ଖେଳ ପଡିଆକୁ ଚିହ୍ନଟ କରାଯାଇଥିଲା। ଏଥିପାଇଁ ୨୦୧୫-୧୬ ଆର୍ଥିକ ବର୍ଷରେ ୧୦ ଲକ୍ଷ ଓ ପରେ ୨୦୧୬-୧୭ ଆର୍ଥିକ ବର୍ଷରେ ପୁଣି ୧୦ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ଏହି ଅନୁଦାନ ରାଶିରେ ପଡ଼ିଆ। ସମତୁଲ କରାଯାଇ ଏକ ଘର ଓ ଏହା ଉପରେ ଦର୍ଶକ ଗ୍ୟାଲେରି ନିର୍ମାଣ କରାଯିବା ସହ ଷ୍ଟାଡିୟମର ଏକ ଫାଟକ ନିର୍ମାଣ କରାଯିବାର ଯୋଜନା ରହିଥିଲା।



ତେବେ ଏହି ଷ୍ଟାଡିୟମ ସମ୍ପୂର୍ଣ୍ଣ ହେବା ପାଇଁ ଆହୁରି ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ଆଉ କାମ ଆଗେଇ ପାରିନଥିଲା ଫଳରେ ଏବେ ଏହା ଅଧାପନ୍ତରିଆ ହୋଇ ପଡ଼ି ରହିଛି। ସ୍ଥାନୀୟ ଜନପ୍ରତିନିଧି,ବିଭାଗୀୟ ଅଧିକାରୀଙ୍କୁ ଇଚ୍ଛା ଶକ୍ତିର ଅଭାବ ଯୋଗୁ ଏହି ଷ୍ଟାଡିୟମ ପାଇଁ ଅଧିକ ଅନୁଦାନ ଆସି ପାରୁ ନଥିବା ସାଧାରଣରେ ଅଭିଯୋଗ ହେଉଛି। ଯେଉଁଥି ପାଇଁ ୧୦ ବର୍ଷ ହେଲା ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରୁନି କି ଏହା କାର୍ଯ୍ୟକ୍ଷମ ହୋଇ ପାରୁନି। ଫଳରେ କ୍ରୀଡ଼ାବିତ୍ ଓ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଥରେ ବିଜେଡି ବିଧାୟକ ଏବଂ ଦୁଇଦୁଇ ଥର ବିଜେପି ବିଧାୟକ ଉକ୍ତ ନିର୍ବାଚନ ମଣ୍ଡଳୀରେ ନିର୍ବାଚିତ ହୋଇଥିଲେ ମଧ୍ୟ ଅଧାପନ୍ତରିଆ ଥିବା ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରୁନି ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଅନ୍ୟପଟେ ସ୍ଥାନୀୟ ଅଞ୍ଚଳର କ୍ରୀଡ଼ାବିତମାନେ ଏନେଇ କ୍ଷୋଭ ପ୍ରକାଶ କରି କହିଛନ୍ତି, ୧୦ ବର୍ଷ ଧରି ମିନିଷ୍ଟାଡିୟମ କାମ ସରୁନି କ୍ରୀଡାବିତ୍ମାନେ କହିବା ଅନୁଯାୟୀ ମିନି ଷ୍ଟାଡିୟମ ନିର୍ମାଣ ହେବା ପୂର୍ବରୁ ଉକ୍ତ ପଡ଼ିଆରେ ବିଭିନ୍ନ ପ୍ରକାର ଖେଳ ଖେଳୁଥିଲେ। କିନ୍ତୁ ନିର୍ମାଣ ଅଧପନ୍ତରିଆ ଥିବାରୁ ପଡିଆର ଅସ୍ଥା ଅତି ଶଚନିୟ ଥିବାରୁ ଖେଳିବାରୁ ବଞ୍ଚିତ ହେଉଛନ୍ତି ଜନପ୍ରତିନିଧି ଆନ୍ତରିକତାର ସହିତ ଉଦ୍ୟମ କରିବା ଉଚିତ ଷ୍ଟାଡିୟମ କାର୍ଯ୍ୟକାରୀ ହେଲେ ଏହି ଅଞ୍ଚଳରୁ ବହୁ ଖେଳାଳି ସୃଷ୍ଟି ହୋଇ ଦେଶବିଦେଶରେ ନାମ ରଖିଥାନ୍ତେ ।

# ଆଇପିଏଲ୍ ସସ୍‌ପେଣ୍ଡ ପରେ ସ୍ୱଦେଶ ଫେରିଗଲେ ଖେଳାଳି

ନୂଆଦିଲ୍ଲୀ,୧୧।୫: ଭାରତ-ପାକିସ୍ତାନ ସୀମାରେ ଉତ୍ତେଜନା ଯୋଗୁ ହାଇ-ପ୍ରୋଫାଇଲ ଟି୨୦ ଲିଗ୍ ଆଇପିଏଲ୍‌କୁ ଏକ ସପ୍ତାହ ପାଇଁ ସସ୍‌ପେଣ୍ଡ କରାଯିବା ପରେ ବିଭିନ୍ନ ଫ୍ରାଞ୍ଚାଇଜରୁ ପ୍ରତିନିଧି କରୁଥିବା ବିଦେଶୀ ଖେଳାଳିମାନଙ୍କ ମଧ୍ୟରୁ ଅଧିକାଂଶ ସ୍ୱଦେଶ ଫେରିଛନ୍ତି ପଡ଼ୋଶୀ ଜମ୍ମୁ ଓ ପଠାନ୍‌କୋଟ ସହରରେ ବିମାନ ଆକ୍ରମଣର ଚେତାବନୀ ପରେ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଧର୍ମଶାଳାରେ ଗତ ଗୁରୁବାର ଖେଳାଯାଉଥିବା ପଞ୍ଜାବ କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍‌କୁ ଅଧାରୁ ବାତିଲ କରିଦିଆଯାଇଥିଲା ଶୁକ୍ରବାର ଆଇପିଏଲ୍‌କୁ ଏକ ସପ୍ତାହ ପାଇଁ ସସ୍‌ପେଣ୍ଡ କରାଯାଇଥିଲା। ଟୁର୍ନାମେଣ୍ଟ ସସ୍‌ପେଣ୍ଡ ପରେ ଖେଳାଳିମାନେ ଘରବାହୁଡ଼ା ଆରମ୍ଭ କରିଦେଇଥିଲେ ବିଦେଶୀ ଖେଳାଳିମାନେ ମଧ୍ୟ ସେମାନଙ୍କ ଦେଶକୁ ଫେରିଯାଉଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି) କହିଛି, ଏହାର ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ମାନେ ସୁରକ୍ଷିତ ଭାବେ ବେଙ୍ଗାଲୁରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଘରମୁହାଁ ହୋଇଛନ୍ତି।



Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ